READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ | ସଂଖ୍ୟା-୧୧ | ୨୭ ମାର୍ଚ୍ଚ - ୨ ଏପ୍ରିଲ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-11 | 27th MARCH- 2nd APRIL, 2023 | BHUBANESWAR | ₹ 5/- (8 Pages)

### ମହାନଦୀ ଟ୍ରିବ୍ୟୁନାଲକୁ ନେଇ ପୁଣିଥରେ ରାଜନୈତିକ ବୟାନବାଜି

# ଗର୍ଜିଲେ ବିଜୟ, ନରସିଂହ



**ଭୁବନେଶ୍ୱର :** ହୀରାକୁଦରେ ପାଣି ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ୟାର ସମାଧାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ହୀରାକୁଦରେ ପାଣି ସମସ୍ୟା ଉଦବେଗଜନକ। ହୀରାକୁଦ ଇତିହାସରେ ଏମିତି ପ୍ରଥମଥର ସଙ୍କଟ ଦେଖାଦେଇଛି। ହୀରାକୁଦ ଜଳସ୍ତର ଏତେ ତଳ ସ୍ତରକୁ ଚାଲିଯିବ କେହି ଅନୁମାନ କରିନଥିବେ। ଏହା ଦ୍ୱାରା ୧୪ରୁ ୧୫ ଜିଲ୍ଲା କ୍ଷତିଗ୍ରସ୍ତ ହେବ। ସରକାରଙ୍କ ପାଖରେ ଏମିତି ସମସ୍ୟା ନେଇ ଖବର ନଥିଲା କେମିତି। ଏବେ ହୀରାକୁଦରେ ଜଳସ୍ତର ୬୧୬.୬୯ ଫୁଟ୍ ଅଛି। ଗତବର୍ଷ ଏହା ୬୨୧.୫ ଫୁଟ୍ ଥିଲା। ୪ ଦିନ ତଳେ ୬୧୭.୫୧ ଫୁଟ୍ ଥିଲା। ଅର୍ଥାତ ୪ ଦିନରେ ଗୋଟିଏ ଫୁଟ୍ କମିଛି, ଯଦି ଏହି ହାରରେ ପାଣି କମେ ମେ ଶେଷ ବେଳକୁ ୬୦୦ଫୁଟରେ ପହଞ୍ଚିବ। ଆଉ ୬୦୦ ଫୁଟରେ ପହଞ୍ଚିଲେ ପିଇବା ପାଣି, ଚାଷ ପାଣି ସମସ୍ୟା ସହ ବିଜୁଳି ଉତ୍ପାଦନ ବନ୍ଦ ହେବ। ଡ଼ିସେମ୍ବରରୁ ଏ ସମସ୍ୟା ଆରମ୍ଭ ହେଲାଣି, ଏବେ ମାର୍ଚ୍ଚରେ ଏଭଳି ସ୍ଥିତି ହେଲାଣି, ଆଉ ମେ ବେଳକୁ କଣ ହେବ ଅନୁମାନ କରିବା ମୁସ୍କିଲ। ଜୁନ୍ ମାସରେ ହୀରାକୁଦ ଡେଡ ଷ୍ଟୋରେଜ ଲେବଲକୁ ଆସିଯିବ। ➤ ପୃ-୬

## ଅନ୍ଧାରରେ ରାଜ୍ୟର ୧୧,୭୧୦ ସ୍କୁଲ

**ଭୁବନେଶ୍ୱର :** ରାଜ୍ୟରେ ଅନ୍ଧାରରେ ୧୧ ହଜାର ୭୧୦ ସ୍କୁଲ। ଏହି ସ୍କୁଲଗୁଡ଼ିକୁ ବିଦ୍ୟୁତ ସଂଯୋଗ ହୋଇନି। ସେହିପରି ୨୧ ହଜାର ୦୬୫ ସ୍କୁଲରେ ଖେଳ ପଡ଼ିଆ, ୪୧ ହଜାର ୯୯୬ ସ୍କୁଲରେ କମ୍ପ୍ୟୁଟର, ୬ ହଜାର ୭୮୧ ସ୍କୁଲରେ ଆବଶ୍ୟକୀୟ କ୍ଲାସ ରୁମ୍ ନାହିଁ। ରାଜ୍ୟର ୬ ହଜାର ୧୧ ସ୍କୁଲରେ ଛାତ୍ର ଅନୁପାତରେ ଶିକ୍ଷକ ନାହାନ୍ତି। ୨୦୨୧-୨୨ରେ ମାଧ୍ୟମିକ ସ୍ତରରେ ଡ୍ରପଆଉଟ ହାର ୨୭.୨୬ ପ୍ରତିଶତ ରହିଛି। ମୋହନ ମାଝୀଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ଉତ୍ତର ରଖିଛନ୍ତି। ୨୦୨୩-୨୪ରେ ପିଏବି ବୈଠକରେ କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟର ସ୍କୁଲଗୁଡ଼ିକ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ ଓ ଅନୁମୋଦନ ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ଉତ୍ତରରେ ଜଣାଇଛନ୍ତି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି, ଗତ ୮ ବର୍ଷ ଭିତରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର ପାଇଁ ସମୁଦାୟ ୧୯ ହଜାର ୪୯୦ ଜଣ ଶିକ୍ଷା ସହାୟକ ନିଯୁକ୍ତ ହୋଇଛନ୍ତି। ଏହା ମଧ୍ୟରୁ ୨୦୧୪-୧୫ରେ ୯୫୩୯ ଜଣ, ୨୦୧୬-୧୭ରେ ୯୯୫୧ ଜଣ ଶିକ୍ଷା ସହାୟକ ନିଯୁକ୍ତ ହୋଇଛନ୍ତି। ସେପଟେ ସ୍କୁଲ ରୁପାନ୍ତରିକରଣକୁ ନେଇ ବିଧାନସଭାରେ ସରଗରମ ଆଲୋଚନା ହୋଇଥିଲା। ରାଜ୍ୟରେ ଶିକ୍ଷକ ଅଭାବ, ➤ ପୃ-୬

# ‘ବିଜୁ ଆତ୍ମନିଯୁକ୍ତି ଯୋଜନା’ ବନ୍ଦ ପଛରେ କାରଣ କ’ଣ ?

**ଭୁବନେଶ୍ୱର :** ରାଜ୍ୟର ଯୁବବର୍ଗଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ କ୍ଷୁଦ୍ର ଉଦ୍ୟୋଗୀ କରିବା ନିମନ୍ତେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାଁରେ ୨୦୧୫-୧୬ ମସିହାରେ ଆରମ୍ଭ କରିଥିବା ‘ବିଜୁ ଆତ୍ମନିଯୁକ୍ତି ଯୋଜନା’କୁ ରାଜ୍ୟ ସରକାର ବନ୍ଦ କରିଦେଇଛନ୍ତି। ଏହି ଯୋଜନାରେ ୧୮ରୁ ୪୦ବର୍ଷ ବୟସର ଯୁବକଯୁବତୀଙ୍କୁ ୨ରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରି ସେମାନଙ୍କୁ ଉଦ୍ୟୋଗୀ କରିବା ସହ ଆତ୍ମନିର୍ଭରଶୀଳ ପାଇଁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ଏହି ଯୋଜନାରେ ମାତ୍ର ୧୦କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଏହାକୁ ବନ୍ଦ କରିଦେଇଛନ୍ତି। ରାଜ୍ୟରେ ୧୮ରୁ ୩୫ବର୍ଷ ବୟସର ପ୍ରାୟ ଦେଢ଼ କୋଟିରୁ ଅଧିକ ଜନସଂଖ୍ୟା ବା ୪୨ ପ୍ରତିଶତ ଲୋକ ଥିବାବେଳେ ସେମାନଙ୍କୁ ‘ବିଜୁ ଆତ୍ମନିଯୁକ୍ତି ଯୋଜନା’ର ସ୍ୱପ୍ନ ଦେଖାଇ ଠକିଥିବା ରାଜ୍ୟ ସରକାର ଏବେ ମିଶନଶକ୍ତି ମହିଳାମାନଙ୍କୁ ଉଦ୍ୟୋଗୀ କରିବାର ସ୍ୱପ୍ନ ଦେଖାଉଥିବା ଜଣାପଡ଼ିଛି। ରାଜ୍ୟ ଏମଏସଏମଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ବିଜୁ ଆତ୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ୨୦୧୫-୧୬ ମସିହାରେ ଏହି ଯୋଜନା ପାଇଁ ବ୍ୟୟବରାଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ନିର୍ଦ୍ଦେଶରେ ଏହି ଅର୍ଥ ଉଦ୍ୟୋଗୀଙ୍କ ସହାୟତା ପାଇଁ ବ୍ୟୟ କରାଯାଇଥିଲା। ଏମଏସଏମଇ ୟୁନିଟ୍ ପାଇଁ ଭ୍ୟାଟ୍ ସବସିଡି ବାବଦରେ ୬.୮୨କୋଟି ଟଙ୍କା, କ୍ଷୁଦ୍ର ଉଦ୍ୟୋଗୀଙ୍କୁ ୧.୩୬କୋଟି ଟଙ୍କା ସବସିଡି, ଜିଲ୍ଲାସ୍ତରରେ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଓ ଉଦ୍ୟୋଗୀ ସପ୍ତାହ ପାଳନ ପାଇଁ ୨୪ଲକ୍ଷ ଟଙ୍କା, ରୋଡ୍ ଶୋ’ ପାଇଁ ୧୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଧାୟକ ନାଉରୀ ନାୟକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ଦେବ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ଶିକ୍ଷିତ ବେକାର ଯୁବକଯୁବତୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ବିଜୁବାବୁଙ୍କ ନାଁରେ ଆରମ୍ଭ ହୋଇଥିବା ‘ବିଜୁ ଆତ୍ମନିଯୁକ୍ତି ଯୋଜନା’କୁ ➤ ପୃ-୬

### ‘ବନ୍ଦେ ଉତ୍କଳ ଜନନୀ’କୁ ମିଳୁନି ଉଚିତ୍ ସମ୍ମାନ

# ଜିଲ୍ଲାପାଳ-ଏସ୍‌ପିଙ୍କୁ ତାଗିଦ୍ କଲେ ସରକାର




**ଭୁବନେଶ୍ୱର :** ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା ‘ବନ୍ଦେ ଉତ୍କଳ ଜନନୀ’କୁ ମନଇଛା ଗାଇ ଏହାର ଅସମ୍ମାନ କରାଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଅନେକ ସ୍ଥାନରେ ଉଲ୍ଲଘଂନ ହେଉଛି। ଏପ୍ରିଲ୧ରେ ଉତ୍କଳ ଦିବସ ପାଳନ ପୂର୍ବରୁ ରାଜ୍ୟ ସଂସ୍କୃତି ବିଭାଗ ଏନେଇ ଚିନ୍ତା ବ୍ୟକ୍ତ କରିବା ସହ ଏହି ରାଜ୍ୟ ସଙ୍ଗୀତ ଗାୟନବେଳେ ସରକାରଙ୍କ ନିର୍ଦ୍ଦେଶନାମାକୁ ଅନୁସରଣ ଓ ଅନୁପାଳନ କରିବା ବାଧ୍ୟତାମୂଳକ ବୋଲି ସମସ୍ତ ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ ଚିଠି ଲେଖି ଅବଗତ କରିଛି। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ମାର୍ଚ୍ଚ ୨୪ତାରିଖରେ ସମସ୍ତ ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ ଚିଠି ଲେଖି ଓଡ଼ିଶାର ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’କୁ ସଠିକ୍ ଭାବେ ପରିବେଷଣ ନିମିତ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, କାନ୍ତକବି ଲକ୍ଷ୍ମୀକାନ୍ତ ➤ ପୃ-୬

# ଜାପାନରୁ ଆସିବ ପୁଞ୍ଜି; ଏପ୍ରିଲରେ ହେବ ନିବେଶକ ସମ୍ମିଳନୀ

**ଭୁବନେଶ୍ୱର :** ଭୁବନେଶ୍ୱର: ଏପ୍ରିଲ ପ୍ରଥମ ସପ୍ତାହରେ ଜାପାନ ଗସ୍ତ କରିପାରନ୍ତି ମୁଖ୍ୟମନ୍ତ୍ରୀ ନୀନ ପଟ୍ଟନାୟକ। ବିଦେଶରୁ ଆସିବ ଆହୁରି ପୁଞ୍ଜି। ଏହି ଗସ୍ତ ସମୟରେ ଜାପାନର ବଡ଼ ବଡ଼ କମ୍ପାନୀ ଓଡ଼ିଶାରେ କିପରି ପୁଞ୍ଜିନିବେଶ କରିବେ ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବେ। ୨୦୧୮ ମେକ ଇନ ଓଡ଼ିଶା କନକ୍ଲେଭରେ କଣ୍ଟ୍ରି ପାର୍ଟନର ଥିବା ଜାପାନ ସହ ଓଡ଼ିଶା ବାଣିଜ୍ୟ ସାଂସ୍କୃତିକ ସମ୍ପର୍କ ଭଲ ଥିବାରୁ ନବୀନଙ୍କ ଜାପାନ ଗସ୍ତ ବେଶ ସଫଳ ହେବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନ୍ୟପଟେ ଜାପାନରେ ଅଧିକ ଟେକ୍ନୋଲୋଜି ଭିତ୍ତିକ ଶିଳ୍ପ ରହିଥିବାରୁ ଏହି କ୍ଷେତ୍ରରେ ଅଧିକ ପୁଞ୍ଜି ଆସିବ ବୋଲି ଆଶା ରଖିଛି ଶାସକ ଦଳ। ରୋମ, ଦୁବାଇ ପରେ ସୂର୍ଯୋଦୟର ଦେଶ ଜାପାନରୁ ଛୁଟିବ ପୁଞ୍ଜିର

### ଯୋଗ ଦେବେ ମୁଖ୍ୟମନ୍ତ୍ରୀ

ସୁଅ। ନିବେଶକାରୀଙ୍କ ସହ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏପ୍ରିଲ ପ୍ରଥମ ସପ୍ତାହରେ ଗସ୍ତ। ଫୋକସରରେ ରହିବ ଟେକ୍ନୋଲଜି ଭିତ୍ତିକ ଶିଳ୍ପ। ଜାପାନ ସହ ଓଡ଼ିଶାର ବାଣିଜ୍ୟ ଓ ସାଂସ୍କୃତିକ ସୁ-ସମ୍ପର୍କ ରହିଥିବାରୁ ଏହାକୁ ଆହୁରି ମଜଭୁତ କରାଯିବ। ଏପ୍ରିଲ ପ୍ରଥମ ସପ୍ତାହରେ ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତ କରିବାର ସମ୍ଭାବନା ରହିଛି। ଓଡ଼ିଶାରେ ଟେକ୍ନୋଲୋଜି ଭିତ୍ତିକ ଶିଳ୍ପରେ ପୁଞ୍ଜି ନିବେଶ ପାଇଁ ନବୀନ ନିବେଶକାରୀଙ୍କ ସହ ଆଲୋଚନା କରିବେ। ଓ୍ୱାନ ଟୁ ଓ୍ୱାନ ଆଲୋଚନା ସହ ରୋଡ ଶୋ’ ମାଧ୍ୟମରେ ଇନଭେଷ୍ଟର୍ସଙ୍କୁ ଆକୃଷ୍ଟ କରିବେ। ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ଖଣି, ଆଇଟି, କ୍ଷେତ୍ରରେ ଓଡିଶାରେ ପୁଞ୍ଜିନିବେଶ କରିବାର ବ୍ୟାପକ ସୁଯୋଗ ରହିଛି ବୋଲି ଜାପାନ ନିବେଶକାରୀଙ୍କୁ ବୁଝାଇବେ। ଓଡ଼ିଶାର ନୂଆ ଶିଳ୍ପନୀତି ସହ ସବୁ କ୍ଷେତ୍ରରେ ➤ ପୃ-୬

## ବକ୍ରବାଣୀ



ଦି’ମାସ ପୁରିନି ବୋପାର ଯିବା
ନାଚୁଚି ଝୁଅଟା ଥେଇ ଥେଇକା
ରାଜନୀତି ନିଶା ଘାରିଚି ତାକୁ
ଭୁଲିଗଲା ସବୁ ଚୌକି ପାଇଁକା
ହାତ ହାତ କହି ଭୋଅଟ ନେଇ
ଗପ ଶୁଣଉଚି ନିଶୁଆ ବୁଢ଼ା
ଭିତରେ ଭିତରେ ସୌଦା କଲାଣି
ପୁଅକୁ ଶଙ୍ଖରେ କରିବ ଛିଡ଼ା
ଛାମୁଁ ଏଠୁ ଥାଇ ମନ୍ତର କଲେ
ଘଡ଼େଇ ଭିଣେଇ ଗାଦୀ ପାଇଲେ।

—— ଟୁଟୁ

### ବ୍ୟକ୍ତିଗତ ସ୍ତରକୁ ନଯାଉ ସାମ୍ବାଦିକତା

# ଲୋକପ୍ରିୟତା ହରାଇ ନାହାନ୍ତି ମନୋରଞ୍ଜନ

**ଭୁବନେଶ୍ୱର, (ଲିଙ୍ଗରାଜ ଦାଶ) :** ଗତ କିଛିଦିନ ଧରି ଏକ ୱେବ ମିଡିଆରେ ଆଉ ଗୋଟେ ପ୍ରତିଷ୍ଠିତ ସାଟେଲାଇଟ ଚ୍ୟାନେଲର ଏଡିଟରଙ୍କ ବିରୋଧରେ ଜୋରଦାର ଭର୍ତ୍ସନା କରାଯାଉଛି। ଏହା ଏତେ ତଳ ସ୍ତରକୁ ଯାଉଛି ଯେ, ଏଥିରେ ତଥ୍ୟ ପ୍ରସାରଣ ଅପେକ୍ଷା ବ୍ୟକ୍ତିଗତ କ୍ରୋଧ ଅଧିକ ପ୍ରଦର୍ଶିତ ହେଉଛି। ତେବେ ଘଟଣା ସମ୍ପର୍କରେ ଯାହା ଜାଣିବାକୁ ମିଳୁଛି ତାହା ହେଲା ନିର୍ଦ୍ଦିଷ୍ଟ ଗଣମାଧ୍ୟମର ଜଣେ ପ୍ରତିନିଧି ଲାଞ୍ଚ ଖାଇ ଜେଲ ଯାଇଛନ୍ତି। ଆଇନ ସମସ୍ତଙ୍କ ପାଇଁ ସମାନ, ଯିଏ ଦୋଷ କରିବ ସିଏ ଦଣ୍ଡ ପାଇବ। କହିବାର କଥା ହେଉଛି, ରାଜ୍ୟରେ ଯେତିକି ଆଗ ଧାଡ଼ିର ସମ୍ବାଦପତ୍ର ହେଉ କି ଟିଭି ଚ୍ୟାନେଲ ସମସ୍ତଙ୍କ ଏଡିଟର କ’ଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମ୍ବାଦିକ ବା ପ୍ରତିନିଧିଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ସମ୍ଭବ? ଆମ ଜାଣିବାରେ ଏହା ସହଜ କାର୍ଯ୍ୟ ନୁହେଁ। କାରଣ କାର୍ଯ୍ୟ କରୁଥିବା ସବୁ ସାମ୍ବାଦିକଙ୍କୁ ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକ ବୋଲି କହିପାରିବା କି! ଜଣେ ସାମ୍ବାଦିକ ନିଜ ଉଦ୍ୟମରେ ଅନୁସନ୍ଧାନ କରି ଯେତିକି ତଥ୍ୟ ସଂଗ୍ରହ କରିଥାଏ ତାହା ସମ୍ପୂର୍ଣ୍ଣ ପ୍ରକାଶନ ବା ପ୍ରସାରଣ ମିଡିଆ ହାଉସ ଦ୍ୱାରା ବେଳେବେଳେ ନିୟନ୍ତ୍ରିତ ହୋଇଥାଏ। ପ୍ରତିଷ୍ଠାନର ଲାଭ କ୍ଷତି ମଧ୍ୟ ଏହା ସହିତ ଜଡିତ। ତେଣୁ ବ୍ୟକ୍ତିଗତ ଆକ୍ରୋଶ ରଖି ଖବର ପ୍ରକାଶ କରିବା ବା କାହାର ମାନହାନୀ କରିବା କେବେହେଲେ ଭଲ ସାମ୍ବାଦିକତା ହୋଇନପାରେ। ତେଣୁ ଦେଶରେ ଓ ରାଜ୍ୟରେ କ’ଣ ଚାଲିଛି ତାହା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ଖବର ବେଳେ ବେଳେ ଇଚ୍ଛା ଥିଲେ ବି ଲେଖିବା ବା ପ୍ରସାର, ପ୍ରଚାର କରିବା ସମ୍ଭବ ହୋଇନଥାଏ। ତେଣୁ ନିଜ ନିଜର ପରିସରରେ ରହି ବୃତ୍ତିକୁ ବଜାୟ ରଖିବା ଠିକ। ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରଖି ଖବର ତିଆରି କରାଗଲେ ଏହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯେଉଁ ୱେବ୍ ଚ୍ୟାନେଲର ମୁଖ୍ୟ ‘କନକ ଟିଭି’ର ଏଡିଟର ମନୋରଞ୍ଜନ ମିଶ୍ରଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ତାହାର ସତ୍ୟାସତ୍ୟ ପୋଲିସ ଅନୁସନ୍ଧାନ ପରେ ଜଣାପଡିବ। ହେଲେ ସମ୍ପୃକ୍ତ ୱେବ୍ ଚ୍ୟାନେଲ ପକ୍ଷରୁ ଯେଭଳି କୁତ୍ସିତ ଭାବେ ମନୋରଞ୍ଜନଙ୍କ ନାଁରେ ଖବର ପ୍ରକାଶ ପାଉଛି ତାହା କେତେଦୂର ଯଥାର୍ଥ ଓଡ଼ିଶାର ଜନସାଧାରଣ ତାହା ବିଚାର କରିବେ। ସୂଚନା ଅନୁସାରେ ସମ୍ପୃକ୍ତ ୱେବ୍ ଚ୍ୟାନେଲ ସମ୍ପାଦକଙ୍କ ନାଁରେ ଅସଂଖ୍ୟ ସଙ୍ଗୀନ ଅଭିଯୋଗ ରହିଛି। ତନ୍ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନକଲି ଲେଟର ପ୍ୟାଡ୍ ପ୍ରସ୍ତୁତ କରି ସ୍ୱାର୍ଥ ହାସଲ ➤ ପୃ-୬

# ନବୀନ ଜଣେ ବଡ ନେତା : ମମତା



**ଭୁବନେଶ୍ୱର :** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ସାକ୍ଷାତ କରିଛନ୍ତି। ଦୁଇଦିନିଆ ପୁରୀ ଗସ୍ତ ସମାପନ କରି ସେ ସଡକପଥରେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ନବୀନ-ମମତା ସାକ୍ଷାତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ। ମମତାଙ୍କୁ ଶ୍ରୀଜିଉଙ୍କ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରିଥିଲେ ନବୀନ ପଟ୍ଟନାୟକ। ଏହା ସହ ମମତାଙ୍କୁ ତିନି ରଥର ରୂପାର ତିନୋଟି ପ୍ରତିକୃତି ଓ ଛେନାପୋଡ଼ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ପରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଥିଲେ। ତେବେ ଏହି ସାକ୍ଷାତକାର ସୌଜନ୍ୟମୂଳକ ଥିଲା ବୋଲି ନବୀନ କହିଥିଲେ। ଆମ ଭିତରେ ବହୁତ ପୁରୁଣା ବନ୍ଧୁତ୍ୱ, ସୁନ୍ଦର ସଂପର୍କ ରହିଛି। ଏହା ସୌଜନ୍ୟମୂଳକ ସାକ୍ଷାତ, କିଛି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଚର୍ଚ୍ଚା ହୋଇନି ବୋଲି ନବୀନ କହିଛନ୍ତି। ମମତା ପୁରୀ ଗସ୍ତରେ ଆସିଥିବାରୁ ମୁଁ ବହୁତ ଖୁସି ବୋଲି ନବୀନ କହିଥିଲେ। ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ମମତା ବାନାର୍ଜୀ କହିଥିଲେ ଯେ, ମୁଁ ଆଗରୁ ମଧ୍ୟ ନବୀନ ନିବାସ ଆସିଛି। ମୁଁ ପ୍ରଥମ ଥର ଲୋକସଭା ସଦସ୍ୟ ହେବା ପରେ ବିଜୁ ବାବୁ ମୋତେ ନିମନ୍ତ୍ରଣ କରିଥିଲେ। ➤ ପୃ-୬




### ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ୫-ଟି’ ସଚିବ

# ଜୁନ୍ ୧୫ ସୁଦ୍ଧା ଶେଷ ହେବ ନେତାଜୀ ବସ ଟର୍ମିନାଲ କାମ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫ଟି ସଚିବ ଭି କେ ପାଣ୍ଡିଆନ୍ ପୁରୀ ଓ କଟକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଶ୍ରୀ ପଣ୍ଡିଆନ ପ୍ରଥମେ ପୁରୀ ଗସ୍ତ କରି ଶ୍ରୀ ଜଗନ୍ନାଥଙ୍କ ହେରିଟେଜ୍ କରିଡର ପ୍ରୋଜେକ୍ଟ, ଶ୍ରୀ ସେତୁ ଓ ଜଗନ୍ନାଥ ବଲ୍ଲଭ ଯାତ୍ରୀ ନିବାସ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ଐତିହ୍ୟ ରୂପାନ୍ତର କାର୍ଯ୍ୟକ୍ରମରେ ଏହା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଆନ୍ତର୍ଜାତିକ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ସ୍ଥଳ ଭାବରେ ଏହା ପୁରୀର ଗୁରୁତ୍ୱ ବୃଦ୍ଧି କରିବ। ପ୍ରତି ସପ୍ତାହରେ ପୁରୀ ହେରିଟେଜ୍ କରିଡର ପ୍ରୋଜେକ୍ଟ ଅଗ୍ରଗତି ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଥିଲେ। ଏହାପରେ ୫ଟି ସଚିବ ଭି କେ ପାଣ୍ଡିଆନ୍ କଟକ ଯାଇ ପ୍ରଥମେ ଖାନ୍ନଗର ଠାରେ ନିର୍ମାଣାଧୀନ ନେତାଜୀ ବସ ଟର୍ମିନାଲର ନିର୍ମାଣ କାର୍ଯ୍ୟ ବୁଲି ଦେଖି ଥିଲେ ଏବଂ ଅଧିକାରୀ ମାନଙ୍କ ସହିତ କାର୍ଯ୍ୟର ସମୀକ୍ଷା କରି ଥିଲେ। ଆସନ୍ତା ଜୁନ୍ ୧୫ ତାରିଖ ସୁଦ୍ଧା ବସ ଟର୍ମିନାଲ ନିର୍ମାଣ ଶେଷ ହେବ ବୋଲି ସମୀକ୍ଷାରୁ ଜଣା ଯାଇଛି। ସୂଚନା ଯୋଗ୍ୟ ଯେ ୧୫ ଏକର ପରିମିତ ଅଂଚଳରେ ନିର୍ମାଣାଧୀନ ଏହି ଟର୍ମିନାଲ ପାଇଁ ମୁଖ୍ୟମନ୍ତ୍ରୀ ୨୦୨୧ ଜାନୁଆରୀ ୨୩ ରେ ଶୁଭ ଦେଇଥିଲେ। ଏଥିପାଇଁ ସତୁରୀ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ଏଥିରେ ୧୮୦ ଟି ବସ ରହିବା ପାଇଁ ତିନି ମହଲା ବିଲ୍ଡିଂ ସହିତ ଆହୁରି ଅନେକ ସୁବିଧାର ନିର୍ମାଣ କରା ଯାଉଛି। ଏହାଦ୍ୱାରା କଟକ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବା ସହିତ ଆନ୍ତ ରାଜ୍ୟ ବସ ଚଳରେ ସୁବିଧା ଆସିବ। ଏହାପରେ ୫ଟି ସଚିବ ମା’ କଟକ ଚଣ୍ଡୀଙ୍କ ମନ୍ଦିର ଯାଇ ପୂଜାର୍ଚ୍ଚନା କରି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ମନ୍ଦିରର ସୌନ୍ଦର୍ଯ୍ୟକରଣ, ରାସ୍ତା ନିର୍ମାଣ ଆଦି କାମ ବୁଲି ଦେଖିଥିଲେ। ସମୀକ୍ଷାରୁ ଜଣା ଯାଇଛି ଯେ ଚଳିତ ବର୍ଷ ଶେଷ ସୁଦ୍ଧା ମନ୍ଦିରର ରୂପାନ୍ତର କାର୍ଯ୍ୟ ଶେଷ ହେବ। ଚଣ୍ଡି ମନ୍ଦିର ରୂପାନ୍ତର ପାଇଁ ଚାଳିଶ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ନୂଆ ବର୍ଷରେ ଚଣ୍ଡି ମନ୍ଦିରର ରୂପାନ୍ତର କାମ ଭକ୍ତଙ୍କ ସେବାରେ ଲୋକାର୍ପିତ ହେବ। ୫ଟି ସଚିବ ଭି କେ ପାଣ୍ଡିଆନ ଏହାପରେ ରାଣୀ ହାଟ କ୍ଲକ୍ ଟାୱାର, ତାଳଦଣ୍ଡା କେନାଲ, ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ବ୍ୟବସାୟରେ ସ୍ଥିତି ଅନୁକୂଳ ରହିବ। କାର୍ଯ୍ୟକ୍ଷେତ୍ରରେ ନିଜ ଉପରେ ବିଶ୍ୱାସ ରଖନ୍ତୁ। ଜମି ଓ ଗାଡି କିଣିବା ପାଇଁ ସମୟ ଅନୁକୂଳ। ଛାତ୍ରମାନେ କଠିନ ପରିଶ୍ରମ କରିବା ଦରକାର। ପ୍ରତିକାର : ହନୁମାନଙ୍କୁ ଲାଲ୍ ଫୁଲମାଳ ଅର୍ପଣ କରନ୍ତୁ।

**ବୃଷ** ମନ ଚଞ୍ଚଳ ରହିବ। ଦୀର୍ଘକାଳୀନ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ କନିଷ୍ଠ କର୍ମଚାରୀଙ୍କୁ ବ୍ୟବହାର ଠିକ କରନ୍ତୁ। ପ୍ରତିଷ୍ଠାରେ ବୃଦ୍ଧି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରତିକାର : ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ୱେତପୁଷ୍ପ ଅର୍ପଣ କରନ୍ତୁ।

**ମିଥୁନ** ଧନଲାଭ ଯୋଗ ଅଛି। କ୍ରୋଧରେ ନିୟନ୍ତ୍ରଣ ରଖନ୍ତୁ। ନୂଆ ସୁଯୋଗ ମିଳିବ। ନୂଆ ଜିନିଷ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବିବାଦ ହୋଇପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କର୍କଟ** ଆୟରେ ବୃଦ୍ଧି ହେବ। ପରିବାରର ସହଯୋଗ ପାଇବେ। ସଞ୍ଚୟ ଖର୍ଚ୍ଚ ହେବ। ବାଣୀରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ସଂଯମ ରଖନ୍ତୁ। ପ୍ରତିକାର : ଭଗବାନଙ୍କୁ ବେଲପତ୍ର ଚଢ଼ାନ୍ତୁ।

**ସିଂହ** ନୂତନ ବ୍ୟବସାୟରୁ ଲାଭ ମିଳିବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହ ସଂବାଦ କଲା ବେଳେ ସତର୍କ ରହନ୍ତୁ। ଦାମ୍ପତ୍ୟ ଜୀବନରେ ତର୍କ ବିତର୍କରୁ ଦୂରେଇ ରହନ୍ତୁ। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ଘିଅ ଦୀପ ଦାନ କରନ୍ତୁ।

**କନ୍ୟା** ହାଡ ସମ୍ବନ୍ଧୀୟ ରୋଗର ଶିକାର ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ବନ୍ଦ ଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରେ। ଧନ ଉଦ୍ଧାର ନିଅନ୍ତୁ ନାହିଁ। ପ୍ରେମୀମାନେ ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ। ପ୍ରତିକାର : ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ତୁଳା** ଧର୍ମ ଓ ପରୋପକାରୀ କାମ କରିପାରନ୍ତି। ପାରିବାରିକ ବିବାଦରେ ପଡି ପାରନ୍ତି। କାମନାର ପୂର୍ଣ୍ଣ ହେବା ସମ୍ଭାବନା ଅଛି। ସନ୍ତାନ ସମ୍ବନ୍ଧୀୟ ଶୁଭ ଖବର ପାଇବେ। ପ୍ରତିକାର : ନିର୍ଧନଙ୍କୁ ଖାଦ୍ୟ ସାମଗ୍ରୀ ଦାନ କରନ୍ତୁ।

**ବିଛା** ଆଶାତୀତ ଅର୍ଥ ମିଳିବ। କାର୍ଯ୍ୟ କ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିପାରେ। ଅଳସୁଆ ହୋଇପାରନ୍ତି। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଠିକ୍ ନିର୍ଣ୍ଣୟ ନିଅନ୍ତୁ। ପ୍ରତିକାର : ରୂପାପାତ୍ରରେ ଭଗବାନ ଶିବଙ୍କୁ ଜଳ ଚଢ଼ାନ୍ତୁ।

**ଧନୁ** ଧନର ସଠିକ ଖର୍ଚ୍ଚ କରନ୍ତୁ। ବନ୍ଧୁମାନଙ୍କୁ ସହଯୋଗ ମିଳିବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନ ନେଣଦେଣ ପାଇଁ ସତର୍କ ରହନ୍ତୁ। ପ୍ରତିକାର : ସୂର୍ଯ୍ୟଦେବ ଜଳ ଅର୍ପଣ କରନ୍ତୁ।

**ମକର** କାର୍ଯ୍ୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ବଢ଼ିବ। ଅଳସୁଆ ହୁଅନ୍ତୁ ନାହିଁ। ଅଦରକାରୀ କାର୍ଯ୍ୟରେ ଯୋଗ ଦିଅନ୍ତୁ ନାହିଁ। ନିଜ ଉପରେ ବ୍ୟବସାୟ କରନ୍ତୁ। ପ୍ରତିକାର : ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**କୁମ୍ଭ** ପରିବାରରେ ସହଯୋଗରୁ ସଫଳତା ମିଳିବ। ଯାତ୍ରା କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ଏକାଗ୍ରତା ରଖନ୍ତୁ। ବ୍ୟବସାୟରେ ଗ୍ରାହକ ସଂଖ୍ୟା ବଢ଼ିପାରେ। ଗୁରୁଜନଙ୍କ ସହଯୋଗ ପାଇବେ। ପ୍ରତିକାର : ବୁଢ଼ା ସାଧୁଙ୍କୁ ସାହାଯ୍ୟ କରନ୍ତୁ।

**ମୀନ** ସଫଳତା ପାଇ ନୂଆ ନୀତି କରନ୍ତୁ। ଶତ୍ରୁମାନେ ପ୍ରତିବନ୍ଧକ ହେବେ। ଆୟ ଓ ବ୍ୟୟରେ ସନ୍ତୁଳନ ରକ୍ଷା କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇବେ। ବ୍ୟବସାୟୀମାନେ ଲାଭପାଇବେ। ପ୍ରତିକାର : ଗଙ୍ଗାଜଳ ମିଶ୍ରିତ ଜଳରେ ଶିବଲିଙ୍ଗ ଅଭିଷେକ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ଫାଶୀର ବିକଳ୍ପ ଖୋଜ



**ନୂଆଦିଲ୍ଲୀ :** ମୃତ୍ୟୁଦଣ୍ଡରେ ଦଣ୍ଡିତ ହେଉଥିବା ଲୋକଙ୍କୁ ଫାଶୀ ଖୁଣ୍ଟରେ ଝୁଲା ଯାଇଥାଏ। ଏହା ଅଧିକ ଯନ୍ତ୍ରଣା ଦାୟକ। ତେଣୁ ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ ଫାଶୀର ବିକଳ୍ପ କିଛି ଅଛି କି? ଏହା ଉପରେ ବିଚାର କରିବା ପାଇଁ ଆଜି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। କେନ୍ଦ୍ର ସରକାର ଆଲୋଚନା ଦ୍ୱାରା ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ କମ ଯନ୍ତ୍ରଣା ଦେଉଥିବା ପଦ୍ଧତି କିଛି ଅଛି କି ନାହିଁ, ସେକଥା ଜଣାଇବେ। ସର୍ବୋଚ୍ଚ ଅଦାଲତ ଏ ପ୍ରସଙ୍ଗରେ ଗୋଟିଏ ବିଶେଷଜ୍ଞ କମିଟି ଗଠନ କରିପାରନ୍ତି। ଏଥିସହ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବାର ପ୍ରଭାବ କ'ଣ ସେ ସମ୍ପର୍କରେ କୌଣସି ଗବେଷଣା ଭିତ୍ତିକ ରିପୋର୍ଟ ଅଛି କି ନାହିଁ, ତା'ର ତଥ୍ୟ ମାଗିଛନ୍ତି। ସର୍ବୋଚ୍ଚ ଅଦାଲତ ପଚାରିଛନ୍ତି ଯେ ଫାଶୀ ଦେବା ଦ୍ୱାରା କେତେ କଷ୍ଟ ହୋଇଥାଏ? ଆଧୁନିକ ବିଜ୍ଞାନ ପଦ୍ଧତି ଫାଶୀର ଦଣ୍ଡକୁ ନେଇ କ'ଣ କହୁଛି? ଦେଶ କିମ୍ବା ବିଦେଶରେ ଏହା ବ୍ୟତୀତ ମୃତ୍ୟୁଦଣ୍ଡର କିଛି ବିକଳ୍ପ ଅଛି କି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ମେ' ୨ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ମୃତ୍ୟୁଦଣ୍ଡ ପାଉଥିବା ଦୋଷୀଙ୍କ ପାଇଁ ଯନ୍ତ୍ରଣା ହେଉ ନଥିବା ବ୍ୟବସ୍ଥା କରିବାକୁ ଗୋଟିଏ ଆବେଦନ କରାଯାଇଥିଲା। ଆବେଦନକାରୀ ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ ଫାଶୀ ବଦଳରେ ଶୁଟିଂ, ବିଷାକ୍ତ ଇଞ୍ଜକସନ ଓ ବିଦ୍ୟୁତ ଚେୟାରର ବ୍ୟବହାର କରିବାକୁ ମଧ୍ୟ ଦାବି କରିଥିଲେ। ଫାଶୀ ଦଣ୍ଡ ଅତ୍ୟନ୍ତ ନିଷ୍ଠୁର ପ୍ରକ୍ରିୟା ବୋଲି ଆଇନଜୀବୀ ଋଷି ମାଲହୋତ୍ରା କୋର୍ଟଙ୍କୁ କହିବା ସହ ଆଇନ କମିଶନ ରିପୋର୍ଟକୁ ମଧ୍ୟ ପଢ଼ିଛନ୍ତି। ଏହା ଶୁଣି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି ଯେ, ହିଁ, ଏହା ଗୋଟିଏ ଚିନ୍ତା କରିବାର ବିଷୟ। ଆମ ହାତରେ କିଛି ବିଜ୍ଞାନି ଭିତ୍ତିକ ତଥ୍ୟ ରହିବା ଆବଶ୍ୟକ। ଆମକୁ ବିଭିନ୍ନ ଉପାୟରେ ଦିଆଯାଉଥିବା ମୃତ୍ୟୁଦଣ୍ଡ ଦ୍ୱରା ଯନ୍ତ୍ରଣା ସଂକ୍ରାନ୍ତ ତଥ୍ୟ ଦିଆଯାଉ। ଆମେ ଗୋଟିଏ କମିଟି ଗଠନ କରିପାରୁ। କମିଟିରେ କେଉଁମାନଙ୍କୁ ସାମିଲ କରାଯିବ, ସେବିଷୟରେ ଆପଣ ମତାମତ ରଖିପାରିବେ। ସର୍ବୋଚ୍ଚ ଅଦାଲତ ବିଷାକ୍ତ ଇଞ୍ଜେକେସନ ପାଇଁ କେଉଁ ପ୍ରକାରର କେମିକାଲ ବ୍ୟବହାର କରାଯିବ, ତା'ର ଗବେଷଣା କରିବାକୁ କହିଛନ୍ତି। ଏଥିସହ ଗୁଳିମାଡ଼ କରିବା ମିଲିଟାରୀ ଶାସନର ପ୍ରତିଫଳନ। ଏହା ମାନବାଧିକାର ମଧ୍ୟ କ୍ଷୁର୍ଣ୍ଣ କରୁଛି। ତେଣୁ କେଉଁ ପଦ୍ଧତି ଆପଣାଯିବ, ତା' ଉପରେ ବିସ୍ତୃତ ଭାବେ ଆଲୋଚନା ହେବା ସପକ୍ଷରେ ସର୍ବୋଚ୍ଚ ଅଦାଲତ ମତ ରଖିଛନ୍ତି।

# ଉତ୍କଟ ଜଳ ସଙ୍କଟ

## ୨୦୫୦ ସୁଦ୍ଧା ଶୁଖିଯିବ ଦେଶର ଅଧିକାଂଶ ନଦୀ



**ନୂଆଦିଲ୍ଲୀ :** ଭାରତକୁ ଘନେଇ ଆସୁଛି ସଂକଟ। ନଦୀ ଶୁଖିବ, ମିଳିବନି ପାଣି। ଆଗାମୀ ୨୭ ବର୍ଷ ଭିତରେ ଅର୍ଥାତ ୨୦୫୦ ବେଳକୁ ଦେଶର ମୁଖ୍ୟ ନଦୀ ନାଳ ଶୁଖିଯିବ। ଯାହାଦ୍ୱାରା ଦକ୍ଷିଣ ଏସିଆର ୧୭୦ରୁ ୨୪୦ କୋଟି ଲୋକ ପିଇବା ପାଣିର ଘୋର ଅଭାବର ସାମ୍ନା କରିବେ। ଏହାର ମୁଖ୍ୟ କାରଣ ହେଲା ହିମାଳୟର ଗ୍ଲାସିଅର ଦ୍ରୁତ ଗତିରେ ତରଳୁଛି। ଭାରତ, ଚୀନ, ପାକିସ୍ତାନର ଗଙ୍ଗା, ବ୍ରହ୍ମପୁତ୍ର ଓ ସିନ୍ଧୁ ନଦୀର ଜଳସ୍ତର ବହୁତ ତଳକୁ ଖସିଯିବ। ଫଳରେ ଏହି ଅଞ୍ଚଳରେ ଲୋକେ ଘୋର ଜଳ ସଂକଟର ସାମ୍ନା କରିବେ। ଏନେଇ ଚେତାବନୀ ଦେଇଛନ୍ତି ମିଳିତ ଜାତିସଂଘର ଏକ ଭୟ ଉଦ୍ରେକକାରୀ ରିପୋର୍ଟ। ପୃଥିବୀ ପାଇଁ ଗ୍ଲାସିଅର ଅତି ଗୁରୁତ୍ୱପୂର୍ଣ୍ଣ। ମାତ୍ର ୧୦ ପ୍ରତିଶତ ଅଞ୍ଚଳରେ ଏବେ ଗ୍ଲାସିଅର ଅଛି। କିନ୍ତୁ ବିଶ୍ୱ ତାପାୟନ ପାଇଁ ଏହା ଏବେ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ଆଣ୍ଟାର୍କଟିକାରୁ ପ୍ରତି ବର୍ଷ ୧୫ ଶହ କୋଟି ଟନ୍ ବରଫ ତରଳିବାରେ ଲାଗିଛି। ଗ୍ରୀନଲାଣ୍ଡର ୨୭ ଶହ କୋଟି ଟନ୍ ବରଫ ପ୍ରତିବର୍ଷ ନଷ୍ଟ ହେବାରେ ଲାଗିଛି। ଏହି ଦୁଇ ଅଞ୍ଚଳ ଅପେକ୍ଷା ହିମାଳୟରୁ ଅଧିକ ପରିମାଣର ବରଫ ତରଳିବାରେ ଲାଗିଛି। ହିମାଳୟରୁ ୧୦ଟି ପ୍ରମୁଖ ନଦୀ ବୋହିଯାଉଛନ୍ତି। ଏହାର ପାଣିରେ ୧୩୦ କୋଟି ଲୋକ ଉପକୃତ ହେଉଛନ୍ତି। ବିଶେଷକରି ପାନୀୟ ଜଳ ଭାବେ ଏହି ନଦୀ ଗୁଡିକର ଜଳକୁ ବ୍ୟବହାର କରୁଛନ୍ତି। ତେବେ ହିମାଳୟ ଗ୍ଲାସିଅର ତରଳିବା ଦ୍ୱାରା ଗଙ୍ଗା, ବ୍ରହ୍ମପୁତ୍ର, ସିନ୍ଧୁ ନଦୀ ବିଶେଷ ଭାବେ ପ୍ରଭାବିତ ହେବେ। ଚୀନ ପାକିସ୍ତାନରେ ଗ୍ଲାସିଅର ତରଳିବା ଦ୍ୱାରା ଭୟଙ୍କର ବନ୍ୟା ଆସିପାରେ ବୋଲି କହିଛି ଜାତିସଂଘର ଏହି ରିପୋର୍ଟ।

# ଆଧାର ଓ ଭୋଟର ଆଇଡି ଲିଙ୍କ ଅବଧି ବୃଦ୍ଧି



**ନୂଆଦିଲ୍ଲୀ :** ଯଦି ଆପଣ ଏପର୍ଯ୍ୟନ୍ତ ଆପଣଙ୍କର ଭୋଟର ଆଇଡି କାର୍ଡ ଏବଂ ଆଧାର କାର୍ଡକୁ ପରସ୍ପର ସହିତ ଯୋଡି ନାହାଁନ୍ତି, ତେବେ ଏହି ଖବର ଆପଣଙ୍କୁ ଖୁସି କରିବ। ସରକାରଙ୍କ ଦ୍ୱାରା ଭୋଟର କାର୍ଡ ଏବଂ ଆଧାର ସଂଯୋଗ କରିବାର ଶେଷ ତାରିଖ ଥିଲା ୨୦୨୩ ଏପ୍ରିଲ ୧ ଥିଲା ଯାହାକୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ମାର୍ଚ୍ଚ ୩୧, ୨୦୨୪ କୁ ବୃଦ୍ଧି କରାଯାଇଛି। ନୂଆ ନିୟମ ଅନୁଯାୟୀ, ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଥିବା ଫର୍ମଗୁଡ଼ିକରେ କେତେକ ସଂଶୋଧନ କରାଯାଇଛି। ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ କେବଳ ଫର୍ମ ନଂ-୬ରେ ଆବେଦନ କରାଯିବ। ପ୍ରବାସୀ ଭାରତୀୟ ନାଗରିକମାନେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନଂ-୬କରେ ଆବେଦନ କରିବେ। ଫର୍ମ ନଂ-୭ ଦ୍ୱାରା ଭୋଟର ତାଲିକାରୁ ନାମ ବାଦ୍ ଦେବା ଓ ଏହାସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇ ପାରିବ। ସେହିପରି ଫର୍ମ ନଂ-୮ରେ ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ ନିମନ୍ତେ ଆବେଦନ କରିବା, ଭୋଟର ତାଲିକାରେ ଥିବା ବିବରଣୀଗୁଡ଼ିକର ସଂଶୋଧନ, ଭୋଟର ପରିଚୟପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରିବା ନିମନ୍ତେ ଆବେଦନ କରାଯାଇପାରିବ। ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଥିବା ଭୋଟରମାନେ ସ୍ୱେଚ୍ଛାକୃତ ଭାବେ ଆଧାର ବିବରଣୀ ପ୍ରଦାନ କରିପାରିବେ। ସରକାର ଏହା ମଧ୍ୟ କହିଛନ୍ତି ଯେ ଆଧାର ଏବଂ ଭୋଟର ଓଉ କୁ ସଂଯୋଗ କରିବା କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ଏବଂ ଏହା ବାଧ୍ୟତାମୂଳକ କରାଯାଇ ନାହିଁ। ଯଦି କୌଣସି ବ୍ୟକ୍ତି ଏହି କାର୍ଯ୍ୟ କରୁନାହାନ୍ତି, ତେବେ ବି ତାଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ତେବେ ଉଭୟ କାର୍ଡକୁ ଲିଙ୍କ୍ କରିବାର ଅନେକ ସୁବିଧା ମଧ୍ୟ ନିର୍ବାଚନ ଆୟୋଗ କହିଛନ୍ତି। ନିର୍ବାଚନ ଆୟୋଗଙ୍କ ଅନୁଯାୟୀ, ଭୋଟର ତାଲିକାରେ ପ୍ରବେଶ କରିଥିବା ନାମ ଠିକ ଅଛି କି ନାହିଁ ତାହା ନିଶ୍ଚିତ କରିବା ହେଉଛି ଭୋଟର ଆଇଡି ଏବଂ ଆଧାର କାର୍ଡକୁ ସଂଯୋଗ କରିବାର ଲକ୍ଷ୍ୟ। ଏହା ବ୍ୟତୀତ, ଏହା ମଧ୍ୟ ଜଣା ପଡିବ ଯେ ଜଣେ ବ୍ୟକ୍ତି ଏକରୁ ଅଧିକ ଅଞ୍ଚଳରେ ଭୋଟର ଭାବରେ ପଞ୍ଜୀକୃତ ହୋଇଛନ୍ତି କି? ସୂଚନାଯୋଗ୍ୟ ଡିସେମ୍ବର ୨୦୨୧ରେ ଲୋକସଭାରେ ନିର୍ବାଚନ ଆଇନ ସଂଶୋଧନ ବିଲ୍ ପାରିତ ହୋଇଥିଲା। ଏଥିରେ ଆଧାରକୁ ଭୋଟର ପରିଚୟ ପତ୍ର ସହିତ ଲିଙ୍କ କରିବାକୁ ଅନୁମତି ଦିଆଯାଇଥିଲା। ଘରେ ବସିଥିବା ସମୟରେ ଆପଣ ଆପଣଙ୍କର ଭୋଟର ଆଇଡିକୁ ଆଧାର କାର୍ଡ ସହିତ ଲିଙ୍କ କରିପାରିବେ।

## ପୋଷକତତ୍ତ୍ୱ ବୃଦ୍ଧି ପାଇଁ ଯବାନମାନଙ୍କ ଭୋଜନରେ ସାମିଲ ହେବ ମାଣ୍ଡିଆ ଅଟା



**ନୂଆଦିଲ୍ଲୀ :** ପୋଷକତତ୍ତ୍ୱ ବୃଦ୍ଧି ନିମନ୍ତେ ଭାରତୀୟ ସେନା ଯବାନମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଭୋଜନରେ ମାଣ୍ଡିଆ ଅଟା ସାମିଲ କରାଯିବ ବୋଲି ବୁଧବାର ଦିନ ଜାରି କରିଥିବା ବିବୃତିରେ ସେନା କହିଛି। ୨୦୨୩କୁ ଜାତିସଂଘ 'ଆନ୍ତର୍ଜାତିକ ମାଣ୍ଡିଆ ବର୍ଷ' ବୋଲି ଘୋଷଣା କରିଥିବାରୁ ମାଣ୍ଡିଆ ଭକ୍ଷଣ ବୃଦ୍ଧି ନିମନ୍ତେ ଯବାନମାନଙ୍କ ଭୋଜନରେ ମାଣ୍ଡିଆ ଅଟା ସାମିଲ କରିବା ଲାଗି ଭାରତୀୟ ସେନା ନିଷ୍ପତ୍ତି ନେଇଛି। ଏହି ଉଲ୍ଲେଖନୀୟ ନିଷ୍ପତ୍ତି ଫଳରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପରେ ପୁଣି ଯବାନମାନଙ୍କୁ ଦେଶଜ ଓ ପାରମ୍ପରିକ ଦାନା ମିଳିବ। ୫୦ ବର୍ଷ ତଳେ ଯବାନମାନଙ୍କୁ ମିଳୁଥିବା ଭୋଜନରେ ମାଣ୍ଡିଆ ଅଟା ଥିଲା। କିନ୍ତୁ, ତାକୁ ବାଦ ଦେଇ ଗହମ ଅଟା ଦିଆଗଲା ବୋଲି ସେନା ଜାରି କରିଥିବା ବିବୃତିରେ ଉଲ୍ଲେଖ ଅଛି। ସ୍ୱାସ୍ଥ୍ୟ ପକ୍ଷେ ଉତ୍ତମ ପ୍ରମାଣିତ ଏବଂ ଆମ ଭୌଗୋଳିକ ତଥା ଜଳବାୟୁକୁ ସୁହାଉଥିବା ପାରମ୍ପରିକ ମାଣ୍ଡିଆ ଭୋଜନ ଖାଦ୍ୟପାନୀୟ ଜନିତ ରୋଗ ନିରାକରଣ କରାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାଛଡ଼ା, ମାଣ୍ଡିଆ ଯବାନମାନଙ୍କ ଭୋଜନ ପରିତୃପ୍ତି ଓ ଆତ୍ମ-ବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଏବେ ମାଣ୍ଡିଆ ଆମ ସବୁ ପାହ୍ୟାର ସୈନିକମାନଙ୍କ ଦୈନନ୍ଦିନ ଭୋଜନର ଅବିଚ୍ଛେଦ୍ୟ ଅଂଶ ହୋଇ ରହିବ ବୋଲି ମଧ୍ୟ ଉକ୍ତ ବିବୃତିରେ କୁହାଯାଇଛି। ସେନାବାହିନୀର ଚାହିଦାକୁ ଚାହିଁ ବାଜରା, ଯଅ ଓ ମାଣ୍ଡିଆ ଆଦି ଶସ୍ୟରୁ ପ୍ରସ୍ତୁତ ଅଟା ଖରିଦ କରାଯିବ। ପୁଷ୍ଟିସାର, ଅଣୁପୋଷକତତ୍ତ୍ୱ ଏବଂ ଫାଇଟୋ କେମିକାଲ୍ ଆଦି ଥିବାରୁ ଯବାନଙ୍କ ଭୋଜନରେ ଏହି ଅଟା ଯଥେଷ୍ଟ ପୋଷକତତ୍ତ୍ୱ ଯୋଗାଇବ।

## ଭାରତୀୟଙ୍କ ବେତନ ୧୦.୨% ବଢ଼ିବ



**ନୂଆଦିଲ୍ଲୀ :** ଭାରତୀୟମାନଙ୍କ ହାରାହାରି ବେତନ ୨୦୨୩ରେ ୧୦.୨ ପ୍ରତିଶତ ବୃଦ୍ଧି ପାଇବ ବୋଲି 'ଇୱାଇ' ଆକଳନ କରିଛି। ୨୦୨୨ରେ ହୋଇଥିବା ୧୦.୪ ପ୍ରତିଶତର ବୃଦ୍ଧି ତୁଳନାରେ ଏହା ସାମାନ୍ୟ କମ୍। ଇ-କମର୍ସ, ପେସାଦାର ସେବା ଓ ଆଇଟିରେ ବେତନ ଦ୍ରୁତ ଗତିରେ ବଢ଼ିବ। ୨୦୨୩ରେ ଇ-କମର୍ସରେ ହାରାହାରି ବେତନ ୧୨.୫ ପ୍ରତିଶତ, ପ୍ରଫେସନାଲ୍ ସେବାରେ ୧୧.୯ ପ୍ରତିଶତ, ଆଇଟିରେ ୧୦.୮ ପ୍ରତିଶତ, ଆର୍ଥିକ ସେବାରେ ୧୦.୩ ପ୍ରତିଶତ ଓ ଅଟୋମୋବାଇଲ୍ ମାନୁଫାକ୍‌ଚରିଂ କ୍ଷେତ୍ରରେ ୯.୪ ପ୍ରତିଶତ ବଢ଼ିବ। ଇୱାଇ ପକ୍ଷରୁ କର୍ମଚାରୀଙ୍କ ଚାକିରି ବଦଳାଇବା ତଥ୍ୟ ମଧ୍ୟ ଜାରି କରାଯାଇଛି। ଆର୍ଥିକ ଅନୁଷ୍ଠାନ ଗୁଡ଼ିକରେ ଚାକିରି ବଦଳାଇବା ହାର ସର୍ବାଧିକ ୨୮.୩୦ ପ୍ରତିଶତ ଥିବା ବେଳେ ଇ-କମର୍ସରେ ୨୭.୭୦ ପ୍ରତିଶତ, ପ୍ରଯୁକ୍ତିରେ ୨୨.୧୦ ପ୍ରତିଶତ, ଖଣି ଓ ଧାତବରେ ୮.୨୦ ପ୍ରତିଶତ, ଆତିଥେୟତାରେ ୯.୧୦ ପ୍ରତିଶତ ଓ ଏରୋସ୍ପେସ୍ କ୍ଷେତ୍ରରେ ୧୦.୯୦ ପ୍ରତିଶତ ରହିଛି। ଏହି ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ ରହିଛଇ ଯେ ୨୦୨୨ରେ ୪୨ ପ୍ରତିଶତ ଲୋକ ଅଫିସ୍ ଆସି କାମ କରୁଥିବା ବେଳେ ୨୬ ପ୍ରତିଶତ ହାଇବ୍ରିଡ୍ ମଡେଲ୍‌ର ୧୭% ଘରୁ କିମ୍ବା ଅଫିସ୍‌ରେ ଏବଂ ୧୧ ପ୍ରତିଶତ ଅଫିସ୍‌ରୁ ବାହାରେ ରହି କାମ କରୁଥିଲେ।

କେନ୍ଦ୍ର କର୍ମଚାରୀଙ୍କ ପାଇଁ ଖୁସି ଖବର

# ମହଙ୍ଗା ଭତ୍ତା ୪% ବଢ଼ିଲା



**ନୂଆଦିଲ୍ଲୀ :** କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର। କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ୪% ବୃଦ୍ଧି କରିଛନ୍ତି। ଏହି ପ୍ରସ୍ତାବ ଉପରେ କେନ୍ଦ୍ର କ୍ୟାବିନେଟ ଆଜି ମୋହର ମଧ୍ୟ ମାରିଛି। ଏହା ଦ୍ୱାରା କେନ୍ଦ୍ର ସରକାରଙ୍କ ୧ କୋଟିରୁ ଅଧିକ କର୍ମଚାରୀ ଲାଭ ବାନ ହେବ। ବର୍ତ୍ତମାନ କେନ୍ଦ୍ରୀୟ କର୍ମଚାରୀମାନେ ୩୮% ମହଙ୍ଗା ଭତ୍ତା ପାଉଥିଲେ। ବର୍ଦ୍ଧିତ ନିଷ୍ପତ୍ତି ପରେ ଏହା ୪୨% ଛୁଇଁବ। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମହଙ୍ଗା ଭତ୍ତାର ପରିମାଣକୁ ୪% ବୃଦ୍ଧି କରାଯାଇଛି। ଏହାଦ୍ୱାରା ସରକାରଙ୍କ ଉପରେ ୧୨,୮୧୫ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ। ସେହିପରି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୩ ଜାନୁଆରୀ ୧ରୁ ଲାଗୁ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଛତିଶଗଡ଼ ବିଧାନସଭାରେ ସାମ୍ବାଦିକ ସୁରକ୍ଷା ବିଲ ପାରିତ

**ରାୟପୁର :** ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଛତିଶଗଡ଼ର କଂଗ୍ରେସ ସରକାର ପଦକ୍ଷେପ ନେଇଛନ୍ତି। ଛତିଶଗଡ ବିଧାନସଭା ବୁଧବାର 'ଛତିଶଗଡ ମିଡିଆ ପର୍ସନ ସୁରକ୍ଷା ବିଲ୍ ୨୦୨୩' ପାରିତ କରିଛି। ଯାହା ଗଣମାଧ୍ୟମ ବ୍ୟକ୍ତିମାନଙ୍କୁ ସୁରକ୍ଷା ଯୋଗାଇବ। ସେମାନଙ୍କ ପ୍ରତି ହେଉଥିବା ହିଂସାକୁ ରୋକିବା ପାଇଁ ଏହି ବିଲର ଲକ୍ଷ୍ୟ ରଖିଛି। ଏହାକୁ ଐତିହାସିକ ବିଲ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି। ବିରୋଧୀ ବିଜେପି ବିଧାୟକମାନେ ଏହି ବିଲକୁ ବିଧାନସଭାର ଯାଞ୍ଚ କମିଟି ନିକଟକୁ ପରୀକ୍ଷା ପାଇଁ ପଠାଇବାକୁ ଦାବି କରିଥିଲେ। ଯାହାକୁ ବାଚସ୍ପତି ଚନ୍ଦ୍ରଦାସ ମହନ୍ତ ପ୍ରତ୍ୟାଖ୍ୟାନ କରିଥିଲେ। ଛତିଶଗଡରେ ୨୦୧୮ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଏହାର ଇସ୍ତାହାରରେ ରାଜ୍ୟରେ ସାମ୍ବାଦିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆଇନ୍ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି ବିଲ୍ ପାରିତ ହେବାପରେ ମୁଖ୍ୟମନ୍ତ୍ରୀ ବାଘେଲ କହିଛନ୍ତି ଯେ ଏହା ସାମ୍ବାଦିକମାନଙ୍କ ଉପରେ ହେଉଥିବା ହିଂସାକୁ ରୋକିବ। ସେହିପରି ଛତିଶଗଡ଼ ସାମ୍ବାଦିକଙ୍କ ସାମଗ୍ରୀକୁ ମଧ୍ୟ ଏହି ଆଇନ ସୁରକ୍ଷା ଦେବାରେ ସହାୟକ ହେବ। ଅନେକ ସମୟରେ ହିଂସା ଓ ଆକ୍ରମଣ ସାମ୍ବାଦିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଗଣମାଧ୍ୟମ ସଂସ୍ଥାର କ୍ୟାମେରା, ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଥାଏ। ଆଗକୁ ସାମ୍ବାଦିକମାନେ ମାନେ ନିର୍ଭୟରେ କାମ କରିପାରିବେ ବୋଲି ସେ କହିଛନ୍ତି। ଏହି ଆଇନ କାର୍ଯ୍ୟକାରୀ କରିବାକୁ ଅନେକ ଥର ଦାବି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୨୦୧୯ରେ ସୁପ୍ରିମକୋର୍ଟର ପୂର୍ବତନ ଜଷ୍ଟିସ ଆଫାବ ଆଲାମଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। ସମସ୍ତ ପକ୍ଷଙ୍କ ପରାମର୍ଶ କ୍ରମେ ଏହି ଆଇନ ପ୍ରସ୍ତୁତ କରାଯାଇଛି। ଏହି ଦିନଟି ଐତିହାସିକ ଦିନ ବୋଲି ସେ କହିଛନ୍ତି। ବିରୋଧୀ ଦଳର ନେତା ନାରାୟଣ ଚାନ୍ଦେଲ ଏବଂ ଅଜୟ ଚନ୍ଦ୍ରକରଙ୍କ ସମେତ ବିଜେପି ବିଧାୟକମାନେ ବିଲକୁ ନେଇ ଆପତ୍ତି ଉଠାଇଛନ୍ତି। ବିରୋଧୀ କହିଛନ୍ତି ଯେ, ବିଲ ସମ୍ପର୍କରେ ରାଜ୍ୟର ପ୍ରତିଷ୍ଠିତ ଗଣମାଧ୍ୟମର ସଂପାଦକ, ଏଡ଼ିଟର ଗିଲଡ୍, ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ କିମ୍ବା ପ୍ରେସ କ୍ଲବ ସହ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିନାହାନ୍ତି।

# ୧୦୦ କୋଟି ଟଙ୍କା ଖର୍ଚ୍ଚ କରି ପାର୍ଟି ଅଫିସ କରିବ ବିଜେପି



**ନୂଆଦିଲ୍ଲୀ :** ପଞ୍ଚ ତାରକା ହୋଟେଲ ଭଳି ହେବ ବିଜେପିର ପାର୍ଟି ଅଫିସ। ମଧ୍ୟପ୍ରଦେଶ ବିଜେପି ରାଜ୍ୟରେ ତିଆରି କରାଯିବ ଆଖି ଖୋସି ହୋଇଗଲା ଭଳି ଦଳୀୟ କାର୍ଯ୍ୟାଳୟ। ଚଳିତ ବର୍ଷ ଶେଷ ଭାଗରେ ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଭୋପାଲରେ ରାଜ୍ୟ ମୁଖ୍ୟାଳୟ ତିଆରି କରିବାକୁ ବଜେପି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଦୀର୍ଘ ୩୨ ବର୍ଷ ପରେ ବିଜେପି ରାଜ୍ୟରେ ନୂଆ ଅଫିସ ତିଆରି କରିବାକୁ ଯାଉଛି। ଏଥିରେ ପ୍ରାୟ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରାଯାଇଛି। ବର୍ତ୍ତମାନ ବିଜେପି ତା'ର ରାଜ୍ୟ ମୁଖ୍ୟାଳୟ ଭାବେ ବ୍ୟବହାର କରୁଥିବା କୋଠାଟି ୧୯୯୧ ମସିହାରେ ତିଆରି ହୋଇଥିଲା। ଏଥିପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ସୁନ୍ଦରଲାଲ ପଟୱା ସରକାର ଥିବା ବେଳେ ଏହାକୁ ତିଆରି କରାଯାଇଥିଲା। ସେତେବେଳେ ଏହାକୁ ଦେଶର ଅନ୍ୟତମ ବଡ଼ ଓ ସୁନ୍ଦର ପାର୍ଟି ଅଫିସ ଭାବେ ପରିଗଣିତ କରାଯାଇଥିଲା। ଏବେ ଶିବରାଜ ସିଂହ ଚୌହାନ ସରକାର ବେଳେ ରାଜ୍ୟ ବିଜେପି ତା'ର ନୂଆ ପାର୍ଟି ଅଫିସ ତିଆରି କରିବାକୁ ଯାଉଛି। ମିଳିଥିବା ସୂଚନା ଅନୁସାରେ, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଦଳୀୟ ଅଫିସର ଭୂମି ପୂଜନ କରିବେ। ରବିବାର ନୂଆ ବିଲଡିଂ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଯୋଜନା କରାଯାଇଛି। ମଧ୍ୟପ୍ରଦେଶ ବିଜେପି ସଭାପତି ଭିଡି ଶର୍ମା କହିଛନ୍ତି, ବିଜେପି ସମଗ୍ର ଦେଶର ପ୍ରତିଟି ଜିଲ୍ଲାରେ ଗୋଟିଏ ଲେଖାଏ ପାର୍ଟି ଅଫିସ ତିଆରି କରିବାକୁ ନିଷ୍ପତ୍ତି ନେଇଛି। ଭୋପାଲରେ ଅଫିସ ନିର୍ମାଣ ପ୍ରସ୍ତାବ ଦୀର୍ଘ ଦିନରୁ ପଡ଼ି ରହିଥିଲା। ବର୍ତ୍ତମାନର ଆବଶ୍ୟକତାକୁ ଦେଖି ଦଳୀୟ କର୍ମୀ ଓ ନେତାଙ୍କ ପାଇଁ ନୂଆ ବିଲଡିଂ କରାଯିବ। ନୂଆ ଅଫିସରେ ସମସ୍ତ ପ୍ରକାରର ଆଧୁନିକ ସାମଗ୍ରୀ ରହିବ। ଅତି ସାଧାରଣ ଢଙ୍ଗରେ ସବୁ କିଛିକୁ ବ୍ୟବସ୍ଥିତ କରାଯିବ। ଏହା ମଧ୍ୟରେ ସଂକଳ୍ପ ସଙ୍କୁଳ, ମୁଖ୍ୟ ଅଫିସ, ସମର୍ପଣ ସଙ୍କୁଳ, ନେତାମାନଙ୍କ ଘର, ସହଯୋଗୀ ସଙ୍କୁଳ, ଓ କର୍ମଚାରୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ। ଏହା ୧୦ ମହଲା ବିଶିଷ୍ଟ ହେବ। ଗୋଟିଏ ଅଡିଟୋରିୟମ ରହିବ ଓ ଏଠାରେ ୧ ହଜାର ଲୋକ ବସି ପାରିବେ ବୋଲି ସେ କହିଛନ୍ତି। ପୁରୁଣା ଅଫିସରେ ବିଜେପି ୬ଟି ବିଧାନସଭା ନିର୍ବାଚନ ଲଢ଼ିଥିବା ବେଳେ ୩ଟି ଜିତିଛି। ୧୯୯୩,୧୯୯୮ ଓ ୨୦୧୮ରେ ଦଳକୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଥିଲା।

## ‘ଆମ ହସ୍ପିଟାଲ’ ପାଇଁ ଜିଲ୍ଲାପାଳଙ୍କୁ ପୂର୍ଣ୍ଣ କ୍ଷମତା

# ବର୍ଷକ ମଧ୍ୟରେ ଶେଷ ହେବ କାମ

**ଭୁବନେଶ୍ୱର :** ଛୋଟ ହେଉ କିମ୍ବା ବଡ଼ ଡାକ୍ତରଖାନା ସବୁଠି ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ମିଳିବ। କେବଳ ଚିକିତ୍ସା ନୁହେଁ ଡାକ୍ତରଖାନାରେ ଉତ୍ତମ ପରିବେଶ ସୃଷ୍ଟି କରାଯିବ। ଏହି ଲକ୍ଷ୍ୟ ନେଇ ‘୫-ଟି’ ଉପକ୍ରମ ଅଧୀନରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ‘ଆମ ହସ୍ପିଟାଲ ଯୋଜନା’। ଏହି ଯୋଜନା ଯେପରି ନିଜର ଆଭିମୁଖ୍ୟ ସାବ୍ୟସ୍ତ କରିବ ସେଥିପାଇଁ ଜିଲ୍ଲାପାଳମାନଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିଛନ୍ତି। ଡାକ୍ତରଖାନାରେ ନବୀକରଣ, ପୁନରୁଦ୍ଧାର, ନୂଆ ନିର୍ମାଣ, ଭିତ୍ତିଭୂମି ସୃଷ୍ଟି, ଦକ୍ଷତା ବିକାଶ ଭଳି କାର୍ଯ୍ୟର ସଫଳ କାର୍ଯ୍ୟାନ୍ୱୟନ ପାଇଁ ନିଷ୍ପତ୍ତି ନେବାର ପୂର୍ଣ୍ଣ ଅଧିକାର ଜିଲ୍ଲାପାଳମାନଙ୍କୁ ପ୍ରଦାନ କରାଯାଇଛି। ସ୍ଥାନୀୟ ଆବଶ୍ୟକତାକୁ ଦେଖି ଜିଲ୍ଲାପାଳମାନେ ପଦକ୍ଷେପ ନେଇପାରିବେ ଏବଂ ଏହାକୁ ସରକାର ଅନୁମୋଦନ ପ୍ରଦାନ କରିବେ।

ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଆମ ହସ୍ପିଟାଲ ଯୋଜନାରେ ଜିଲ୍ଲାପାଳ କୌଣସି ପ୍ରକାର କାର୍ଯ୍ୟ ପାଇଁ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିପାରିବେ। ପୂର୍ତ୍ତ କିମ୍ବା ଅନ୍ୟ କୌଣସି ସଂସ୍ଥା ଜରିଆରେ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ ଲାଗି ଜିଲ୍ଲା ସ୍ତରୀୟ କମିଟି (ଡିପିସି)କୁ କ୍ଷମତା ଦିଆଯାଇଛି। ତେବେ ଏଥିରେ ନିୟମ ଅନୁସାରେ ସ୍ୱଚ୍ଛତା ଅବଲମ୍ବନ କରାଯିବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଡିପିସି କାର୍ଯ୍ୟ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ, କାର୍ଯ୍ୟଶୈଳୀ ଚୂଡ଼ାନ୍ତ କରିବା, ମାସିକ ଭାବେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା, କ୍ଷେତ୍ର ପରିଦର୍ଶନ କରି ଗୁଣବତ୍ତା ସୁନିଶ୍ଚିତ କରିବା ଭଳି ଦାୟିତ୍ୱ ନିର୍ବାହ କରିବେ। ସେହିପରି କାର୍ଯ୍ୟ ସମ୍ପର୍କିତ ଖର୍ଚ୍ଚ ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିବା ସହିତ ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ପାଇଁ ଡିପିସି ପଦକ୍ଷେପ ନେବେ ବୋଲି ବିଭଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ ଲକ୍ଷ୍ୟରେ ୩୦ ଜିଲ୍ଲାର ୧୪୭ଟି ହସ୍ପିଟାଲକୁ ୫-ଟି ଆମ ହସ୍ପିଟାଲରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଅକ୍ଟୋବର ମାସ ସୁଦ୍ଧା ସାଧାରଣ ହସ୍ପିଟାଲକୁ ଆମ ହସ୍ପିଟାଲରେ ପରିଣତ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ହସ୍ପିଟାଲକୁ ଏଥିରେ ସାମିଲ କରାଯିବ। ଡାକ୍ତରଖାନା ଗୁଡ଼ିକର ୫-ଟି ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୭୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆବାସିକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରତି ହସ୍ପିଟାଲ ପିଛା ୪ କୋଟି ଟଙ୍କା ଏବଂ ସାମଗ୍ରୀ କିଣା ପାଇଁ ୨୫ ହଜାର ଟଙ୍କା ଲେଖାଏଁ ଜିଲ୍ଲାପାଳମାନଙ୍କୁ ଦିଆଯିବ। ଆବଶ୍ୟକ ସ୍ଥଳେ ପାଣ୍ଠି ବୃଦ୍ଧି କରାଯିବ। ଏହି କାର୍ଯ୍ୟ ପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୧୨ ଜଣିଆ କମିଟି ଗଠନ କରାଯାଇଛି। ଡାକ୍ତରଖାନାକୁ ଆସୁଥିବା ଲୋକଙ୍କ ମଧ୍ୟରେ ସନ୍ତୁଷ୍ଟି ଭାବନା ସୃଷ୍ଟି କରିବା ଏବଂ ସେମାନଙ୍କୁ ଆରାମଦାୟକ ପରିବେଶ ଦେବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ଜିଲ୍ଲାପାଳମାନଙ୍କ ଠାରୁ ହସ୍ତଗତ ମତାମତ ଆଧାରରେ ୫-ଟି ରୂପାନ୍ତରଣ ପାଇଁ ଯୋଜନା ହୋଇଥିଲା। ବ୍ୟୟ ଅଟକଳ ପ୍ରସ୍ତୁତି, ଅନୁମୋଦନ, କାର୍ଯ୍ୟାନ୍ୱୟନ ସଂସ୍ଥା ଚୟନ ପାଇଁ ଜିଲ୍ଲାପାଳମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି।

# ରାଜ୍ୟରେ ରହିବ ନାହିଁ ଶିକ୍ଷକ ଅଭାବ

## ପର୍ଯ୍ୟାୟକ୍ରମେ ନିଯୁକ୍ତ ହେବେ ୫୩ ହଜାର ଶିକ୍ଷକ

**ଭୁବନେଶ୍ୱର :** ରାଜ୍ୟରେ ଶିକ୍ଷକ ଅଭାବ ରହିବ ନାହିଁ। ଏନେଇ ଗୃହରେ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ସେ କହିଛନ୍ତି- ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୦୭୫, ଦ୍ୱିତୀୟ ପର୍ଯ୍ୟାୟରେ ୩୪୬୧ ଓ ତୃତୀୟ ପର୍ଯ୍ୟାୟରେ ୨୩୩୬ ଉଚ୍ଚ ବିଦ୍ୟାଳୟ ରୂପାନ୍ତର ହୋଇଛି। ତେବେ ଛାତ୍ରଛାତ୍ରୀ ବଢୁଥିବାରୁ ଶ୍ରେଣୀ ଗୃହ ବୃଦ୍ଧି କରାଯାଉଛି। ମୋ ସ୍କୁଲ ଜରିଆରେ ୯୬୩, ସ୍କୁଲ ରୂପାନ୍ତର ଜରିଆରେ ୨୮୧୦ ଓ ସମଗ୍ର ଶିକ୍ଷା ଅଭିଯାନରେ ୨୦୦ ଶ୍ରେଣୀ ଗୃହ ବଢ଼ାଯାଇଛି। ରାଜ୍ୟରେ ୫୦ ହଜାର ୨୬୩ ସ୍କୁଲ ଅଛି। ଏଥିରୁ ୮ ହଜାର ୨୪ ହାଇସ୍କୁଲ ଓ ୪୨ ହଜାର ୨୩୯ ପ୍ରାଥମିକ ସ୍କୁଲ ଅଛି। ୧୩୫୧ ରୂପାନ୍ତର ସ୍କୁଲର ୧୧୦୧ରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ସରିଛି। ୨୫୦ ସ୍କୁଲରେ କାମ ଚାଲିଛି। ୧୧ ହଜାର ଶିକ୍ଷକ ନିଯୁକ୍ତି ସରିଥିବାବେଳେ ୭ ହଜାର ଶିକ୍ଷକ ନିଯୁକ୍ତି ପାଇଁ ମାର୍ଚ୍ଚ ୧୦ରେ ପରୀକ୍ଷା ସରିଛି। ୬ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ମନ୍ତ୍ରୀ। ସେହିପରି ରାଜ୍ୟରେ ସମୁଦାୟ ୫୩ ହଜାର ଶିକ୍ଷକ ନିଯୁକ୍ତି ହେବେ। ୨୦୨୬ ଜଣଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ୨୦୬୪ କିରାଣୀ ନିଯୁକ୍ତି ପାଇଁ ବି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ମନ୍ତ୍ରୀ। ହାଇସ୍କୁଲରେ ଅତିରିକ୍ତ ଶ୍ରେଣୀ ଗୃହ କରିବାକୁ ପଞ୍ଚାୟତିରାଜ ବିଭାଗ ୨୮୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରିଛି। ମୋ ସ୍କୁଲ ଜରିଆରେ ୮୦୫.୧୪ କୋଟି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୫୭୮ କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ ରଖିଥିବା ନେଇ କହିଛନ୍ତି ମନ୍ତ୍ରୀ। ସେପଟେ ରାଜ୍ୟରେ ୧୦୨୪ ଯୁକ୍ତ ତିନି ବା ଡିଗ୍ରୀ କଲେଜ ଅଛି। ୨୯୩ ବ୍ଲକରେ ଯୁକ୍ତ ତିନି କଲେଜ ଥିବାବେଳେ ଅବଶିଷ୍ଟ ୨୧ ବ୍ଲକରେ ଡିଗ୍ରୀ କଲେଜ ଖୋଲିବାକୁ ବିଚାର ଚାଲିଥିବା ନେଇ ଗୃହକୁ ଅବଗତ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ।

## ଦୁର୍ଦ୍ଦିନରେ ବିଶ୍ୱବିଦ୍ୟାଳୟ ପାଠପଢ଼ା

# ନାହାନ୍ତି ଅଧ୍ୟାପକ, ପାଠପଢ଼ା ଠପ୍

**ଭୁବନେଶ୍ୱର :** ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ପରେ ବିଶ୍ୱବିଦ୍ୟାଳୟ ଘୋଷଣା କରି ଚାଲିଛନ୍ତି। ହେଲେ ଏସବୁ ୟୁନିଭର୍ସିଟିରେ କେମିତି ଚାଲିଛି ପାଠପଢା? କେତେ ସଂଖ୍ୟକ ଷ୍ଟାଫ ଅଛନ୍ତି, ପରୀକ୍ଷା ସଠିକ ସମୟରେ ହେଉଛି ତ? ଏ ସମସ୍ତ ପ୍ରଶ୍ନର ଗୁମର ଖୋଲିଛି ସୂଚନା ଅଧିକାର ତଥ୍ୟ। ମାତ୍ର ୮ ଜଣ ଅଧ୍ୟପାକରେ ଚାଲିଛି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ। ସେହିଭଳି ବିଧାନସଭାରୁ ମିଳିଥିବା ତଥ୍ୟ କହୁଛି କଟକ ଏମ୍‌ଏସ୍ ଲ’ ୟୁନିଭର୍ସିଟିରେ ୫୦ରୁ ୫୦ଟି ଯାକ ଅଧ୍ୟାପକ ପଦବି ଖାଲି ପଡ଼ିଛି। କେବଳ ଗେଷ୍ଟ ଫାକଲଟି ଭରସାରେ ଚାଲିଛି ପାଠପଢ଼ା। ୪୫ ଏକର ପରିମିତ ଜମିରେ ଛିଡା ହୋଇଛି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ। ବିଶ୍ୱବିଦ୍ୟାଳୟ ବିଲଡିଂ ପାଇଁ ଖର୍ଚ୍ଚ ହୋଇଛି ଶହ ଶହ କୋଟି ଟଙ୍କା। ଏହା ଅଧିନରେ ଚାଲିଛି ୫୦ରୁ ଅଧିକ କଲେଜ୍। ଖୋଦ୍ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ରହିଛି ୨୧ଟି ବିଭାଗ। କିନ୍ତୁ ଦୁର୍ଭାଗ୍ୟର କଥା ହେଲା, ୮ ବର୍ଷ ହେଲା ମାତ୍ର ୮ ଜଣ ଷ୍ଟାଫକୁ ନେଇ ଚାଲିଛି ଏହି ବିଶ୍ୱବିଦ୍ୟାଳୟ। ଏଠାରେ ମୋଟ ୨୯ଟି ଅଧ୍ୟାପକ ପଦବି ପାଇଁ ମଞ୍ଜୁରୀ ମିଳିଥିବା ବେଳେ ଖାଲି ପଡ଼ିଛି ୨୧ ପୋଷ୍ଟ। ଫଳରେ ପାଠପଢା ପାଇଁ ନିର୍ଭର କରିବାକୁ ପଡୁଛି ଗେଷ୍ଟ ଫାକଲ୍ଟିଙ୍କ ଉପରେ। ଏପରିକି ଗତ ଏକ ବର୍ଷ ଧରି ହୋଇଥିବା ପରୀକ୍ଷାର ମୂଲ୍ୟାୟନ ହୋଇପାରୁନି। ସେହିପରି ପିଏଚ୍‌ଡି ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଏଣ୍ଟ୍ରାନ୍ସ ଟେଷ୍ଟ ସହ ମୌଖିକ ପରୀକ୍ଷା ମଧ ହୋଇ ସାରିଛି, ହେଲେ କେବେ ଫଳ ପ୍ରକାଶ ପାଇବ କାହାକୁ ଜଣାନାହିଁ। ବିଶ୍ୱବିଦ୍ୟାଳୟର ଏଭଳି ଅବସ୍ଥା ନେଇ ବାରମ୍ବାର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ହେଲେ ଫଳ ଶୂନ।

# ବଢ଼ିବନି ବିଜୁଳି ଦର



**ଭୁବନେଶ୍ୱର :** ରାଜ୍ୟବାସୀଙ୍କ ପାଇଁ ବଡ଼ ଆଶ୍ୱସ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଢ଼ିବନି ବିଜୁଳି ଦର। ଘରୋଇ ଉପଭୋକ୍ତାଙ୍କ ପାଇଁ ପୂର୍ବ ଦର ଅପରିବର୍ତ୍ତିତ ରଖିଛି ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ। ଗ୍ରାହକଙ୍କ ଉପରେ ପଡ଼ିବନି ବିଦ୍ୟୁତ୍ ବୋଝ। ଚାଷୀଙ୍କ ପାଇଁ ବିଦ୍ୟୁତ ବିଲରେ ମଧ ରିହାତି ରହିବ। ଡିଜିଟାଲ ପେମେଣ୍ଟରେ ୪ ପ୍ରତିଶତ ରିହାତି ରଖାଯାଇଛି। ସେହିପରି ଫାଇନ୍ ବ୍ୟବସ୍ଥାକୁ ବାଦ ଦିଆଯାଇଛି। ପୂର୍ବଭଳି ୦ ରୁ ୫୦ ୟୁନିଟ୍ ପାଇଁ ୩ ଟଙ୍କା ଦେବେ ବିଦ୍ୟୁତ ଉପଭୋକ୍ତା। ୫୦ ରୁ ୧୫୦ ୟୁନିଟ ପାଇଁ ୪ ଟଙ୍କା ୮୦ ପଇସା ଓ ୨୦୦ରୁ ୪୦୦ ୟୁନିଟ ପାଇଁ ୫ ଟଙ୍କା ୮୦ ପଇସା ଧାର୍ଯ୍ୟ କରାଯାଇଛି। ୪୦୦ ୟୁନିଟ ପରେ ୬ ଟଙ୍କା ୨୦ ପଇସା ଧାର୍ଯ୍ୟ କରାଯାଇଛି। ଶୀତଳ ଭଣ୍ଡାର ପାଇଁ ୟୁନିଟ ପିଛା ୧ ଟଙ୍କା ୬୦ ପଇସା ଛାଡ଼ କରାଯାଇଛି । ସେହିପରି ରେଳବାଇ କ୍ଷେତ୍ରରେ ୨୫ ପ୍ରତିଶତର ରିହାତିକୁ ମଞ୍ଜୁର କରାଯାଇଛି। ଏସମ୍ପର୍କରେ ଓଇଆରସିର ସଚିବ ପ୍ରିୟବ୍ରତ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ମହାମାରୀରେ ୨୪,୩୫୫ ବାଳିକା ଗର୍ଭବତୀ ମମତାରୁ ବଞ୍ଚିତ

**ଭୁବନେଶ୍ୱର :** ମହାମାରୀ ବର୍ଷ ୨୦୨୧ରେ ଯେତେବେଳେ ରକ୍ତହୀନତା, ପୁଷ୍ଟିହୀନତା ଜଟିଳ ହୋଇପଡ଼ିଥିଲା, ସରକାର ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରି ମାଗଣାରେ ଚାଉଳ ଦେଉଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନର ସହଯୋଗରେ ରନ୍ଧାଖାଦ୍ୟ ଦିଆଯାଉଥିଲା। ଅଙ୍ଗନବାଡ଼ି ଦିଦି ଘରକୁ ଘର ବୁଲି ଛତୁଆ ଏବଂ ଅଣ୍ଡା ଦେଉଥିଲେ। ସେହି ସମୟରେ ସୂଚନା ଥାଇ ମଧ ରାଜ୍ୟର ୨୪ ହଜାର ୩୫୫ ଝିଅଙ୍କୁ ମମତା ଯୋଜନାରୁ ବଞ୍ଚିତ କରାଯାଇଥିଲା। ୨୦୨୨ ଅଗଷ୍ଟ ସୁଦ୍ଧା ମଧ ଏହି ସଂଖ୍ୟା ୧୦ ହଜାର ୧୦୯ ଥିଲା। ବାଲ୍ୟ ବିବାହ କିମ୍ବା ଦୁଷ୍କର୍ମର ଶିକାର ହୋଇ ଏହି ଝିଅମାନେ ୧୯ବର୍ଷ ପୂର୍ବରୁ ମା’ ହେବାରୁ ମମତା ଯୋଜନା ଅନ୍ତର୍ଗତରେ ଦିଆଯାଉଥିବା ୫ହଜାର ଟଙ୍କାରୁ ସେମାନଙ୍କୁ ବଞ୍ଚିତ କରାଯାଇଥିଲା। କେବଳ ଏହି ବର୍ଷ ନୁହେଁ, ପ୍ରତିବର୍ଷ ୧୯ବର୍ଷ ପୂର୍ବରୁ ମା’ ହୋଇଥିବା ଝିଅଙ୍କୁ ମମତା ଯୋଜନା ବଞ୍ଚିତ କରାଯାଏ। ଆଶ୍ଚର୍ଯ୍ୟଜନକ ହେଲା, ସରକାର ଶିଶୁଙ୍କୁ ସୁରକ୍ଷିତ ରଖି ପାରୁନାହାନ୍ତି କିନ୍ତୁ ମମତା ଯୋଜନାରୁ ବଞ୍ଚିତ ବାଳିକା ମା’ଙ୍କ ବିଷୟରେ ପଚାରିଲେ ଫାଙ୍କି ଦେଉଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ। ୧୦ ବର୍ଷ ମଧ୍ୟରେ ମମତା ଯୋଜନାରୁ ବଞ୍ଚିତ ୧୯ ବର୍ଷ ପୂର୍ବରୁ ବାଳିକା ମା’ଙ୍କ ସଂଖ୍ୟା ନେଇ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଶ୍ନ କରିଥିଲେ ମଧ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରୀ ମୂଳର ପ୍ରଶ୍ନର ତଥ୍ୟ ନ ଦେଇ



ପ୍ରସୂତିଙ୍କୁ ଦିଆଯାଉଥିବା ସୁଷମ ଖାଦ୍ୟ ବିଷୟରେ କହିଥିଲେ। ସୂଚନା ଅନୁଯାୟୀ, ମମତା ଯୋଜନା ଅନ୍ତର୍ଗତରେ ସରକାରୀ କର୍ମଚାରୀ ହୋଇନଥିବା ତଥା ସ୍ୱାମୀ କିମ୍ବା ତାଙ୍କର ମାସିକ ଆୟ ୧୫ ହଜାରରୁ କମ ରହିଥିଲେ ଜଣେ ଗର୍ଭବତୀ ଏବଂ ତାଙ୍କ ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଗର୍ଭାବସ୍ଥା ସମୟରେ ୩ ହଜାର ଟଙ୍କା ଏବଂ ଶିଶୁ ଜନ୍ମର ୯ ମାସ ପରେ ୨ ହଜାର ଟଙ୍କା ଦିଆଯାଇଥାଏ। ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ଅନ୍ତର୍ଗତରେ କାର୍ଯ୍ୟକାରୀ ଏହି ଯୋଜନାକୁ ଚଳିତ ବଜେଟ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରଶଂସା କରିଥିଲେ। ୨୦୧୧ ମସିହାରୁ ଆରମ୍ଭ ହୋଇଥିବା ଯୋଜନା ଅନ୍ତର୍ଗତରେ ଆଜି ପର୍ଯ୍ୟନ୍ତ ୫୫ ଲକ୍ଷ ୩୧ ହଜାର ଗର୍ଭବତୀଙ୍କୁ ସମୁଦାୟ ୨ ହଜାର ୬ଶହ ୪୬ କୋଟି ୫୬ ଲକ୍ଷ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ମମତା ଯୋଜନା ପାଇଁ ୨୧୯ କୋଟି ବ୍ୟୟ ବରାଦ କରାଯାଇଥିବା ମଧ ସୂଚନା ଦିଆଯାଇଥିଲା। କିନ୍ତୁ ପ୍ରତିବର୍ଷ ବାଳିକା ମା ହେଉଥିବା ଏତେ ସଂଖ୍ୟାର ଗର୍ଭବତୀଙ୍କୁ ସରକାର ଯଦି ମମତା ଯୋଜନାରୁ ବଞ୍ଚିତ କରୁଥିବେ ସମସ୍ତଙ୍କ ପାଖରେ ଏହାର ସୁଫଳ କିଭଳି ମିଳିବ ତାହା ପ୍ରଶ୍ନବାଚୀ ସୃଷ୍ଟି ହୁଏ। କାରଣ ଏନଏଫଏଚଏସ-୫ (୨୦୧୯-୨୧)ର ରିପୋର୍ଟ ଅନୁସାରେ ଝିଅଙ୍କ ବାଲ୍ୟ ବିବାହ ୨୦.୫ ପ୍ରତିଶତ ରହିଛି। ପ୍ରକୃତରେ ଏହା ମଧ ରାଜ୍ୟରେ ବାଲ୍ୟ ବିବାହର ପ୍ରକୃତ ଚିତ୍ର ନୁହେଁ। ସ୍ଥିତି ଆହୁରି ଜଟିଳ ରହିଛି। ଦୁଷ୍କର୍ମ ଯୋଗୁଁ ମା ହେଉଥିବା ଝିଅଙ୍କୁ ନେଇ ମଧ ଆଉ ଏକ କ୍ରୁର ଚିତ୍ର ରହିଛି। ୧୯ ବର୍ଷ ପୂର୍ବରୁ କୌଣସି ବାଳିକା ମାର ବୋଝ ନ ସହନ୍ତୁ, ସରକାରଙ୍କ ଏହି ଉଦେଶ୍ୟ ମହତ। କିନ୍ତୁ ସମାଜର ରକ୍ଷଣଶୀଳ ପୁରୁଷତାନ୍ତ୍ରିକ ମାନସିକତାକୁ ନବୁଝି ସରକାର ଯଦି ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବେ ତେବେ ଏଥିରେ କେବଳ ବାଳିକା ମା ଓ ଶିଶୁ ହିଁ କ୍ଷତିଗ୍ରସ୍ତ ହେବେ। ରକ୍ତହୀନତା ଓ ଅପପୁଷ୍ଟିର ଶତ ପ୍ରତିଶତ ସଫଳତା ମିଳିବା ସ୍ୱପ୍ନ ହୋଇ ପଡ଼ିବ। ଦୁଷ୍କର୍ମ ଏବଂ ବାଲ୍ୟ ବିବାହ ପୀଡ଼ିତାଙ୍କୁ ଯୋଜନାରୁ ବାଦ ଦିଆଯିବା ଦ୍ୱାରା ପୀଡ଼ିତାଙ୍କ ଅନ୍ୟାୟ ହେଉଛି ବୋଲି ମତପ୍ରକାଶ ପାଇଥିଲା।

## ୨୭ଶହ ସମବାୟ ସମିତିର ହେବ ନବକଳେବର

# ନିଜସ୍ୱ ମଣ୍ଡି ସହ ରହିବ ସିସିଟିଭି ବ୍ୟବସ୍ଥା

**ଭୁବନେଶ୍ୱର :** ସମବାୟ ବିଭାଗ ଅଧୀନରେ ସମ୍ପ୍ରତି ୨୭ଶହ ପ୍ରାଥମିକ କୃଷି ସମବାୟ ସମିତି ରହିଛି। ରାଜ୍ୟର ପ୍ରତି ପଞ୍ଚାୟତକୁ ଏକ ପ୍ରାଥମିକ ସମବାୟ ସମିତି ଯୋଗାଇ ଦେବା ଲକ୍ଷ୍ୟରେ ସରକାର ନୂଆ ୧୩ଶହ ସମିତି ଗଠନ କରୁଛନ୍ତି। ତେବେ ଏହି ନୂଆ ସମବାୟ ସମିତି ଗଠନ ହେବା ପୂର୍ବରୁ ସଦ୍ୟ କାର୍ଯ୍ୟକ୍ଷମ ଥିବା ୨୭ ଶହ ପ୍ରାଥମିକ କୃଷି ସମବାୟ ସମିତିର ନବକଳେବର କରାଯିବ ବୋଲି ସମବାୟ ବିଭାଗର ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ନବୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ୨୦୨୩-୨୪ ଆର୍ଥିକ ବର୍ଷରେ ଶେଷ କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ସମବାୟ ସମିତିଗୁଡ଼ିକୁ ବିଭାଗ ଭିତ୍ତିଭୂମି ବିକାଶ ଉଦ୍ଦେଶ୍ୟରେ ୩ଟି ଭାଗରେ ବାଣ୍ଟିଛି। ତାହା, ଉପକୂଳ ଓଡ଼ିଶା, ପଶ୍ଚିମ ଓଡ଼ିଶା ଓ ଖଣି ପ୍ରବଣ ଜିଲ୍ଲା ଭାବେ ଚିହ୍ନଟ ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ଥିବା ସମବାୟ ସମିତିଗୁଡ଼ିକ ପାଇଁ ଯଥାକ୍ରମେ ୨୫ ଲକ୍ଷ, ୬୦ ଲକ୍ଷ ଓ ଏକ କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ ହେବ। ସବୁ ସମବାୟ ସମିତିର ନିଜସ୍ୱ ମଣ୍ଡି, ଗୋଦାମ ଘର, ପିଣ୍ଡି, ଚାଷୀଙ୍କ ଉଦ୍ଦେଶ୍ୟରେ ମୌଳିକ ସୁବିଧାର ବିକାଶ, କାର୍ଯ୍ୟାଳୟ ଓ ସିସିଟିଭି ଭଳି ବ୍ୟବସ୍ଥା ରହିବ। ଏହା ସହ ଚାଷୀମାନଙ୍କ ଖାଦ୍ୟପେୟର ମଧ ବ୍ୟବସ୍ଥା ହେବ। ବିଶେଷ କରି ଖଣିପ୍ରବଣ ଜିଲ୍ଲାଗୁଡ଼ିକରେ ସମବାୟ ସମିତିର ନବକଳେବର ପାଇଁ ଓଡ଼ିଶା ଖଣିଜ ବହନ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ଓ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ରୁ ଅର୍ଥ ଅନୁମୋଦିତ ହୋଇ ଖର୍ଚ୍ଚ କରାଯିବ। ସମବାୟ ବିଭାଗକୁ ମିଳୁଥିବା ଧାନଶସ୍ୟ ବିକ୍ରି ବାବଦନୀୟ କମିଶନକୁ ମଧ ସମବାୟ ବିଭାଗର ନବକଳେବର କାର୍ଯ୍ୟରେ ବ୍ୟବହାର କରାଯିବ। ବିଶେଷ କରି ସମବାୟ ବିଭାଗଗୁଡ଼ିକ ସଂଗ୍ରହ କରୁଥିବା ଧାନ ବାବଦକୁ ଓଡ଼ିଶା ସାଧାରଣ ବଣ୍ଟନ ନିଗମଠାରୁ କମିଶନ ନେଇଥାଆନ୍ତି। ଖଣି ନ ଥିବା ଅଞ୍ଚଳରେ ଏହି ଅର୍ଥ ଖର୍ଚ୍ଚ କରି ସମବାୟ ସମିତିର ନବକଳେବର କରାଯିବ ବୋଲି ସମବାୟ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ସମବାୟ ବିଭାଗର ନବକଳେବର କାର୍ଯ୍ୟ ଚଳିତ ଆର୍ଥିକ ବର୍ଷରେ ଆରମ୍ଭ ହେବ। ଏନେଇ ବିଭାଗୀୟ ଉଚ୍ଚସ୍ତରୀୟ ବୈଠକରେ ଅନୁମୋଦନ ମିଳିସାରିଛି। ତେବେ କାମ ପାଇଁ ଆନୁଷଙ୍ଗିକ ବିଭାଗ ସହ ଆଲୋଚନା ହୋଇନାହିଁ। ଚଳିତ ମାସ ଏହି ଆଲୋଚା ହେବାର ଅଛି। ଏହାପରେ ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି ଜନୈକ ସମବାୟ ନିବନ୍ଧକ କହିଛନ୍ତି।

# ଇଚ୍ଛାଧୀନ କୋଟା: ୯୩ ଆବଣ୍ଟନ ରଦ୍ଦ, ୭୯ ଭିଜିଲାନ୍ସ ମାମଲା

**ଭୁବନେଶ୍ୱର :** ବହୁଚର୍ଚ୍ଚିତ ଇଚ୍ଛାଧୀନ କୋଟାରେ ଆବଣ୍ଟିତ ମୋଟ ୧୭୭୬ଟି ଘର ଓ ପ୍ଲଟ ମଧ୍ୟରୁ ମାତ୍ର ୯୩ଟି ଆବଣ୍ଟନକୁ ରାଜ୍ୟ ସରକାର ରଦ୍ଦ କରିଛନ୍ତି। ଏହାସହିତ ଭିଜିଲାନ୍ସରେ ଏନେଇ ୭୯ଟି ଅପରାଧ ମାମଲା ମଧ ରୁଜୁ ହୋଇଛି ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି। ତେବେ ମନ୍ତ୍ରୀ ଏ ସଂକ୍ରାନ୍ତ ଟାସ୍କଫୋର୍ସ ରିପୋର୍ଟ କଥା କହିଥିଲେ ମଧ ନିଜର ୩ପୃଷ୍ଠାର ଉତ୍ତରରେ କୌଣସି ସ୍ଥାନରେ ବି ତାରାଦତ୍ତଙ୍କ ନାଁ ଉଲ୍ଲେଖ କରିନାହାନ୍ତି। ଯଦିଓ ଇଚ୍ଛାଧୀନ କୋଟା ଆବଣ୍ଟନ ମାମଲାରେ ରାଜ୍ୟ ସରକାର ତାରାଦତ୍ତଙ୍କ ଅଧ୍ୟକ୍ଷତାରେ ଜଣିକିଆ ଟାସ୍କଫୋର୍ସ ଗଠନ କରିଥିଲେ ଓ ତାଙ୍କର ସୁପାରିଶକୁ ରାଜ୍ୟ କ୍ୟାବିନେଟ୍ ସ୍ୱୀକାର କରିଥିଲା। କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଇଚ୍ଛାଧୀନ କୋଟାରେ ପ୍ଲଟ୍ ଓ ଘର ଆବଣ୍ଟନ ସଂକ୍ରାନ୍ତରେ ତାରାଦତ୍ତ କମିଟି ରିପୋର୍ଟ ଆଧାରରେ କ’ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଉଷା ଦେବୀ କହିଛନ୍ତି ଯେ, ୧୯୯୫ ଜାନୁୟାରୀ ପରଠୁ ଇଚ୍ଛାଧୀନ କୋଟାରେ ସମସ୍ତ ପ୍ଲଟ, ଘର ଓ ଫ୍ଲାଟର ଆବଣ୍ଟନକୁ ରାଜ୍ୟ ସରକାର ରଦ୍ଦ କରିଦେଇଥିଲେ। ଏସମସ୍ତ ସମ୍ପତ୍ତି ରାଜ୍ୟ ସରକାରଙ୍କ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଅଧୀନକୁ ଫେରିବ ବୋଲି ଘୋଷଣା କରିଥିଲେ। ସେହି ଆଧାରରେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ), କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ) ଓ ଓଡ଼ିଶା ରାଜ୍ୟ ଗୃହନିର୍ମାଣ ବୋର୍ଡ (ଓଏସଏଚବି) ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ମନ୍ତ୍ରୀ ଉଷା ଦେବୀ ଏହି ଟାସ୍କଫୋର୍ସ ରିପୋର୍ଟ ଆଧାରରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଇଚ୍ଛାଧୀନ କୋଟାରେ ବିଡିଏ ଦ୍ୱାରା ୮୦୩ଟି ଆବଣ୍ଟନରୁ ୪୮ଟି ରଦ୍ଦ ହୋଇଛି। ସେହିପରି ସିଡିଏ ଦ୍ୱାରା ୯୨୧ଟି ଆବଣ୍ଟନରୁ ୩୫ଟି ରଦ୍ଦ ହୋଇଥିବାବେଳେ ଓଏସଏଚବି ଦ୍ୱାରା ୫୨ରୁ ୧୦ଟି ରଦ୍ଦ ହୋଇଛି। ସେହିପରି ଭିଜିଲାନ୍ସ ଦ୍ୱାରା ତଦନ୍ତ ପରେ ବିଡିଏରେ ୨୪ଟି, ସିଡିଏରେ ୨୯ଟି ଓ ଓଏସଏଚବିର ୨୬ଟି ଅପରାଧ ମାମଲା ରୁଜୁ ହୋଇଛି। ତେବେ ଆଇନଗତ ସମସ୍ୟା, ହାଇକୋର୍ଟରେ ମାମଲା ଓ ରାଜ୍ୟ ଆଡଭୋକେଟ୍ ଜେନେରାଲଙ୍କ ପରାମର୍ଶରେ ରାଜ୍ୟ ସରକାର ଇଚ୍ଛାଧୀନ କୋଟାରେ ଯେଉଁମାନେ ଗୋଟିଏ ପ୍ଲଟ, ଫ୍ଲାଟ୍ କି ଘର ନେଇଥିବେ ସେମାନଙ୍କର ଆବଣ୍ଟନ ବୈଧ ରହିବ ବୋଲି କହିଥିଲେ। ଏହାସହିତ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ୨୦୧୫ ମସିହାରେ ପୂର୍ବରୁ ଗ୍ରହଣ କରାଯାଇଥିବା ଟାସ୍କଫୋର୍ସ ରିପୋର୍ଟର ଅନୁଚ୍ଛେଦ-୪୮(୭)କୁ ୨୦୨୨ ନଭେମ୍ବର ୧୮ତାରିଖରେ ଖାରଜ କରି ଦିଆଯାଇଥିଲା। ଯାହାଫଳରେ ଇଚ୍ଛାଧୀନ କୋଟାରେ ନିର୍ଦ୍ଧାରିତ ପ୍ରାବଧାନ ଅନୁସାରେ ଯେଉଁମାନେ ଗୋଟିଏ ପ୍ଲଟ, ଫ୍ଲାଟ ଅବା ଘର ନେଇଥିବେ ସେମାନଙ୍କର ଆବଣ୍ଟନ ରଦ୍ଦ ହେବନି ଓ ସେହି ଆବଂଟନର ହକଦାର ମଧ ସେମାନଙ୍କ ଉତ୍ତରାଧିକାରୀ ହେବେ। ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ପରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦୨୨ ଡିସେମ୍ବର ୮ତାରିଖରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଥିବା ମନ୍ତ୍ରୀ ଉଷା ଦେବୀ କହିଛନ୍ତି। ତେବେ ଭିଜିଲାନ୍ସ ଦ୍ୱାରା ଦାଏର ମାମଲା ସମ୍ପର୍କରେ ମନ୍ତ୍ରୀ କିଛି ସୂଚନା ଦେଇନାହାନ୍ତି।

# ହେନ୍ତାଳ ବନ ସୃଷ୍ଟିରେ ଦେଶର ପ୍ରଥମ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର :** ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳରେ ୮୯୩ ବର୍ଗ କିଲୋମିଟର ଅଭିବୃଦ୍ଧି ଘଟିଛି। ସେହିପରି ଓଡ଼ିଶା ୮.୩୪ କିମି ହେନ୍ତାଳବନ ସୃଷ୍ଟି କରି ଦେଶର ପ୍ରଥମ ସ୍ଥାନରେ ରହିଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ କହିଛନ୍ତି। ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଅମାତ କହିଛନ୍ତି ଯେ ଚଳିତ ବର୍ଷ ରାଜ୍ୟ ସରକାର ୩.୪୯ କୋଟି ଚାରାରୋପଣ କରୁଥିଲାବେଳେ ୧.୯୫ କୋଟି ଚାରା ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ବଣ୍ଟନ କରିଛନ୍ତି। ସବୁଜ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ‘ଆମ ଜଙ୍ଗଲ ଯୋଜନା’କୁ ୨୨ ବନଖଣ୍ଡ ଅଧିନସ୍ଥ ପ୍ରାୟ ୪୬୦୧ ବନ ସୁରକ୍ଷା ସମିତି ମାଧ୍ୟମରେ ୪.୨ ଲକ୍ଷ ପରିବାର ପାଖକୁ ପହଞ୍ଚାଇ ସେମାନଙ୍କୁ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଏବଂ ଅବକ୍ଷୟିତ ଜଙ୍ଗଲର ସଂରକ୍ଷଣ ଆଦି କାର୍ଯ୍ୟରେ ନିୟୋଜିତ କରାଯାଇ ସେମାନଙ୍କ ଜୀବନଜୀବିକାରେ ଉନ୍ନତି ଅଣାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଅମାତ କହିଛନ୍ତି। ଜଙ୍ଗଲ ନିଆଁ କିମ୍ବା ବନ୍ୟଜନ୍ତୁ-ମଣିଷ ବିବାଦକୁ




ପ୍ରଶମିତ କରିବା ଅବା ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଓ ସଂରକ୍ଷଣ ଦେବା ସହଜ କାର୍ଯ୍ୟ ନୁହେଁ। ସମନ୍ୱିତ ଓ ନିଷ୍ଠାପର ଭାବରେ ଜଙ୍ଗଲ ବିଭାଗର କ୍ଷେତ୍ର ଅଧିକାରୀ, କର୍ମଚାରୀ ଓ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରୁଥିବାରୁ ଓଡ଼ିଶାରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କର ଅଭିବୃଦ୍ଧି ଘଟୁଛି ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ବନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟଧାରା ଉପରେ ଆଲୋକପାତ କରି ‘ହାଇଲାଇଟସ୍ ଅଫ୍ ଓଡ଼ିଶା ଫରେଷ୍ଟ୍ରି ସେକଫର-୨୦୨୩’ ଶୀର୍ଷକ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୪ ଜଣ ବନରକ୍ଷୀ, ୧୧ ଜଣ ବନପାଳ ଓ ୪ ଜଣ ବନାଞ୍ଚଳ ଅଧିକାରୀ, ମୋଟ ୩୯ ଜଣ କ୍ଷେତ୍ର କର୍ମଚାରୀଙ୍କୁ ରାଜ୍ୟ ବନୀକରଣ ପୁରସ୍କାର ୨୦୨୩ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି, ମେଡ଼ାଲ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମାରୋହ ଆରମ୍ଭ ହେବା ପୂର୍ବରୁ ମନ୍ତ୍ରୀ ଶ୍ରୀ ଅମାତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀର ଉଦ୍ଘାଟନ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ବନ ବାହିନୀର ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଚଳିତ ବର୍ଷର ବିଷୟବସ୍ତୁ ‘ବନ ଓ ସ୍ୱାସ୍ଥ୍ୟ’ ଉପରେ ବିଶଦ ଆଲୋକପାତ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ଏମ୍‌ଇ ଆଣ୍ଡ ଆଇଭି) ଓମ୍ ପ୍ରକାଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ମାର୍ଚ୍ଚ - ୨ ଏପ୍ରିଲ, ୨୦୨୩

# ଉଠୁଛି ପଡୁଛି ରାଜନୀତି



ତାରକ ମହାନ୍ତି

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ଅନେକ ସକାରାତ୍ମକ ଓ ନକାରାତ୍ମକ ଚିତ୍ର ଦେଖିବାକୁ ମିଳୁଛି। ଚଳିତ ବିଧାନସଭାରେ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ଶାସକ ବିଜୁ ଜନତା ଦଳକୁ ସମ୍ପୂର୍ଣ୍ଣ ଅଡୁଆରେ ପକାଇଛନ୍ତି ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରୁ ଆରମ୍ଭ କରି ୫ଟି ବିଭାଗକୁ ନେଇ ଯେଭଳି ପ୍ରଶ୍ନବାଣ ଛାଡିଲେ ତାହା ବିଜେପିର ପୂର୍ବ ଆଭିମୁଖ୍ୟ ଠାରୁ ସମ୍ପୂର୍ଣ୍ଣ ଅଲଗା। ଶ୍ରୀ ମିଶ୍ରଙ୍କ ରୋକଠୋକ ପ୍ରଶ୍ନରେ ବିଜେଡି ଘାଇଲା ଭଳି ଜଣା ପଡ଼ିଛି। ହେଲେ ଜଣଙ୍କ ପରେ ଜଣେ ବିଜେଡି ମୁଖପାତ୍ର ଶ୍ରୀ ମିଶ୍ରଙ୍କ ଅପରାଧିକ କାର୍ଯ୍ୟକୁ ନେଇ ଟାର୍ଗେଟ କରୁଥିଲା ବେଳେ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା ଓ ତାରା ପ୍ରସାଦ ବାହିନୀପତି ମଧ୍ୟ ଶାସକ ଦଳକୁ ପ୍ରଶ୍ନ ଘେରରେ ଛନ୍ଦି ପକାଇଛନ୍ତି। ଆଗରୁ ବିଧାନସଭାରେ ବିଜେଡି ଏଭଳି ପରିସ୍ଥିତିର ସାମ୍ନା କରିନଥିଲା। ଯାହା ବି ହେଉଥିଲା, ତାହା ଏତେ ଶାଣିତ ନଥିଲା। ଅଚାନକ ଏଭଳି ଦୃଶ୍ୟ ରାଜ୍ୟ ରାଜନୀତିରେ କିଛିଟା ପରିବର୍ତ୍ତନ ଆଣିବ ବୋଲି ଚର୍ଚ୍ଚା ହେଉଥିଲେ ବି ବିଜେଡିର ଆଭିମୁଖ୍ୟ ମଧ୍ୟ କଠୋର ଏବଂ ବିରୋଧୀଙ୍କ ମୁହଁ ବନ୍ଦ ପାଇଁ ଯଥେଷ୍ଟ ବୋଲି କୁହାଯାଉଛି। ହେଲେ ବାସ୍ତବରେ କଣ ବିରୋଧୀଙ୍କ ମୁହଁ ବନ୍ଦ କରିପାରିବ ବା କରିପାରିଛି ବିଜେଡି ! ନା,ସେମିତି ହୋଇଥିଲେ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାକୁ ନେଇ ଗୃହରେ ଏଭଳି ହୋହଲ୍ଲା ବା ଆରୋପ ପ୍ରତ୍ୟାରୋପ ହୋଇନଥାନ୍ତା। ବିଧାନସଭାରେ ନବ ଦାସ ଘଟଣାକୁ ନେଇ ବିରୋଧୀ ଯେଉଁ ଆରୋପ କରୁଛନ୍ତି, ତାହା ହେଉଛି ଏହା ଏକ ଷଡଯନ୍ତ୍ର ଓ ହତ୍ୟା ପଛରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ହାତ ରହିଛି।ଯେଉଁଥିପାଇଁ ହତ୍ୟାକାଣ୍ଡକୁ ଦେଢ଼ ମାସରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ତଦନ୍ତକାରୀ ଟିମ ଠୋସ କିଛି ତଥ୍ୟ ଦେଇପାରିନାହାନ୍ତି। ଏତିକି କଥା ସାମ୍ନାକୁ ଆସୁଛି ଯେ, ଅଭିଯୁକ୍ତ ଏଏସଆଇ ଗୋପାଳ ଦାସ ଜଣେ ପାଗଳ। ସେ ଆଗରୁ ଏଥିପାଇଁ ଚିକିସଛିତ ମଧ୍ୟ ହେଉଥିଲା। ହେଲେ ଚିକିତ୍ସା ବିଜ୍ଞାନୀ ଗୋପାଳ ପାଗଳ ନୁହେଁ ବୋଲି କହୁଛନ୍ତି। ତେବେ କାହାକୁ ସୁରକ୍ଷା ଦେବାକୁ ଯାଇ ତଦନ୍ତକାରୀ ଟିମ ଗୋପାଳକୁ ପାଗଳ ବୋଲି କହୁଛି ! ବିରୋଧୀଙ୍କ ଅଭିଯୋଗ ଅନୁସାରେ ଯେଉଁ ଦିଗ ସନ୍ଦେହ ଘେରରେ ତାହାର ତଦନ୍ତ କରାଯାଉନି କାହିଁକି ବା ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାନଯିବାର କାରଣ କଣ ? ଗୋପାଳ ଯଦି ପାଗଳ, ସିଏ ପୋଲିସ ବିଭାଗରେ କିଭଳି କାର୍ଯ୍ୟ କରୁଥିଲା ଓ ବିଭାଗ ଜାଣି ଜାଣି ଜଣେ ପାଗଳ ହାତରେ ସୁରକ୍ଷା ଦାୟିତ୍ୱ ଦେଇଥିଲା ! ଗୋପାଳ ଦାସ ପାଗଳ ପ୍ରସଙ୍ଗକୁ ନେଇ ଗତ ମଙ୍ଗଳବାର ବିଧାନସଭାରେ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ଦଳଙ୍କୁ ଟାର୍ଗେଟ କରିଥିଲେ। ନବ ଦାସ ହତ୍ୟାକାଣ୍ଡ ପ୍ରସଙ୍ଗ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ ଯେ ଗୋପାଳ ପାଗଳ ବୋଲି କିଏ କହିଲା ? ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଅସନ୍ତୋଷ ଝାଡିଥିଲେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ କହିଥିଲେ ଗୋପାଳ ପାଗଳ ବୋଲି କିଏ କହିଥିବା ନେଇ ମୁଖ୍ୟମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ଗତ ଫେବୃଆରୀ ୨୦ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିବୃତିରେ କୁହାଯାଇଥିଲା ଯେ ଗୋପାଳ ଦାସର ମାନସିକ ଅସୁସ୍ଥତା ଥିବାର ରେକର୍ଡ ରହିଛି। ସେଥିପାଇଁ ସେ ଚିକିତ୍ସିତ ହେଉଥିଲା। ଏହା କ'ଣ ବିରୋଧୀ ଦଳ କହିଥିଲେ ? ଗୋପାଳର ସ୍ତ୍ରୀ କହିଲା, ଗୋପାଳ ପାଗଳ।ତାକୁ ଚିକିତ୍ସା କରୁଥିବା ଡାକ୍ତର କହିଲେ, ଗୋପାଳର ମୁଁ ମାନସିକ ଚିକିତ୍ସା କରୁଥିଲି।

ଅନ୍ୟପକ୍ଷେ ବିଧାନସଭାରେ ରାଜ୍ୟରେ ହେଉଥିବା ଦୁର୍ନୀତି ଉପରେ ଆଲୋଚନା ହୋଇଥିଲା। ବିଜେପି ବିଧାୟକ ଦଳ ମୁଖ୍ୟ ସଚେତକ 'ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି କେବଳ ସ୍ଲୋଗାନରେ, ଦୁର୍ନୀତି ଓ ପିସିରେ ମାଲେମାଲ ଓଡିଶା ସରକାର' ଶୀର୍ଷକ ଏକ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରି କହିଲେ, ଦୁର୍ନୀତି ଓ ଅନ୍ୟାୟ ହୁ ହୁ ହୋଇ ବଢିଚାଲିଛି। ପଞ୍ଚାୟତରୁ ଲୋକସେବା ଭବନ ସବୁଆଡେ ଦୁର୍ନୀତି ମାଡିଗଲାଣି। ତୃତୀୟ ମହଲାରେ ଦୁର୍ନୀତି ବଢୁଥିବାରୁ ତଳ ସ୍ତରରେ ତାହାର ପ୍ରଭାବ ପଡୁଛି। ଏହି ଦୁର୍ନୀତି ରୋକିବାକୁ ୫ଟି, ମୋ ସରକାର କଣ କରୁଛନ୍ତି ବୋଲି ଶ୍ରୀ ମାଝୀ ପ୍ରଶ୍ନ ଉଠାଇଥିଲେ। ମୁଖ୍ୟମନ୍ତ୍ରୀ ଯେବେ 'ଷ୍ଟପ ପିସି' କହିଲେ, ସେବେଠାରୁ ପିସି ଅଧିକ ବଢ଼ିଲା। ଶ୍ରୀ ମାଝୀ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ସହନଶୀଳତା ନୀତି କୁଆଡେ ଯାଉଛି। ଏବେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ୩୫% ପିସିରେ ଯାଉଛି। ଏଥିସହ ଶ୍ରୀ ମାଝୀ ବର୍ତ୍ତମାନର ସରକାରଙ୍କୁ ପିସି ସରକାର କହିବାକୁ ପଛାଇନଥିଲେ। ବିଜେପି ସଭ୍ୟ ସନାତନ ବିଜୁଳି କହିଲେ, ରାଜ୍ୟରେ ଏମିତି ଗୋଟିଏ ବିଭାଗ ନାହିଁ ଯେଉଁଠି ଦୁର୍ନୀତି ଓ ପିସି ନାହିଁ। ସରକାରୀ ଦଳ କହୁଛନ୍ତି ୫ଟି' ଏକ ଚିନ୍ତାଧାରା। ଚିନ୍ତାଧାରାରେ କଣ ସରକାର ଚାଲେ ବୋଲି ସେ ପ୍ରଶ୍ନ କରିଥିଲେ। ଆହୁରି ମଧ୍ୟ ସେ ପ୍ରଶ୍ନ କରିଥିଲେ ଯେ, ୫ଟି'ର ମନ୍ତ୍ରୀ କିଏ ଓ କେଉଁଠି ସେ ବିଭାଗ ଅଛି ? ଯଦି ଓଡ଼ିଶାରେ ୫ଟି' ସବୁ କରୁଛି, ତେବେ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତ ଦାୟିତ୍ୱ ବି ୫ଟି'କୁ ଦିଆଯାଉ। ଜୟନ୍ତ ଷଡଙ୍ଗୀ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ପିସି କାରବାର ହେଉଥିବାରୁ ଉଦବେଗ ପ୍ରକାଶ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଜେଡି ପାଇଁ ବିପଦର କାରଣ ପାଲଟିଛନ୍ତି ଜୟ ନାରାୟଣ। ଚଳିତ ବିଧାନସଭା ଭିତରେ ଓ ବାହାରେ ଜୟ ନାରାୟଣ ବିଜେଡି ବିରୋଧରେ ଯେଭଳି ବୟାନ ରଖୁଛନ୍ତି ତାହା ପୂର୍ବରୁ କୌଣସି ବିରୋଧୀ ଦଳ ନେତା ଦେଖିନଥିଲେ। ଅନ୍ୟପଟେ ନରସିଂହ ମିଶ୍ର ମଧ୍ୟ ସମାନ ଆଭିମୁଖ୍ୟ ଦେଖାଇଛନ୍ତି। ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ଆରମ୍ଭରୁ ଜୟ ନାରାୟଣ ସଂକେତ ଦେଲେ ଯେ, ଏହା ପଛରେ ଷଡଯନ୍ତ୍ର ରହିଛି।ପରେ ପରେ କହିଲେ ଯେ, ହତ୍ୟାକାଣ୍ଡ ପଛରେ ବିଜେଡି ସଂଗଠନ ସମ୍ପାଦକ ଓ ୫-ଟି ସଚିବଙ୍କ ହାତ ରହିଛି। ଏତିକି ପରେ ବିଜେଡି ଭିତରେ ଏକ ପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲା। ଜୟ ନାରାୟଣଙ୍କ ମୁହଁ ବନ୍ଦ ପାଇଁ ବିଜେଡିର ଏକାଧିକ ମୁଖପାତ୍ର ସାମ୍ନାକୁ ଆସିଲେ। ହେଲେ କେହି ଏଯାଏ ଜୟ ନାରାୟଣଙ୍କ ମୁହଁ ବନ୍ଦ କରିପାରିଲେନାହିଁ।

ଅନ୍ୟପକ୍ଷେ ଲୋକସଭାରୁ ଅଯୋଗ୍ୟ ଘୋଷିତ ହେବାର ଦିନକ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଗଣମାଧ୍ୟମରେ ପ୍ରଥମ ଉଦ୍‌ବୋଧନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି 'ମୋ ନାମ ସବରକର ନୁହେଁ, ମୁଁ ଗାନ୍ଧି'। ଗାନ୍ଧି କାହାକୁ କ୍ଷମା ମାଗେ ନାହିଁ। ସଂସଦରୁ ଅଯୋଗ୍ୟ ଘୋଷିତ କଲେ ମୋ ପାଟି ବନ୍ଦ କରିପାରିବେନି। ଅଯୋଗ୍ୟ ହେବା କିମ୍ବା ଜେଲ୍ ଯିବାକୁ ନେଇ ମୁଁ ଆଦୌ ଭୟ କରେନି। ମୋତେ ଆଜୀବନ ଅଯୋଗ୍ୟ କରିଦେଲେ କିମ୍ବା ଜେଲ୍‌ରେ ପୁରାଗଲେ ବି ମୁଁ ମୋ କାର୍ଯ୍ୟ ବନ୍ଦ କରିବିନାହିଁ। ମୁଁ କାହାକୁ ଭୟ କରେନାହିଁ। ପ୍ରଧାନମନ୍ତ୍ରୀ ମୋଦି ଓ ଆଦାନୀଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ ମୁଁ ବାରମ୍ବାର ପ୍ରଶ୍ନ କରିବି। ଏହି ପ୍ରସଙ୍ଗରେ କଂଗ୍ରେସ-ବିଜେପି ଏବେ ମୁହାଁମୁହିଁ ହୋଇଛନ୍ତି। ବିଜେପି କହିଛି, ରାହୁଲ ଜଣେ ଅଭ୍ୟାସଗତ ମିଛୁଆ ଓ ଅବମାନନାକାରୀ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନିଆଁ ପେଟରେ ଜଙ୍ଗଲ



ବିପିନ ବିହାରୀ ରାଉତ

ନିକଟରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜାନ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ସମଗ୍ର ବିଶ୍ୱବାସୀଙ୍କୁ ବିଚଳିତ ଓ ଚକିତ କରିଦେଇଛି। ଜଙ୍ଗଲକୁ ଆମେ ପ୍ରାକୃତିକ ସମ୍ପଦ ହିସାବରେ ଗ୍ରହଣ କରିଥିବା କାରଣରୁ ସେଠି ବିପଦ ରହିବା ସ୍ୱାଭାବିକ । କିନ୍ତୁ ସେହି ବିପଦ ଯେତେ ପ୍ରକୃତିଦତ୍ତ ନୁହେଁ ତା'ଠାରୁ ଅଧିକ ମନୁଷ୍ୟ ଦ୍ୱାରା ସୃଷ୍ଟି କରାଯାଉଛି । ମଣିଷ ବିଭିନ୍ନ ମାର୍ଗରେ ପାରିବେଶିକ ସନ୍ତୁଳନକୁ ପ୍ରଦୂଷଣ ଜରିଆରେ ନଷ୍ଟ କରି ଚାଲିଥିବାବେଳେ ବନାଗ୍ନିର କାରଣ ସାଜି ଜଙ୍ଗଲ ସମ୍ପଦକୁ ନଷ୍ଟକରି ଜଳବାୟୁର ସ୍ୱାଭାବିକତାରେ ବିଭ୍ରାଟ ସୃଷ୍ଟି କରିଚାଲିଛି, ଯାହାକି ଜୀବଜଗତ ପାଇଁ ଧ୍ୱଂସର ପରିସ୍ଥିତିକୁ ଆମନ୍ତ୍ରଣ କରୁଛି । ଆମ ଦେଶ ଭାରତ । ବିଶ୍ୱର ଅନ୍ୟତମ ଜୈବ ବିବିଧତାର ପରିପୂର୍ଣ୍ଣ ଏହି ରାଷ୍ଟ୍ରର ୬୩.୭ ନିୟୁତ ହେକ୍ଟର ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ । ଅର୍ଥାତ୍ ଦେଶର ମୋଟ ଭୌଗୋଳିକ ଅଞ୍ଚଳ ମଧ୍ୟରୁ ୧୯.୩୯ ପ୍ରତିଶତ ଜଙ୍ଗଲ। ଏଥିରୁ ୧୧.୪୮ ପ୍ରତିଶତ ଘଞ୍ଚ ଜଙ୍ଗଲ। ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ତଥ୍ୟ ଅନୁଯାୟୀ ଦେଶରେ ରହିଥିବା ଏହି ଜଙ୍ଗଲ ଅଞ୍ଚଳର ୫୩ ପ୍ରତିଶତ ବନାଗ୍ନିପ୍ରବଣ। ତନ୍ମଧ୍ୟରୁ ପ୍ରାୟ ୯ ପ୍ରତିଶତ ଜଙ୍ଗଲରେ ନିୟମିତ ବ୍ୟବଧାନରେ ନିଆଁ ଲାଗିଥାଏ। ଅବଶିଷ୍ଟ ଜଙ୍ଗଲରେ କେବେ କେମିତି ନିଆଁ ଲାଗିବାର ଦେଖାଯାଏ । ହେକ୍ଟର ହିସାବ ଦେଖିଲେ ଦେଶରେ ୩.୭୩ ନିୟୁତ ହେକ୍ଟର ଜଙ୍ଗଲରେ ନିୟମିତ ନିଆଁ ଲାଗିଥାଏ। ଏହି ବନାଗ୍ନି ଫଳରେ ଦେଶରେ ପ୍ରତିବର୍ଷ ପ୍ରାୟ ୪୪୦ କୋଟି ଟଙ୍କାର କ୍ଷୟକ୍ଷତି ଘଟିଥାଏ ବୋଲି ଏକ ଆକଳନରୁ ଜଣାପଡ଼ିଛି। ବନାଗ୍ନି ଫଳରେ ଜଙ୍ଗଲରେ ଜଳିପୋଡ଼ି ନଷ୍ଟ ହୋଇଯାଉଥିବା ଗଛବୃକ୍ଷକୁ ନେଇ ଏହି କ୍ଷତିର ପରିମାଣ ହିସାବ କରାଯାଇଛି । ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ। କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ।

ପ୍ରଶ୍ନ ଉଠେ ଜଙ୍ଗଲରେ ନିଆଁ କାହିଁକି ଲାଗେ, କେମିତି ଲାଗେ ଓ କିଏ ଲଗାଏ ? ଏହି ପ୍ରଶ୍ନର ଦୁଇଟି ଉତ୍ତର। ପ୍ରଥମତଃ ପ୍ରାକୃତିକ କାରଣରୁ ଜଙ୍ଗଲରେ ନିଆଁ ଲାଗେ, ଦ୍ୱିତୀୟତଃ ମଣିଷ ନିଜର ସ୍ୱାର୍ଥ ପାଇଁ ପୁଣି ଉଦ୍ଦେଶ୍ୟହୀନ ଭାବେ ଜଙ୍ଗଲ ପୋଡ଼ିଥାଏ। ଜଙ୍ଗଲ ଉପରେ ଯେଉଁମାନେ ଗବେଷଣା କରୁଛନ୍ତି ସେମାନଙ୍କର ମତ ହେଉଛି ପ୍ରାକୃତିକ ବା ପରିବେଶଗତ କାରଣରୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବହୁତ କମ୍। ପବନର ବେଗ, ଜଳବାୟୁର ଆର୍ଦ୍ରତା ଉପରେ ନିର୍ଭର କରେ ପ୍ରାକୃତିକ ବନାଗ୍ନି। ଏପରିକି ଏଲନିନୋର ପ୍ରଭାବ ମଧ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟାଇପାରେ। ଜଳବାୟୁ ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ମଧ୍ୟ ଏହି ମତ ରଖନ୍ତି। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ। ପବନର ତୀବ୍ର ଗତି ଯୋଗୁ ଡାଳ, ବାଉଁଶରେ ବାଉଁଶ ଘସି ହୋଇ ନିଆଁ ସୃଷ୍ଟି ହୋଇଥାଏ । ବେଳେବେଳେ ପାହାଡ଼, ପର୍ବତରୁ ତଳକୁ ଗଡ଼ିଆସୁଥିବା ପଥର ଖଣ୍ଡ ଅନ୍ୟ ପଥର ସହ ସଂଘର୍ଷରେ ଅଗ୍ନି ଉତ୍ପନ୍ନ କରାଯାଇଥାଏ ଓ ଏହି ନିଆଁ ଶୁଷ୍କ କାଠ ଓ ପତ୍ର ସଂସ୍ପର୍ଶରେ ଆସି ଜଙ୍ଗଲରେ ନିଆଁ ଲାଗିଯାଇଥାଏ। ଜଙ୍ଗଲରେ ନିଆଁ ଲାଗିବା ଫଳରେ କେବଳ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହୁଏ ନାହିଁ, ଏହାଦ୍ୱାରା ପ୍ରଭୂତ କ୍ଷତିଘଟେ। ଜଳ ଅବବାହିକା କ୍ଷେତ୍ର ଉଜୁଡ଼ି ଯାଏ। ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ। ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ। ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ। ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଲେଷଣରେ ବ୍ୟାଘାତ ଘଟେ। ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ। ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ। ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ। ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ। ଗତ କେତେବର୍ଷ ଧରି ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଲାଣି। ଜଙ୍ଗଲ ନିଆଁକୁ ରୋକିବା ପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି। ମାତ୍ର ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ। ଜାତୀୟ ଜଙ୍ଗଲ ନୀତି ୧୯୮୮ରେ ଜଙ୍ଗଲ ନିଆଁ ସମ୍ପର୍କରେ ଉଲ୍ଲେଖ ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପରିଚାଳନା ପଦ୍ଧତି ଅନୁସରଣ କରି ଜଙ୍ଗଲ ନିଆଁକୁ ରୋକିବା ସକାଶେ ଏଥିରେ କୁହାଯାଇଛି । ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଗର୍ହିତ ତଥା ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି। ଭାରତ ସରକାର ମଧ୍ୟ ୨୦୦୦ ମସିହାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ କେତେକ ନୀତି ନିୟମ ପ୍ରଣୟନ କରିଛନ୍ତି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି। ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି। ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି। ଗ୍ରାମଗୋଷ୍ଠୀମାନଙ୍କୁ ନିଜସ୍ୱ ଜ୍ଞାନକୌଶଳରେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଥିଲେ ମଧ୍ୟ କିଛି ହେଉନାହିଁ। ଜଙ୍ଗଲ ନିଆଁ, ଜଙ୍ଗଲ ସମ୍ପଦର ଅବକ୍ଷୟ ଯେ ଏହାର କାରଣ ତାହା ସାଧାରଣ ମଣିଷ ହେଜି ପାରୁନାହିଁ। ଜଙ୍ଗଲ ସମ୍ପଦ ନଷ୍ଟ କାରଣରୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବର୍ଷକୁ ବର୍ଷ ବୃଦ୍ଧି ପାଉଥିବା ସମ୍ଭବତଃ ସାଧାରଣ ମଣିଷର ଜ୍ଞାନ ପରିସରକୁ ଆସୁନାହିଁ। କେବଳ ଭାରତରେ ନୁହେଁ, ଭୟାବହ ଜଙ୍ଗଲ ନିଆଁ ଆମେରିକା, କାନାଡ଼ା, ସୁଇଜରଲ୍ୟାଣ୍ଡ, ଜାପାନ ଭଳି ଉନ୍ନତ ରାଷ୍ଟ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ଏସବୁ ରାଷ୍ଟ୍ରରେ ଲାଗୁଥିବା ଜଙ୍ଗଲ ନିଆଁ ଏକାଧିକ ଦିନ ପର୍ଯ୍ୟନ୍ତ ନିର୍ବାପିତ ହୋଇପାରୁନାହିଁ । ତେବେ ଏହାକୁ ନିର୍ବାପିତ କରିବା ପାଇଁ ସେ ସବୁ ଦେଶରେ ଯେଉଁଭଳି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ରହିଛି ଆମ ଦେଶରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି। ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି। ଅଗ୍ନି ନିର୍ବାପନ ପାଇଁ ହେଲିକେପ୍ଟରର ବ୍ୟବସ୍ଥା ମଧ୍ୟ ରହିଛି। ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ। କେବଳ ଫାୟାର ଲାଇନ ଓ ପରିଖା ପ୍ରଭୃତି ପାରମ୍ପରିକ ବ୍ୟବସ୍ଥାକୁ ନେଇ ଆମେ ବାନଗ୍ନିକୁ ଶାନ୍ତ କରିବା ପାଇଁ ଉଦ୍ୟମ କରୁଛୁ, ଯାହାଫଳରେ ବିଦେଶରେ ଭୟାବହ ବନାଗ୍ନି ଯେତିକି ଜଙ୍ଗଲ ନଷ୍ଟ ନକରୁଛି ଆମ ଦେଶରେ ଛୋଟ ଛୋଟ ଜଙ୍ଗଲ ନିଆଁ ଅଧିକ ଜଙ୍ଗଲ ଧ୍ୱଂସର କାରଣ ହେଉଛି।

*ଯୁଗ୍ମ ନିର୍ଦ୍ଦେଶକ, ଓରମାସ୍, କଟକ*
*ଦୂରଭାଷ : ୯୪୩୭୬୬୬୪୫୩*

# ପାଣି ପଞ୍ଚାୟତ



ଗଙ୍ଗାଧର ସାମଲ

ଆମ ରାଜ୍ୟର ପ୍ରାୟ ସତୁରି ଭାଗ ଲୋକ କୃଷି ଉପରେ ନିର୍ଭରକରି ଚଳନ୍ତି। ଏଠାରେ ଅଣଜଳସେଚିତ ଜମି ଅଧିକ ଥିବାରୁ ବନ୍ୟା, ମରୁଡ଼ିର ଚାଷୀ ଶିକାର ହୋଇ ଋଣ ଶୁଝି ନ ପାରି ସନ୍ତୁଳିତ ହୁଅନ୍ତି। ଏହି ପରିପ୍ରେକ୍ଷୀରେ ଜଳସେଚନର ସୁବ୍ୟବସ୍ଥା ଲାଗି ପାଣି ପଞ୍ଚାୟତର ସୃଷ୍ଟି। ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ନେଇ ଏହି ଯୋଜନା ରାଜ୍ୟ ସରକାରଙ୍କର ଏକ ନୂତନ ପଦକ୍ଷେପ। ସାରା ପୃଥିବୀର ଜଳନୀତି ଓ ଆମ ଦେଶର ଜଳନୀତିକୁ ନେଇ ଓଡ଼ିଶା ସରକାର, ଓଡ଼ିଶା ପାଣିପଞ୍ଚାୟତ ଅଧିନିୟମ ୨୦୦୨, ଓଡ଼ିଶା ପାଣି ପଞ୍ଚାୟତ ନିୟମାବଳୀ-୨୦୦୩ ଏବଂ ଓଡ଼ିଶା ପାଣି ପଞ୍ଚାୟତ (ସଂଶୋଧନ) ଅଧିନିୟମ ୨୦୦୮କୁ ପର୍ଯ୍ୟାୟକ୍ରମେ ଆଇନରେ ପରିଣତ କରିଛନ୍ତି। ତେବେ ଏହି ଯୋଜନାର ସଫଳ ରୂପାୟନ ଲାଗି ଆହୁରି କେତେକ ପଦକ୍ଷେପର ଆବଶ୍ୟକତା ରହିଛି। ଓଡ଼ିଶା ଉଠାଜଳସେଚନ ସମସ୍ୟା ରହିତ ହେଲେ ଏହାର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ତେବେ ନିମ୍ନରେ କେତୋଟି ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ତା'ହେଲେ ଓଡ଼ିଶାର ଚାଷୀମାନେ ଉପକୃତ ହୋଇପାରିବେ ଏବଂ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଜଳସେଚନ କରି କୃଷି ଉତ୍ପାଦନରେ ସହାୟ ହୋଇପାରିବେ।

କୃଷି କାର୍ଯ୍ୟରେ ବ୍ୟବହୃତ ଉଠାଜଳସେଚନ ପ୍ରକଳ୍ପ ବିଦ୍ୟୁତ ଶୁଳ୍କ କୃଷକ ମାନଙ୍କୁ ଛାଡ଼ କରି ସରକାର। ଭରଣା କରିବା ବ୍ୟବସ୍ଥା ହେଉ, ଯାହାକି ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହରିୟାଣା ଓ ମହାରାଷ୍ଟ୍ର ପ୍ରଭୃତି କୃଷି ବିକଶିତ ରାଜ୍ୟରେ ପ୍ରଣୟନ କରାଯାଇଛି। ମୋଟର, ଷ୍ଟାର୍ଟର ଆଦି ସମସ୍ତ ଯନ୍ତ୍ରାଂଶ ବିଭାଗୀୟ ଯନ୍ତ୍ରୀମାନଙ୍କ ପାଖରେ ଷ୍ଟକ ରଖାଯାଉ। ଯନ୍ତ୍ରାଂଶ ଅଚଳ ଅବସ୍ଥାକୁ ଆସିବା ବିଭାଗୀୟ ଯନ୍ତ୍ରୀ ଅନୁଭବ କଲେ ଆବଶ୍ୟକସ୍ଥଳେ ଚାଷୀମାନଙ୍କୁ ପାଣି ପଞ୍ଚାୟତରେ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଉ। ଲୋ-ଭୋଲଟେଜର ପ୍ରତିକାର ପୂର୍ବକ ଚାଷୀମାନଙ୍କୁ ସେଚ ପ୍ରକ୍ରିୟା ପାଇଁ ଉପଯୁକ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଉ। ପ୍ରକଳ୍ପଟିର ଟ୍ରାନ୍ସଫର୍ମର ପୋଡ଼ିଗଲେ ଅତିଶୀଘ୍ର ନୂତନ ଟ୍ରାନ୍ସଫର୍ମର ବସାଇବା ବ୍ୟବସ୍ଥା କରାଯାଉ। ସେଥିପାଇଁ ନୂତନ ଟ୍ରାନ୍ସଫର୍ମର ସ୍ୱତନ୍ତ୍ର ଭାବେ ଷ୍ଟକ ରଖାଯାଉ। ଏହି ନୂତନ ଟ୍ରାନ୍ସଫର୍ମର ଉଠାଜଳସେଚନ ନିର୍ବାହୀଯନ୍ତ୍ରୀଙ୍କ ନିକଟରେ ମହଜୁଦ ରଖାଯାଉ। ଉଠାଜଳସେଚନ ପ୍ରକଳ୍ପଗୁଡ଼ିକର ପାଣି ନାଳ ମାଟି ପ୍ରସ୍ତୁତ। ତେଣୁ ନାଳରେ ଅନେକ ଜଳ ନଷ୍ଟ ହେଉଥିବାରୁ ସିମେଣ୍ଟ ନାଳ କିମ୍ବା ପିଭିସି ପାଇପ ଦ୍ୱାରା ପାଣି ନାଳ ତିଆରି କରିବା ଲାଗି ସରକାର ଅର୍ଥର ବ୍ୟବସ୍ଥା କରିବା ଆବଶ୍ୟକ। ଯେଉଁ ପାଣି ପଞ୍ଚାୟତର ପ୍ରକଳ୍ପ ଗୃହ ନାହିଁ ସେଠାରେ ରହୁଥିବା ଷ୍ଟାର୍ଟର, ମୋଟର, ବିଭିନ୍ନ ଯନ୍ତ୍ରାଂଶ ନଷ୍ଟହୁଏ ଓ ଚୋରି ଭୟ ଥାଏ। ତେଣୁ ସେଚ୍ ପ୍ରକଳ୍ପ ଗୃହ ନିର୍ମାଣ କରିବା ଲାଗି ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଉ। ଉଠାଜଳସେଚନ ପ୍ରକଳ୍ପ ଲାଗି ବଜେଟରେ ବାର୍ଷିକ ବ୍ୟୟର ଅର୍ଥ ବରାଦ କରାଯାଉ। ଫଳରେ କୃଷି, କୃଷକର ଉନ୍ନତି ହେବ ଓ ପାଣି ପଞ୍ଚାୟତର ସ୍ୱପ୍ନ ସାକାର ହେବା ସଙ୍ଗେ ସଙ୍ଗେ ରାଜ୍ୟର ପ୍ରଗତି ହେବ। ରାଜ୍ୟ ଏକ ବିକାଶଶୀଳ ରାଜ୍ୟ ଭାବେ ପରିଣତ ହୋଇପାରିବ। ରାଜ୍ୟକୁ ସବୁଜ ଶସ୍ୟ ଶ୍ୟାମଳାରେ ପରିଣତ କରାଯାଇପାରିବ। ପାଣି ପଞ୍ଚାୟତଗୁଡ଼ିକୁ ଧାନ ବିକ୍ରିୟ କରିବା ପାଇଁ ସ୍ୱତନ୍ତ୍ର ସ୍ୱାଧୀନତା ଦେବା ଆବଶ୍ୟକ। ଯେପରି ଗ୍ରାମାଞ୍ଚଳରେ ସେବା ସମବାୟ ସମିତି ମାନଙ୍କୁ ସରକାର କ୍ଷମତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଚାଷୀ ଉପକୃତ ହୋଇପାରିବେ। ତା'ସହିତ ବ୍ୟାଙ୍କରୁ କମ୍ ସୁଧରେ ଋଣ ମିଳିବା ଏବଂ ପଣ୍ୟାଗାର ଆଦି ତିଆରି କରାଗଲେ ପାଣି ପଞ୍ଚାୟତଗୁଡ଼ିକର ସମୃଦ୍ଧି ହୋଇପାରିବ। କୃଷି କାର୍ଯ୍ୟର ପରିବ୍ୟୟ ହ୍ରାସ କରିବା ପାଇଁ କମ୍ ସୁଧରେ ସମସ୍ତ ଚାଷୀଙ୍କୁ ଆନୁଷ୍ଠାନିକ ଋଣ ଓ ଶସ୍ତାରେ ଉତ୍କୃଷ୍ଟ ଧରଣର ବିହନ, ସାର, କୀଟନାଶକ, ଆଧୁନିକ କୃଷି ଯନ୍ତ୍ରପାତି ଯୋଗାଇଦେବା ଆବଶ୍ୟକ। କୃଷକମାନେ ଦରଦାମର ଅସ୍ଥିରତାର ସୁରକ୍ଷା ପାଇଁ ମୂଲ୍ୟ ସ୍ଥିରତା ପାଣ୍ଠି ଗଠନ କରିବା, ଖାଦ୍ୟଶସ୍ୟ ସଂରକ୍ଷଣ ସୁବିଧା, ଶସ୍ୟବୀମା ଯୋଜନା ସୁବିଧା ସରକାର ଯୋଗାଇଦେବା ଆବଶ୍ୟକ। ପାଣି ପଞ୍ଚାୟତଗୁଡ଼ିକୁ ସାମୂହିକ ଭାବରେ ଲାଭଦାୟକ ସଂସ୍ଥାରେ ପରିଣତ କରିବା ପାଇଁ ହେଲେ ସହଭାଗୀ ଜଳସେଚନ ପ୍ରକ୍ରିୟାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହାଦ୍ୱାରା ଧାନଚାଷ ସହିତ ଅର୍ଥକାରୀ ଫସଲ ମଧ୍ୟ ଉତ୍ପାଦନ ହୋଇପାରିବ। ପାଣିପଞ୍ଚାୟତ ମାଧ୍ୟମରେ ସହଭାଗୀ ଜଳସେଚନ ଦ୍ୱାରା କୃଷି କ୍ଷେତ୍ରରେ କୃଷକ ଲାଭବାନ ହୋଇପାରିବ। କିନ୍ତୁ ଉଠାଜଳସେଚନ ପ୍ରକଳ୍ପର ଜଳ ପାଇବା ପାଇଁ ପାଣି ପଞ୍ଚାୟତଗୁଡ଼ିକୁ ଅପେକ୍ଷାକୃତ ଅଧିକ ବ୍ୟୟ କରିବାକୁ ପଡ଼ିଥାଏ। ତେଣୁ ସରକାରୀ ସ୍ତରରେ ଏହି ସମସ୍ୟାକୁ ନଜର ଦିଆଯାଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବା ଆବଶ୍ୟକ। ପ୍ରତି ବ୍ଲକରେ ଜଳସେଚିତ କୃଷି ଜମିର ମୃତ୍ତିକା ପରୀକ୍ଷା କରି ତିନିବର୍ଷରେ ଥରେ ପ୍ରତି ଚାଷୀଙ୍କୁ ମୃତ୍ତିକାର ବିଶେଷ ବ୍ୟବସ୍ଥା ଦିଆଯାଉ। ଫଳରେ ମୃତ୍ତିକାର ଉର୍ବରତା ଦ୍ୱାରା ଅଧିକ ଫସଲ ଆମଦାନୀ କରାଯାଇପାରିବ। ପାଣି ପଞ୍ଚାୟତ ଦ୍ୱାରା ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟର ଚାଷୀ ଓ ଚାଷ ଉପରେ ନିର୍ଭରଶୀଳ ବ୍ୟକ୍ତିମାନେ ବ୍ୟାପକ ସୁଫଳ ପାଇପାରିବେ। ପାଣିପଞ୍ଚାୟତ ସହିତ ଜଳ ସଂରକ୍ଷଣ ଜନିତ ସଚେତନତା ମଧ୍ୟ ବୃଦ୍ଧି ପାଇବା ଜରୁରୀ। ପାଣି ପଞ୍ଚାୟତ ପାଇଁ କେନ୍ଦ୍ରର ଅନୁଦାନ ମଧ୍ୟ ଦ୍ୱିଗୁଣିତ ହେବା ପ୍ରାସଙ୍ଗିକ ମନେହୁଏ। ପାଣି ପଞ୍ଚାୟତ ନିଶ୍ଚିନ୍ତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଚାଷୀମାନଙ୍କୁ ବହୁଳ ଉପକାର ଦେଇପାରୁଥିବା ଚାଷ ବ୍ୟବସ୍ଥାର ମୂଳ କ୍ଷେତ୍ର। ତେବେ ଏ କ୍ଷେତ୍ରରେ ସଚେତନତା ସହିତ ଚାଷୀମାନଙ୍କର ମଧ୍ୟ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ।

*ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା*
*ଦୂରଭାଷ : ୯୪୩୭୨୨୬୬୪୭*

# ଛାତ ଉପରେ ସୌରଶକ୍ତି ସହଜ



ଶରତ କୁମାର ସାହୁ

ପ୍ୟାରିସ ଜଳବାୟୁ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ଗତ ଡିସେମ୍ବରରେ ଗଠିତ ଆନ୍ତର୍ଜାତିକ ସୌର ମେଣ୍ଟର ପ୍ରତିଷ୍ଠା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ଏହାର ପ୍ରତିଷ୍ଠାତା ସଭ୍ୟ। ମେଣ୍ଟର ଲକ୍ଷ୍ୟ ହେଲା ସୌରଶକ୍ତି ଉତ୍ପାଦନର କାରିଗରୀ କୌଶଳ ଖର୍ଚ୍ଚ କମାଇବା, ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଅର୍ଥ ଲଗାଣର ମୂଲ୍ୟ ହ୍ରାସ ଏବଂ ଏ କ୍ଷେତ୍ରରେ ନୂଆ ଗବେଷଣା ସକାଶେ ସମ୍ବଳ ଯୋଗାଡ଼ କରିବା। ବାୟୁମଣ୍ଡଳର ଉତ୍ତପ୍ତୀକରଣ ଯୋଗୁ ନିରାପଦ ବିଶୁଦ୍ଧ ଅକ୍ଷୟ ଶକ୍ତି ଭାବେ ସୂର୍ଯ୍ୟ କିରଣରୁ ବିଦ୍ୟୁତ୍ ଉତ୍ପାଦନ ଅଧିକ ନିର୍ଭରଯୋଗ୍ୟ ବ୍ୟବସ୍ଥା ବୋଲି ବିଶ୍ୱରେ ସ୍ୱୀକାର କରାଯାଉଛି। ଭାରତ ପରି ଦେଶ କ୍ଷେତ୍ରରେ ଏହାର ଗୁରୁତ୍ୱ ବେଶୀ। ଭାରତ ନିଜ ପକ୍ଷରୁ ଆନ୍ତର୍ଜାତିକ ସୌର ମେଣ୍ଟର କାମକୁ ଆଗେଇ ନେବାକୁ ଉଦ୍ୟମ କଲାବେଳେ ନିଜେ ଏ ଦିଗରେ ରଖିଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ଗୁରୁତ୍ୱ ଦେବା ଉଚିତ। ୨୦୨୪ ସୁଦ୍ଧା ଦେଶରେ ଏକ ଲକ୍ଷ ମେଗାୱାଟ ସୌର ବିଦ୍ୟୁତ୍ ଉତ୍ପାଦନ ଲାଗି ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୪୦ ହଜାର ମେଗାୱାଟ ଛାତ ଉପରେ ଓ ଅବଶିଷ୍ଟ ୬୦ ହଜାର ମେଗାୱାଟ ବଡ଼ ସୌର ପ୍ରକଳ୍ପ ଜରିଆରେ ଉତ୍ପାଦନ କରାଯିବ। କିନ୍ତୁ ଦେଶରେ ବଡ଼ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ଜମି ମିଳିବା କଷ୍ଟକର। କାରଣ ଶିଳ୍ପ ଲାଗି ଜମି ଅଧିଗ୍ରହଣ ସମ୍ଭବ ହେଉନାହିଁ। ଯଦିଓ ରାଜସ୍ଥାନ ମରୁଭୂମିରେ ଏପରି ବଡ଼ ପ୍ରକଳ୍ପ ପ୍ରତିଷ୍ଠା ସହଜ ତଥାପି ସମଗ୍ର ଦେଶରେ ସୌର ବିଦ୍ୟୁତ୍ ଉତ୍ପାଦନକୁ ଢ଼ାଇବାକୁ ସରକାର ଚାହାଁନ୍ତି। ଉତ୍ତର ଭାରତର କେତେକ ରାଜ୍ୟରେ କେନାଲ ଉପରେ ବଡ଼ ପ୍ରକଳ୍ପ କରିବା ପାଇଁ ଉଦ୍ୟମ ହେଉଛି। କିନ୍ତୁ ଛାତ ଉପରେ ସୋଲାର ପ୍ଲେଟ ବସାଯାଇ ସୌରଶକ୍ତି ଉତ୍ପାଦନ କରିବା ଅଧିକ ସହଜ ହେବ। ଅନେକ ଦେଶରେ ଏଥିଲାଗି ସହରାଞ୍ଚଳକୁ ଗୁରୁତ୍ୱ ଦେଇ ପ୍ରତି ସହରର ଘରଗୁଡ଼ିକର ଛାତ ଉପରେ କେତେ ସୌର ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ ତାର ଆଗୁଆ ସର୍ଭେ କରାଯାଉଛି। ନିକଟରେ କର୍ଣ୍ଣାଟକର ବେଙ୍ଗାଲୁରରେ ଆକାଶ ମାର୍ଗରୁ ଛାତ ଉପର ସୌରଶକ୍ତି ସାମର୍ଥ୍ୟ ବାହାର କରିବାକୁ ପଦକ୍ଷେପ ନିଆଯାଇଛି। ଏ ପନ୍ଥାରେ ସହରର ବିଦ୍ୟୁତ୍ ଆବଶ୍ୟକତା ଓ ଛାତ ଉପରୁ ସୌରଶକ୍ତି ଉତ୍ପାଦନ ସାମର୍ଥ୍ୟକୁ ନିର୍ଣ୍ଣୟ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଅନୁରୂପ ପଦକ୍ଷେପ ଦେଶର ବଡ଼ ବଡ଼ ସହରଗୁଡ଼ିକରେ ଏପରିକି ମଧ୍ୟମ ଅବା ଛୋଟ ସହରଗୁଡ଼ିକରେ ବି କରାଯାଇପାରିବ।

ସହରବାସିନ୍ଦାଙ୍କୁ ଛାତ ଉପରେ ସୌର ବିଦ୍ୟୁତ୍ ଉତ୍ପାଦନ କରିବା ଲାଗି ଉତ୍ସାହିତ କରିବା ସକାଶେ ସେମାନଙ୍କୁ ଅଧିକ ମହଲା ଘର ନିର୍ମାଣ କ୍ଷେତ୍ରରେ ରିହାତି ଦିଆଯାଇପାରିବ। ଦେଖାଯାଉଛି ଯେ ଦେଶରେ ଛାତ ଉପରେ ସୌରଶକ୍ତି ପାଇଁ ଆଗ୍ରହ ବଢୁଛି। ୨୦୨୨ର ଶେଷ ତ୍ରୈମାସିକର ହିସାବ ସମେତ ପୂର୍ବର ତଥ୍ୟରୁ ସଫଳତା ଦ୍ୱିଗୁଣିତ ହୋଇଥିବା ଦେଖାଯାଇଛି। ଅନ୍ୟପକ୍ଷରେ ବଡ଼ ପ୍ରକଳ୍ପ କ୍ଷେତ୍ରରେ ବିଳମ୍ବ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଏ ବର୍ଷ ଆରମ୍ଭ ସୁଦ୍ଧା ଦେଶରେ ସୌର ବିଦ୍ୟୁତ୍ କ୍ଷେତ୍ରରେ ସ୍ଥାପିତ କ୍ଷମତା ୧୯ ହଜାର ୫୧୬ ମେଗାୱାଟରୁ ମାତ୍ର ୧୧ ପ୍ରତିଶତ ଛାତ ଉପର ବା ରୁଫ୍‌ଟପ୍ ସୌର ଶକ୍ତି। ଏଥିରୁ କୁହାଯାଇପାରେ ଯେ, ରୁଫଟପ ସୌର ବିଦ୍ୟୁତକୁ ଯେତିକି ଉତ୍ସାହିତ କରାଯିବା କଥା ତାହା କରାଯାଉନାହିଁ। ବର୍ତ୍ତମାନ ସମୟରେ ଦେଖାଯାଉଛି ଲୋକମାନେ ଛାତ ଉପରେ ସୌର ଶକ୍ତି ଜନିତ ଏହି କାର୍ଯ୍ୟକ୍ରମ ଅପେକ୍ଷା ଛାତ ଉପରେ ମୋବାଇଲ ଟାୱାର ବସାଇବା ପାଇଁ ଗୁରୁତ୍ୱ ଦେଉଛନ୍ତି ଯଦିଓ ଏହା ସେମାନଙ୍କୁ ଆର୍ଥିକ ଭାବରେ କିଛି ଉପକାର ଦେଉଛି କିନ୍ତୁ ବାସ୍ତବ କଥା ହେଉଛି ଏହାର ବିକିରଣ ଜନିତ ସମସ୍ୟା ମଧ୍ୟ ରହିଛି। ତେଣୁ ଏସବୁ ମଧ୍ୟରେ ସୌର ବିଦ୍ୟୁତ ଉତ୍ପାଦନ ପାଇଁ ଛାତ ଉପରେ ଏପରି ଏକ ଲୋକପ୍ରିୟ କାର୍ଯ୍ୟକ୍ରମକୁ ହାତକୁ ନେବା ପାଇଁ ଅଧିକ ସଚେତନତା ସମସ୍ତଙ୍କ ଭିତରେ ବ୍ୟାପକ ହେବା ସହ ଏଥିପାଇଁ ସରକାରୀ ସ୍ତରରେ ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। କାରଣ ସୌରଶକ୍ତି ଉତ୍ପାଦନ ଦ୍ୱାରା ଜଣଙ୍କର ବ୍ୟକ୍ତିଗତ ବିଜୁଳି ଚାହିଦାର ଆବଶ୍ୟକତା କମିଯିବ ଏବଂ ଏ ନେଇ ପରିବେଶ ଜନିତ ପ୍ରଦୂଷଣ ବା କୌଣସି ସମ୍ଭାବ୍ୟ ଆପତଃକାଳୀନ ବିପଦର ସମ୍ଭାବନା ମଧ୍ୟ ନାହିଁ। କେନ୍ଦ୍ର ସରକାର ଚଳିତ ବଜେଟରେ ଏ ନେଇ ଏକ ବ୍ୟବସ୍ଥା ରଖିଥିବାର ଜାତୀୟ ଗଣମାଧ୍ୟମରେ ଆଲୋଚନା ହେଉଛି। କିନ୍ତୁ ଏ କ୍ଷେତ୍ରରେ ବ୍ୟାପକ ପ୍ରୋତ୍ସାହନ ଓ ସଚେତନତା ସହିତ ଚିଠା ତାଲିକା ପ୍ରସ୍ତୁତ ହେବା ଜରୁରୀ ମନେହୁଏ। ସୌରଶକ୍ତି ବ୍ୟବହାରରେ ମହାରାଷ୍ଟ୍ର, ଗୁଜୁରାଟ ପରି କିଛି ରାଜ୍ୟ ଏହି କାର୍ଯ୍ୟକ୍ରମକୁ ପ୍ରାରମ୍ଭିକ ଭାବେ ଆଗେଇ ନେଇ ସଫଳତା ମଧ୍ୟ ପାଇଛନ୍ତି। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଏ ଦିଗକୁ ବେଶି ଗୁରୁତ୍ୱ ଦେଇ ପ୍ରୋତ୍ସାହନକାରୀ ନୀତି ଗ୍ରହଣ କରନ୍ତୁ। ସରକାରୀ କୋଠାବାଡ଼ିଗୁଡ଼ିକ ବ୍ୟତୀତ ଘରୋଇ ଲୋକେ କିପରି ନିଜ ଛାତ ଉପରେ ସୌରଶକ୍ତି ଉତ୍ପାଦନ କରିବେ ସେଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଉ।

*'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର*
*ଦୂରଭାଷ : ୯୪୩୭୦୫୧୫୪୩*

## ଧାରାବାହିକ ଉପନ୍ୟାସ

### ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୨




*(ପୂର୍ବପ୍ରକାଶ ଉତ୍ତାରୁ)*

ତାପରେ କୁଆଡେ ଯିବୁ ତୁ ନିଜର ବୋଝକୁ ନେଇ ? ମରି ତ ପାରିବୁନି। ଆଲୋ ତୋ ଭଳି ମାଇକିନାମାନେ କଣ ମରିବାକୁ ଚାହାନ୍ତି ? ବରଂ ବଂଚିବାପାଇଁ ଏ କାମକୁ ନିଜର ପେଷା କରିନିଅନ୍ତି।

ମୁଁ ଜାଣିଚି ପରା, ତୁ ବୁଲିବୁଲି ପୁଣି ମୋରି ପାଖକୁ ଆସିବୁ। ସେତେବେଳେ ମୁଁ ତୋତେ ଘରର ଚାକରାଣୀ କରିରଖିବି। ତୋ ଗୋଡ ପାଖକୁ ଯାଇଥିଲି। ସମ୍ମାନର ସହିତ ଆପଣେଇ ଥାଆନ୍ତି। ହେଲେ ମୋର ସେ ମାନ ତୁ ରଖିଲୁ ନାଇଁ। ଏବେ ତୁ ଆସିବୁ ଦିନେ ମୋ ଗୋଡତଳକୁ। କିନ୍ତୁ ଚାପୁଡା ମାରି ମୁଁ ତୋତେ ଫେରାଇ ଦେବି ନାହିଁ। ତୁ ଚାକରାଣୀ ହୋଇ ଜନ୍ମନେଇଛୁ ଓ ସେମିତି ଚାଲିଯିବୁ ଏ ସଂସାରରୁ। ସେଇଆ ହିଁ ତୋ ଭାଗ୍ୟ !

ଲୀନା କଇଁ କଇଁ କାନ୍ଦୁଥିଲା। ଅନ୍ଧକାର ଭିତରେ ହଜିଯାଉଥିଲା ତା କାନ୍ଦଣା ! ଏସବୁ ମଦନା ଓ ନାଥିଆର କାମବୋଲି ଜାଣି ସାରିଥିଲା। ଅସହାୟ ହୋଇ ସେମାନଙ୍କ ଗୋଡତଳେ ପଡିଗଲା- ମୋର ଭୁଲ୍ ହେଇଚି ନାଥିଆ ଭାଇ। ମୋତେ କ୍ଷମା କର। ମାରିଦିଅ ପଛକେ ଏତେ ବଡଦଣ୍ଡ ଦିଅନାହିଁ। ସେମାନେ ତାକୁ ଘୋଷାରି ନେଉଥିଲେ ବୁଦାମୂଳକୁ। ବିଦାରି ପକାଉଥିଲେ ତାର ବେଶବାସ। ଚିଲଶାଗୁଣା ପରି ତା ମାଂସରୁ ପୁଳପୁଳା ଛିଣ୍ଡାଇ ପକାଉଥିଲେ ଯେପରି। ଅକୁହା ଯନ୍ତ୍ରଣାରେ ଶୀହରି ଉଠୁଥିଲା ସେ। ତା ପାଟିରେ ଭର୍ତ୍ତି ହୋଇଥିଲା ତା ଶାଢୀର କିଛିଅଂଶ। ବିନାଶବ୍ଦରେ ଆଖିରୁ ଲୁହ ଝରୁଥିଲା । ଯନ୍ତ୍ରଣାର ନିଆଁରେ କୁହୁଳୁଥିଲା ଆପାଦମସ୍ତକ।

ଲାଗୁଥିଲା ସାରା ଶରୀରରେ ନିଆଁର ଚେଙ୍କ। ତା ଦେହରୁ ଛାଲ ଉତୁରି ଯାଉଛି। କ୍ଷୁଧିତ ବ୍ୟାଘ୍ର ମାରିବା ପୂର୍ବରୁ ତା ସହିତ ଖେଳୁଛି ଯେପରି ! ତା ଦେହ ସହିତ ସେମାନେ କୁତ୍ସିତ ଓ ଘୃଣ୍ୟ ଖେଳ ଖେଳୁଛନ୍ତି। ସେ ଆଉ ପାରୁନି। ଲଜ୍ଜା, ଅପମାନ ଓ ରାଗରେ ପୋଡିଯାଉଛି। ଅଥଚ ଲେଶମାତ୍ର ନିଆଁ ନାହିଁ ପାଖରେ ! ପ୍ରତିରୋଧ କରିବାର ସମସ୍ତଶକ୍ତି ଏବେ ଲୁପ୍ତ। ଅବଶ ହୋଇଆସୁଛି ତା ଶରୀର ! ରକ୍ତରେ ଭିଜିଯାଉଛି ତା ପବିତ୍ରତା ! ମାଟିରେ ମିଶିଯାଉଛି ଲୁହ..ସେ ଏମିତି କି ଭୁଲ୍ କରିଥିଲା, ଯାହା ପାଇଁ ଏଭଳି ନିର୍ମମ ଦଣ୍ଡବିଧାନ !

ଦୁଇଦିନ ପରେ ତାର ଚେତା ଫେରିଲା। ସେ ହସ୍ପିଟାଲ୍ ବେଡ୍‌ରେ ନିଜକୁ ଆବିଷ୍କାର କଲା। ପାଖରେ ସାନବାବୁ..ତାଙ୍କୁ ଚାହୁଁଚାହୁଁ ଲୁହ,କୋହରେ ଭିଜିଗଲା ସେ ଗୋଟାପଣେ ! ସାନବାବୁ ତା ଆଖିରୁ ଲୁହ ପୋଛିଦେଲେ- କାନ୍ଦେନି। ମୁଁ ଅଛି ପରା ତୋ ପାଖରେ ! କେବେ ବି ତୋର ଆଉ କିଛି ହେବନି ! ତଥାପି ସେ କାନ୍ଦିଲା, ମନଭରି ! ଆଉ ବଂଚିକି ଲାଭ କଣ ! ସେ ଭଲା ମରିଯାଇଥାନ୍ତା ସେଇଠି। କଣପାଇଁ ବଂଚିଉଠିଲା ପୁଣି ! ଆଉ କିଭଳି ଦୁଃଖ ଲେଖା ଅଛି ତା ଭାଗ୍ୟରେ ?

"ମୁଁ ମରିଯିବାକୁ ଚାହେଁ ସାନବାବୁ"। ଏତିକି ମାତ୍ର ସେ କହିପାରିଲା..ମୁହଁ ଖୋଲି ଦୁଇଦିନପରେ। ସାନବାବୁଙ୍କ ଆଖି ଜକେଇ ଆସିଲା। ସେ ଆବେଗରେ କହିଲେ-"ମୁଁ କିନ୍ତୁ ଚାହେଁନି"।

ନା। ମୋର ଏ ଜୀବନ ଆଉ ଦରକାର ନାହିଁ। ଏମିତିରେ ମୋର ଜେଜେ ମାଆ କଥା ଖୁବ୍ ମନେପଡୁଛି। ତା ପାଖକୁ ଯିବି। ତା ପାଖରେ ମୁକ୍ତି ଖୋଜିବି। ଲୀନା ଆଖିରେ ଲୁହ ଜକେଇ ବୁନ୍ଦା।

ତୁ କଣ ଜାଣିନୁ, ତାପରେ ମୋ ଅବସ୍ଥା କଣ ହେବ ! ଆଉ କିଏ ଅଛି..ମୋ ପାଇଁ" ? ସାନବାବୁ କହିଲେ। ତାଙ୍କ ଆଖିରେ ବି ଲୁହ ଜକେଇ ଆସିଥିଲା। ଗଗନଅଜା ପାଖକୁ ଆସି କହିଲେ- ମାଆରେ, ସାନବାବୁ ହିଁ ତୋତେ ସେ ରାକ୍ଷସମାନଂକ କବଳରୁ ବଂଚାଇଛନ୍ତି। କିଛି ଆଶଙ୍କା କରି ଗାଡି ସେଠାରେ ଅଟକାଇବାକୁ କହିଲେ ମୋତେ। କାରଣ ମଝି ରାସ୍ତାଟାରେ ସାନବାବୁଙ୍କ ଆଇରନ୍ ପକା ସାର୍ଟପ୍ୟାଂଟ୍ ଓ ବଜାର ସଉଦା ବ୍ୟାଗ୍ ପଡିଥିଲା। ପରିବା ସବୁ ଖେଳେଇ ହୋଇ ପଡିଥିଲେ। ସାନବାବୁ ପାଖକୁ ଯାଇ ଜାଣିଲେ ସେସବୁ ଆମର ବୋଲି। ତାପରେ ସେମାନଙ୍କ ସହିତ ଲଢି ତୋତେ ନେଇଆସିଲେ ଗାଡି ଭିତରକୁ। ସେ ପିଶାଚମାନେ ତୋତେ ଯେପରି ଭିଣି ପକାଇଥିଲେ କାହାର ବି ଧୈର୍ଯ୍ୟ ନଥିଲା। ତୋ ରକ୍ତାକ୍ତ ଦେହକୁ ସାଙ୍ଗେସାଙ୍ଗେ ନେଇଗଲୁ ହସ୍ପିଟାଲ୍। ସେ ଚାରିଜଣ ଯାକ ଏବେ ଜେଲ୍‌ଭିତରେ। ଯାହାହେଉ ତୁ ଠିକ୍ ଅଛୁ। ଆଉ କିଛି ଦୁଃଖ ନାହିଁ। ସାନବାବୁ ତ ଦି'ଦିନ ହେଲା ଉପାସ ପଡିଛନ୍ତି ଏଇଠି। ଖାଲି ପେଟରେ ଚା'ପାଣି ଟିକେ ପଡିଛି ଯାହା ! ଗଗନ ଅଜା, ଲୀନା ଦୁହେଁ କାନ୍ଦିଲେ।

ସାନବାବୁ କାନ୍ଦୁକୁ ମୁହଁକରି ଲୁହ ପୋଛିଲେ। ସେତେବେଳକୁ ଡାକ୍ତର ଚାଲିଆସିଥିଲେ ଚେକ୍‌ଅପ୍ ପାଇଁ। ମିଡିଆ ବାଲାମାନଙ୍କୁ ଲୀନାର ପାଖମଡାଇ ନଦେଇ ସେମାନେ କିଛିଦିନ ପରେ ନିଜଘରକୁ ଚାଲିଆସିଲେ। ଏବେ ଘରଟା ଜୀବନ୍ତ ଲାଗିଲା। ଅନିମେଶ୍ ସାଙ୍ଗେସାଙ୍ଗେ ତାଙ୍କ ଅଫିସ୍‌ର ବିଶ୍ୱସ୍ତ ପିଲାଟିକୁ ଲୀନାର ପାଖେ ପାଖେ ରହିବାକୁ ଆଦେଶ ଦେଲେ। ଏବେ ଲୀନା ଏକା ନୁହେଁ। ସାନବାବୁଙ୍କ କେତେ ଦୟା ସତରେ ! ପ୍ରକୃତରେ ସେ ଦେବତା ଭଳି ମଣିଷ। ଏକଥା ଅଫିସଠାରୁ ବାହାର ଲୋକ..ସମସ୍ତେ କହୁଛନ୍ତି। ସବୁଲୋକ ସାନବାବୁଙ୍କୁ ବାହାବା' କରୁଛନ୍ତି। ତାଙ୍କର ସୁନାମ ବଢିଛି।

*(କ୍ରମଶଃ)*

## ନିର୍ବାଚିତ କବିତା



### ସାଗର ତୀରେ



ନିରୁପମା କର

ବେଳାଭୂମିରେ ବସିବାକୁ,
କିଏ ଭଲନପାଏଯେ !
ଢେଉ ଗଣିବା,
ଫେରିପଡୁଥିବା ଫେନିଳ ଊର୍ମୀ ଉପରକୁ
ଚୁନାଚୁନା ବାଲିକଣା ଫିଙ୍ଗିବା
ପୁଣି,ଚୁପି ଚୁପି ଆସି ଚୁମା
ଦେଇଯାଉଥିବା ଚଗଲାପବନର
ପ୍ରେମିଳ ଆବେଦନକୁ ଅନୁଭବିବା
ଏବଂ ଦିଗନ୍ତର ଅନବଦ୍ୟ ଆକର୍ଷଣ
ଏସବୁକୁ କିଏକଣ ଅଣଦେଖା
କରିପାରେ !

ଆଖି ଆଗରେ
ଉନ୍ମନା ସାଗର
ମଥା ଉପରେ ଅନନ୍ତ ଆକାଶର
ନୀଳ ନିଳିମା, ଆଃ କି ସୁନ୍ଦର !
ଛିଟିକ୍ ପଡୁଥିବା ଲୁଣିଲୁଣି ଜଳରୁ
ଶବ୍ଦମାନେ ଫୁଟି ଦିଶନ୍ତି ଫୁଲପରି
ତାକୁ ଗୁନ୍ଥିବାରେ ଆନନ୍ଦ କାଳେ ରୂପନିଏ
କବିତା କଦମ୍ବରେ
ଯାହାର ଛନ୍ଦ ଆଉ ଲାଳିତ୍ୟରେ
ବିମୁଗ୍ଧ ହୁଅନ୍ତି ସତୀର୍ଥ କାବ୍ୟପିପାଶୁ
ଦରଦି ପାଠକଗଣ।

ସତ କହୁଛି ମୁଁ
ସମୁଦ୍ରକୁ ଖୁବ୍ ଭଲପାଏ
ମନ୍ତ୍ରମୁଗ୍ଧ ହୋଇ ଘଡିଘଡି ତଲ୍ଲିନ ହୋଇ
ଚାହିଁ ରହେ ବିଶାଳ ବୁକୁକୁ ତାର
ବେଳାଭୂମିର ଆଦ୍ରବାଲିରେ
ଖୁବ୍ ଖେଳେ, କୁନିକୁନି ଘରଟି ମାନ
ତିଆରିକରି ପ୍ରତୀକ୍ଷା କରେ
ମାଡି ଆସୁଥିବା ଲହରୀକୁ, ଯିଏକି
ଥରକୁ ଥର ମୋ ହାତଗଢା ସ୍ଥାପତ୍ୟକୁ
ଭସାଇନେଇ ନିଶ୍ଚିହ୍ନ କରିବାରେ
ନିମଗ୍ନ କେତେକାଳୁ,ଏଥିପାଇଁ
ମୋର ମାନ, ଅଭିମାନ ବି କମନୁହେଁ
ଉଚ୍ଛଳ ସାଗର ଉପରେ।

ପୁନଶ୍ଚ,ମୋତେ ଲାଗେ
ସାଗରର ଅଦୃଶ୍ୟ ଇଙ୍ଗିତରେ
କେଉଁଠି ନା କେଉଁଠି
ସମୟ ହିଁ ଲୁକ୍କାୟିତ କରି ରଖିଛି
ନିଜେ ନିଜକୁ, ଯିଏ ନିଜର
ଶକ୍ତିଶାଳି ପଞ୍ଝାରେ ସଭ୍ୟତକୁ
ନିଶ୍ଚିହ୍ନ କରିବାରେ ସାମର୍ଥ୍ୟ ରଖେ
ଆଉ ଆମେସବୁ ତା ହାତର
ଖେଳନା ମାତ୍ର।

ବାଲିଘରକୁ ଧୋଇନେବାପରି ଢେଉ
ସମୟବି, ନାରଖାର, ଛାରଖାର ଏବଂ
ନିଶ୍ଚିହ୍ନ କରିଦିଏ ସଭ୍ୟତା ଛାତିରେ
ରେଖାଙ୍କିତ ଚିତ୍ର ଏବଂ ଚରିତ୍ର ସବୁକୁ
ଜୀବନ ବୀଣାରୁ ନିଃସୃତ ମୂର୍ଚ୍ଛନା
କ୍ରମଶଃ କ୍ଷୀଣରୁ କ୍ଷୀଣତର ଏବଂ
ଶେଷରେ ନିରବିଯାଏ
ସାଗର କିନ୍ତୁ ନିରବଧି
ମଥାପଟୁଥାଏ, ଅଲିଖିତ
ଅଶୃତ ଇତିହାସର
ସାକ୍ଷୀଟିଏ ହୋଇ।

ଭୁବନେଶ୍ୱର
ଦୂରଭାଷ : ୮୭୬୩୪୯୮୨୦୨

### ଆନମନା ମାଆ



ସୁନନ୍ଦା ମହାନ୍ତି

ବିବାହ ପରେ ପରେ ସମସ୍ତଙ୍କର ପୁଅଟିଏ କିମ୍ବା ଝିଅ ଟିଏ ହୋଇଥାଏ ତ ଦୁଇ ପରିବାର, ବାପାଙ୍କ ଘର ଓ ଶାଶୁ ଶଶୁରଙ୍କ ଘର ଲୋକ ଖୁସି ହୁଅନ୍ତି। ସ୍ନିଗ୍ଧା ବାହାଘରର, ପାଞ୍ଚ ବର୍ଷ ଯାଏଁ ମାଆ ଟିଏ ହୋଇପାରିନଥିଲା ତ ତାକୁ କେହି ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ତ କେହି କହୁଥିଲେ ଲାଇଫର ଏନଜୟମେଣ୍ଟ ପାଇଁ ସ୍ନିଗ୍ଧା ମାଆ ହେବାକୁ ଚାଁହୁନି କିନ୍ତୁ କଥା ଥିଲା ଭିନ୍ନ।

ସ୍ନିଗ୍ଧା ଓ ତାର ସ୍ୱାମୀ ରହୁଥିଲେ ପାଞ୍ଚଶହ କିଲୋମିଟର ଦୂରରେ, କାରଣ ସ୍ନିଗ୍ଧା କଟକ ଜିଲ୍ଲାର କୌଣସି ଏକ ସ୍କୁଲରେ ଶିକ୍ଷୟିତ୍ରୀଟିଏ ଥିଲା ବେଳେ, ସାଗର ଥିଲେ କୋରାପୁଟର ମାଲକାନଗିରି ଥାନା ଇନଚାର୍ଜ। ଦୁହିଁଙ୍କ ବ୍ୟବଧାନ ବୋଧହୁଏ ସ୍ନିଗ୍ଧାକୁ ମାଆ ହେବାରେ ପ୍ରତିବନ୍ଧକ ସାଜୁଛି ଭାବି ଦୁଇ ପରିବାର ଲୋକ ଲାଗି ସ୍ନିଗ୍ଧାକୁ, କୋରାପୁଟ ବଦଳି କରି ଆଣିବାର ବରଷକେ, ଝିଅ ଟିଏ ଜନ୍ମ ହେଲା, ଦୁଇହାଜାର କୋଡିଏ ମସିହାରେ କରୋନା ଭାଇରସର ଆତଙ୍କ ଭିତରେ।

ଖାଲି ଜନ୍ମରେ ନୁହେଁ ଲାଳନ ପାଳନ ଭିତରେ, ଝିଅକୁ ଖୁଆଇବାରେ ନାକେଦମ କରୁଥିଲା ସୁଉରୁ। ଏକରେ ଇନଫାଣ୍ଟ ଫୁଡ୍ ଯଥା, ସେରେଲାକ, ଲାକ୍ଟୋଜେନ, ନାମପ୍ରୋ ଇତ୍ୟାଦି କିଛି ବି ଖାଇଲାନି। ମାଆ କ୍ଷୀର ଛଅ ମାସ ଖାଇବା ପରେ ସ୍ନିଗ୍ଧା ସ୍କୁଲ ଯିବା ପରେ ସେତକ ନମିଳିବାରୁ ମାଆ ଛୁଆ ଦୁହେଁ ଅସୁସ୍ଥ ରହୁଥିଲେ ଓ ଛୋଟ ଝିଅକୁ ବହୁ କଷ୍ଟରେ ଶାମୁକାରେ କ୍ଷୀର, ଛତୁଆ ଆଦି ଖୁଆଇଲେ ବି ଥଣ୍ଡା ଓ ଜ୍ୱର ଛାଡୁନଥିଲା।

ସେଦିନ ଧାନକଟା ଛୁଟିରେ, ସ୍ନିଗ୍ଧା, ଦୁଆର ମୁଁହରୁ, ପାପଲେଷ୍ଟ ମାଛ କିଣୁଥିଲେ। ମାଛ କାଟି ଦେଉଥିବା ମାଛବାଲି କାନ୍ଧରେ ଝୁଲୁଥିବା ଛୋଟ ପିଲାଟା ନିଜେ ନିଜେ କ୍ଷୀର ବୋତଲ ପିଉ ଥିଲା ବେଳେ, ମାଛବାଲି ଅନ୍ୟାୟସରେ ମାଛ କେଳେଇ କୁଟେଇ ବିକ୍ରୀ କରୁ କରୁ, ପେଟି ଗୁଡିକ ତୁମ ଝିଅ ଖାଇପାରିବ ମାଆ ବୋଲି କହୁଥିଲା ତ ସ୍ନିଗ୍ଧାଙ୍କ ଆଖିରୁ ଲୁହ ଝରିଗଲା। ଦୁଇବର୍ଷର ହେଲାଣି ଝିଅ, ଡୋକୁନି ଜମା ଖାଦ୍ୟ। କେତେ ବୁଝାଇ, ବୁଲେଇ, ବାଆଁରେ, ଇଖେଳନା ଦେଇ ଖୁଆଇଲେ ବି ବାନ୍ତି। ବଡ଼ କଷ୍ଟରେ ଡୋକୁଛି ଶାମୁକାରେ, ରନ୍ଧା ଛତୁଆ ପାଣି. ସିଏ କୋଉ ଖାଇବ କହି ସ୍ନିଗ୍ଧା ମନଦୁଃଖ କରୁଥିଲା ବେଳେ ମାଛବାଲୀ ସନ୍ଦିଗ୍ଧ ଆଖିରେ ପଚାରୁଥିଲା କାହିଁ ଖାଇବନି ମାଆ, ଏ ମାଛର ପେଟିଗୁଡିକରେ ତ କଣ୍ଟା ନାହିଁ। ସ୍ନିଗ୍ଧା ଆଉ କିଛି କହିନପାରି, ଚାଁହୁଥିଲେ ମାଛବାଲୀ ଅଣ୍ଟାରେ ବନ୍ଧା ପିଲାଟାକୁ ଆଉ ଭାବୁଥିଲେ, ସୁଉରୁର ଡ୍ରେସ କିଛି ଦେବେ କି ପିଲାଟି ପାଇଁ, ମାଛବାଲୀକୁ, ହେଲେ କାଳେ ମାଛବାଲୀ କିଛି ଭାବିବ ବୋଲି ଭାବି ଦୀର୍ଘନିଶ୍ୱାସଟିଏ ପକେଇଲେ ସ୍ନିଗ୍ଧା. ସେ ଯେମିତି ରୋଜଗାରିଆ ମାଛବାଲୀ ବି ସେମିତି ନିଜେ ରୋଜଗାର କରୁଛି ହେଲେ ତା ପିଲା ଓ ନିଜ ପିଲା ବଢ଼ାଇବାରେ ପାର୍ଥକ୍ୟ ଭିତରେ ସ୍ନିଗ୍ଧା ଏତେ ଅଣନିଶ୍ୱାସୀ କାହିଁକି ?

ମାଛ ତରକାରୀ ସହ କୋବି ଓ ବିନ ଭାଜି ସାଗରଙ୍କୁ ଖାଇବାକୁ ଦେଇସାରି ଝିଅର ସବୁ କାମ ସାରି ନିଜେ ଖାଇଲା ବେଳକୁ ଦିନ ଦୁଇ। ସେଥିରେ ଝିଅର ଥଣ୍ଡା କାଶ ବୋଲି ଗରମ ପାଣିକରି ଗାଧୁଆ, ଚୁଟି କୁଣ୍ଡା, ଖୁଆଇବା ବେଳେ ନାକେଦମ ହେବା ସହ ପିନ୍ଧାଇବା ବେଳେ ଅବୁଝା ଝିଅକୁ ମନେଇବା ପାଇଁ କେତେ ଛଟପଟ ହୋଇ ସ୍ନିଗ୍ଧା ଖାଇବାକୁ ଯାଉଛନ୍ତି, ଭିକାରୁଣୀ ଟିଏ, ଡାକୁଥିଲା ଦାଣ୍ଡ ଦୁଆରେ। କାଖରେ ଫୁଙ୍ଗୁଳା ପିଲା ଟିଏ, ତାଙ୍କରି ଝିଅ ବୟସର ପୁଅ ଶିଶୁଟିଏ। ମଇଳା ହାତ, ନୁଖୁରା ବାଳ, ଫୁଙ୍ଗୁଳା ଦେହରେ ଖାଉଛି ହାତରେ ଧରି ସିଙ୍ଗଡ଼ାଟିଏ। ଭିକ ଦେଇସାରି, ସ୍ନିଗ୍ଧା ଭିତରକୁ ଗଲେ ଛୋଟ ଛୁଆଟା ପାଇଁ କିଛି ଶୀତ ବସ୍ତ୍ର, ବିସ୍କୁଟ ଓ କିଛି ଖେଳନା ଆଣିବାକୁ କିନ୍ତୁ ଫେରିଲା ବେଳକୁ ମାଆ ଛୁଆ ପଳେଇଗଲେଣି. ସ୍ୱାଭିମାନ ନା ଅଭିମାନ ରେ ଭିକାରୁଣୀ ଚାଲିଗଲା ବୁଝିନପାରି, ସ୍ନିଗ୍ଧାଙ୍କ ମାଆ ମନ ଅସ୍ଥିର ଓ ଛଟପଟ ହେଲାବେଳେ ସାଗର, ଆସୁଥିବା ଡ଼ିସେମ୍ବର ପଚିଶ ତାରିଖ ପାଇଁ, ସୁଉରୁ ଲାଗି ଆଣିଥିବା ସାନ୍ତାକ୍ଲଜ ଡ୍ରେସ ସାଙ୍ଗକୁ ଟୋପି ଓ ମୋଜା ଦେଖି ଖୁସି ହେବା ପରିବର୍ତ୍ତେ, ସ୍ନିଗ୍ଧା ଭାବୁଥିଲେ ସେହି ଭିକାରୁଣୀ କାଖରେ ଥିବା ପିଲାଟା କଥା। ଛୁଟିସାରା ଚାହିଁଥିଲେ ତାକୁ, ହେଲେ ସେ ମାଆ ପୁଅଙ୍କୁ ଆଉ ଦେଖିବାକୁ ନପାଇ ସ୍କୁଲ ଯିବାକୁ ସଜାଡୁ ଥିଲେ ଜିନିଷ ପତ୍ର।

ସାକ୍ଷୀଗୋପାଳ, ପୁରୀ
ଦୂରଭାଷ : ୭୦୦୮୯୪୨୨୧୫

### କାଗଜର ଦରଜ



ଡ. ସୁପ୍ରଭା ସାହୁ

ମୁଁ କାଗଜ ! କହୁଛି ମୋ ବ୍ୟଥା......
ଆଜି ଭାବନା ବି ଚମକି ଉଠେ
ଶୁଣି ମୋ ଅନ୍ତର୍ବେଦନା
କହୁଛି ସେ,'ତୋ କୋଳେ
ମୁଁ ରୂପ ପାଏ ସିନା,
ହେଲେ ତୋର ଯନ୍ତ୍ରଣା
ବିଷୟରେ ମୁଁ ତ ଅଜଣା।'
ବହିଯାଏ ସମୟର ସୁଅ
ମୋ ଛାତି ଚିରି
ଲେଖକର ହାତର ଚାପରେ
କେତେ ଯେ କ୍ଷତ ହୁଏ,
ତାହା କିନ୍ତୁ କେହି ତ ନ ଜାଣେ।
ପ୍ରେମ - ପ୍ରତାରଣା, ହର୍ଷ - ବିଷାଦ, ହେଉ
ହେଉ ଅବା ରାଜନୀତି - ଅର୍ଥନୀତି
ପ୍ରତ୍ୟେକ ଚିତ୍ର ମୋ ଦେହେ ଅଙ୍କା
ଏ ସବୁ ଗାରର ତୀବ୍ର ଦରଜ ନେଇ
ବେଳେ ବେଳେ
ବାସ୍ନା ସ୍ୟାହିର ସରୁ କ୍ଷତକୁ ସହି
ମୁଁ ସାଇତା ହୁଏ
ଧୂଳିଆ ଥାକରେ
ଟେବୁଲ୍ କଣରେ
ଅନ୍ଧାରୁଆ ଆଲମାରୀରେ
ନଚେତ୍ ତକିଆ ତଳରେ
ପାଚିଲା ପତ୍ର ପରି ଦିଶେ ମୁଁ
ବାର୍ଦ୍ଧକ୍ୟ ଆସେ ଯେବେ
ଉଇ ଆଘାତେ ମୃତ୍ୟୁ ବି ଆସେ
ପାଣିରେ ବି ସଢ଼େ ମୁଁ
କେବେ କେବେ
ଅକାଳ ମରଣ ବି ଛୁଏଁ ମୋତେ
ଯେବେ ନିଆଁ ଚରିଯାଏ ମୋ ଦେହେ
ଜାଣିପାରେ ବ୍ୟଥା ମୋର ଅବା କିଏ
ମୁଁ କାଗଜ
ଶୁଣାଇ ଚାଲିଲେ ବି ଯେତେ କଥା
କେବେ କଣ ଭରିହେବ ମୋର ବ୍ୟଥା !

*ଓଡ଼ିଆ ଅଧ୍ୟାପିକା ,*
*ନିଆଳି ମହାବିଦ୍ୟାଳୟ*
ଦୂରଭାଷ : ୯୩୪୮୫୧୪୨୪୮

### ଜୀବନ ସହିତ ସଙ୍ଗୀତର ସମ୍ପର୍କ



ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ

ମାନବ ଜୀବନ ସହିତ ସଂଗୀତର ନିବିଡ଼ ସମ୍ପର୍କ କେଉଁ ଆଦିମ କାଳରୁ ରହି ଆସିଛି । ଆମ ଭାରତୀୟ ବା ହିନ୍ଦୁ ସଭ୍ୟତାରେ ମାନବ ମାତୃ କୋଳ ମଣ୍ଡନ କରିବା ସଙ୍ଗେ ସଙ୍ଗେ ସଂଗୀତ ସହିତ ତାର ସମ୍ପର୍କ ସ୍ଥାପିତ ହୋଇ ଜୀବନର ଇହକାଳ ମଧ୍ୟରେ ସଂଗୀତର ସମ୍ପର୍କ ଯୋଡ଼ି ହୋଇଥାଏ । ପ୍ରାଚୀନ ଗ୍ରନ୍ଥ ମାନଙ୍କରେ ଯେତେ କଳା ରହିଛି ସେମାନଙ୍କ ମଧ୍ୟରୁ ମାନବ ଜୀବନ ସହିତ ତିନୋଟି କଳା ଅତି ନିବିଡ଼ ଅଟେ। ତାହା ହେଉଛି ଗୀତ, ବାଦ୍ୟ ଓ ନୃତ୍ୟ ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଂଗୀତର ସମ୍ପର୍କ ରହି ଆସିଛି। ଯେପରିକି ଶିଶୁଟିର କ୍ରନ୍ଦନ ମିଠା ସ୍ୱର ଠାରୁ ଆରମ୍ଭ କରି ଯୁବା ଅବସ୍ଥାରେ ମନୋରଞ୍ଜନର ସଂଗୀତର ମୂର୍ଚ୍ଛନାରେ ନିଜକୁ ହଜାଇ ଦେଇଥାଏ। ତେତେବେଳେ ସଂସାର ପଥରେ ଚାଲୁ ଚାଲୁ ବୟସ ଅତିକ୍ରମ କରି ଜରା ଅବସ୍ଥାରେ ପହଞ୍ଚିଯାଇଥାଏ। ଶେଷରେ ଆତ୍ମା ପରମାତ୍ମାଙ୍କ ସହିତ ମିଳନ ହୋଇଥାଏ । ଆଉ ସେହି ସମୟରେ ସମସ୍ତଙ୍କ ତୁଣ୍ଡରେ ଗୋଟିଏ ଶବ୍ଦ ଶୁଣାଯାଏ ରାମ ନାମ ସତ୍ୟ ହେ।

ଭୁବନେଶ୍ୱର

## କବିତାର କଥା

(ଭାଗ-୧୧୧)



ଉମାକାନ୍ତ ରାଉତ



### ଶକ୍ତିଶାଳୀ କବିତାର ଚାବିକାଠି

ସବୁ ସମ୍ଭବ ନହେଲେ ବି କଳା/କାବ୍ୟ କବିତାରେ ସଙ୍କେତ ଅବା ପ୍ରତୀକର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ କିଛି କଥା କୁହାଗଲାଣି। ଜାପାନୀ ନକ୍ସାକାର ଶିଗେତକା କୁର୍ତିଆ (Shigetaka Kurtia)ଙ୍କ ଦ୍ୱାରା ୧୯୯୯ ରେ ଇମୋଜୀର ଉଦ୍ଭାବନ ଓ ଆଜିର ଦୁନିଆରେ ତାର ବହୁଳ ବ୍ୟବହାରକୁ ଅନୁଶୀଳନ କଲେ ପ୍ରତୀକ ବା ଚିହ୍ନ ସମ୍ପର୍କରେ ଆଉ ବେଶିକଥା ବୁଝେଇବାକୁ ପଡିବ ନାହିଁ।

ନିଜର ଅନୁଭବ, ଭାବପ୍ରବଣତା, ହସ, ଖୁସି, କାନ୍ଦ, ଉତ୍ସବମୁଖରତା, ରୋମାଣ୍ଟିକ୍ ହାବଭାବ, ଗ୍ରହଣୀୟତା, ମନୋଦଶା (ମିଜାଜ୍) ଆଦିକୁ ଚିହ୍ନରେ ସଂକ୍ଷେପିତ କରିବା ଦ୍ୱାରା ବରଂ ଏତେ ଅଧିକ ଭାବର ସଂଚରଣ କରାଯାଇପାରୁଛି, ଯାହା ଅକ୍ଷରରେ ଲେଖିବା ଦ୍ୱାରା ହୁଏତ ସମ୍ଭବ ହୋଇପାରିନଥାନ୍ତା। କବିତାରେ ପ୍ରତୀକର ବ୍ୟବହାର ମଧ୍ୟ ଅନୁରୂପଭାବେ ବରଂ ତା'ଠାରୁ ଯଥେଷ୍ଟ ଅଧିକ ମାତ୍ରାରେ ଭାବସଂଚରକ ଯାହା କବିତାକୁ ଯେତେ ଖୋଲା ମେଲାକରି ଅଜସ୍ର ପୃଷ୍ଠାରେ ଲେଖିଲେ ବି ହୁଏତ ସମ୍ଭବପର ହୋଇପାରୁନଥା'ନ୍ତା। ବରଂ ସ୍ଥଳବିଶେଷରେ ତାହା କବିତା ପ୍ରତି ବୈମାତୃକ ଭାବ ସୃଷ୍ଟି କରିବାର ଦୁର୍ଯୋଗ ସୃଷ୍ଟି କରିଥାନ୍ତା।

ଗୋଟେ ହସୁଥିବା ଇମୋଜୀ କିମ୍ବା ଲୁହ ଗଡାଉଥିବା ଇମୋଜୀକୁ ଉଦାହରଣ ଭାବେ ନିଆଯାଉ। ଏହା ସଂଚରିତ କରିବାକୁ ଚାହୁଁଥିବା ଭାବକୁ ପ୍ରାପକ ତା'ର ଦୃଷ୍ଟିଭଙ୍ଗୀ ଅନୁସାରେ ବ୍ୟାପକଭାବରେ ଅନୁଭବ କରିପାରୁଥାଏ, ଯାହା ହୁଏତ କଥାରେ କହିଲେ ଅବିକଳ ସମାନ ହୋଇ ନପାରେ। 'I LOVE YOU' ନକହି କେବଳ ପ୍ରେମର ସଙ୍କେତଟିଏ ଦେବାଦ୍ୱାରା ଯଦି ବେଶି ପ୍ରବଣତା ସୃଷ୍ଟି ହୋଇପାରୁଛି, ତେବେ ଆବଶ୍ୟକତା ଅନୁସାରେ ପ୍ରତୀକର ବ୍ୟବହାର ହିଁ ସର୍ବୋତ୍ତମ। ଗୁରୁପ୍ରସାଦଙ୍କର

"ଶରତ ଋତୁର ଜହ୍ନ ଯାଏ ଆଜି ଆସ୍ତେ ଯାଏ
ଡେଇଁ ଡେଇଁ ଛୋଟ ଛୋଟ ବଉଦର ଶିଡି
ତୁମେ ମୁଁ ଆମେ ଦୁହେଁ
ଆକାଶ ଓ ମ୍ଳାନ ନଈବାଲି
ଭଞ୍ଜ ଆଉ ମାନସିଂହ ରାଧାନାଥ ପଡ଼ି
ନିଶ୍ଚିହ୍ନ ମିଳାଇଯିବା
ସ୍ୱାମୀ ଆଉ ଜନରବ ଛାଡ଼ି"

କବି ସଚ୍ଚି ରାଉତରାୟଙ୍କ ଧାଡିଗୁଡିକୁ ଲକ୍ଷ୍ୟ କରାଯାଉ ....

"ଆକାଶରେ ଫିକା ଜହ୍ନ ସାବୁନ୍‌ର ଫେଣ / ପଡିଅଛି କବିତାରେ ଏତେବେଳେ କାନ୍ଦେ ଚକ୍ରବାକ / ହଠାତ୍ ଯେ ଦେଖାହେଲା ବହୁଦିନେ ପ୍ରତିମା ନାୟକ"

ସେମିତି --

"ବସନ୍ତ ଆସେ ଯେ ଠେଲି ଧକ୍କା ଖାଇ କୁକୁଡ଼ାର ଦେହେ/ ଭାଙ୍ଗି ବହୁ ମହୁର ସୋରାଇ / ମାଟିରେ ଗଡ଼ାଇ ଅବା,ଫୁଲବଣ ସଂଜେ / ବସନ୍ତ ଆସେ ଯେ ଠେଲି ମଲା ଚେର ଗଂଜେ / ଶୁଖିଲା ହାଡ଼ର ରନ୍ଧ୍ରେ ବଜାଇ ସାନାଇ।"

ଏଥିରୁ ବୁଝାପଡେ ଯେ ପ୍ରତୀକମାନଙ୍କର ଉପଯୁକ୍ତ ପ୍ରୟୋଗ ହିଁ କବିତାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାର ନିର୍ଣ୍ଣାୟକ ସାଜେ।

ଉକ୍ତ ଯୌନତୃଷ୍ଣାଯୁକ୍ତ ବିକଳାଙ୍ଗ ମାନସିକତାର ବ୍ୟକ୍ତିଟିଏର ବେଶ୍ୟା, ବେଶ୍ୟାଳୟ ତଥା ବେଶ୍ୟାଳୟ ସମ୍ପର୍କିତ ବିକୃତ ଯୌନାବେଗକୁ କବିଟିଏ ପୁଙ୍ଖାନୁପୁଙ୍ଖଭାବେ ଖୁଲମଖୁଲା ନକରି କେବଳ "ଲକ୍ଷେହୀରା" ର ପ୍ରତୀକଟିଏ ଥୋଇଦେଲେ ତାହା ସବୁ ଆଲୋଚନାକୁ ବଳେଇଯାଏ। ଏଇ ଯେମିତି -

"ସମଗ୍ର ସତ୍ତାରେ ଗୁଡ଼େଇ ଯାଉଥିଲା
ଲକ୍ଷେ ହୀରାର ସର୍ପ"

ନିଜକୁ ଆଧୁନିକ ଓ ବଡ଼ କବି ବୋଲାଉଥିବା ଜଣେ ବନ୍ଧୁ ଥରେ ଗୋଟିଏ ଭରପୁର ମଞ୍ଚରେ କବିତାଟିଏ ଆବୃତ୍ତି କରି ଖୁବ୍ ଆତ୍ମତୃପ୍ତି ଲାଭ କଲେ। ସେଥିରୁ ମୋର ମନେଥିବା ପଂକ୍ତି ମୁଁ ଏଠାରେ ଉଦ୍ଧାର କରୁଛି।

"ମୋ ପ୍ରେମିକା କାଖତଳେ ଘାସ ଝଲମଲ,
ମୋ ପ୍ରେମିକା ଜିନିଷରେ ନଉକା ବିହାର"

କଥାଛଳରେ ମୁଁ ବନ୍ଧୁଙ୍କୁ ପଚାରିଲାରୁ ସିଏ ତାଙ୍କ ଅନୁଯାୟୀ ସେଇଟି ପ୍ରଣୟ କବିତା ଏବଂ ଉକ୍ତ ପ୍ରଣୟ କବିତାଟିକୁ ଅଶ୍ଳୀଳ/ ବିକୃତ ନକରି କେବଳ ଶୃଙ୍ଗାର ରସ କରିଦେବାକୁ ଖୋଲାଖୋଲିଭାବେ ନକହି "ଘାସ, ଜିନିଷ, ନଉକା" ଆଦି ପ୍ରତୀକର ବ୍ୟବହାର କରିଛନ୍ତି ବୋଲି ଟାଣ ସଫେଇଟେ ଦେଲେ।

ସେ ଖରାପ ଭାବିବେ ବୋଲି ହସକୁ ଚାପି ରଖି ସେଠାରୁ ଯଥାଶୀଘ୍ର ନିଃସ୍କ୍ରାନ୍ତ ହେବାଛଡା ମୋ ଆଗରେ ବିକଳ୍ପ କିଛି ନଥିଲା।

କେତେକ କେଞ୍ଚୁଡି କବି ନିଜର କଞ୍ଚା ଦେହର ଜିଆଡିଆ ଅଭିସାରକୁ ଚରିତାର୍ଥ କରିବାପାଇଁ ଏବଂ ସାରସ୍ୱତ ସୋ'(SHOW)ମାନଙ୍କରେ ରାକ୍ଷୀ ସାୱନ୍ତ ଓ ମଲ୍ଲିକ ସେରାୱତ୍ ସାଜିବାପାଇଁ ବାଦ (ଇଜିମ୍) ଓ ପ୍ରତୀକ ନାମରେ ଏଭଳି କୁଜ୍ଝଟୀକିୟ କାର୍ନାମା କରୁଥିବାର ଦେଖି ଅବିକଳ ଅନୁଭବ ହୁଏ।

ପ୍ରତୀକବାଦ (SYMBOLISM)ର ପ୍ରକୃଷ୍ଟ ନମୁନାଭାବେ କେତେକ ପ୍ରମୁଖ ବିଦେଶୀ ଲେଖକଙ୍କର ପ୍ରତୀକ ବ୍ୟବହାର ସମ୍ପର୍କିତ କଥା ଓ ଧାରଣାକୁ ପରବର୍ତ୍ତୀ ଭାଗରେ ଉପସ୍ଥାପନ କରିବାକୁ ସାଧ୍ୟମତେ ପ୍ରୟାସ କରିବି।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ନବୀନଙ୍କ ଚିଠି, ତୁରନ୍ତ ରାସ୍ତା କାମ ସାରନ୍ତୁ

**ଭୁବନେଶ୍ୱର :** କଟକ-ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କାମ ତୁରନ୍ତ ସାରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ୫ ବର୍ଷ ପରେ ବି ରାସ୍ତା କାମ ଶେଷ ହେଉନଥିବାରୁ ନବୀନ ଚିନ୍ତା ପ୍ରକଟ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା କାମ ସାରିବାକୁ ସେ ନିବେଦନ କରିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୭ରୁ ଏ ରାସ୍ତା କାମ ଜାତୀୟ ରାଜପଥ ପ୍ରାଧିକରଣ କରୁଛି । ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଏ କାର୍ଯ୍ୟ ସରୁନି। ଜାତୀୟ ରାଜପଥ ୫୫ ପଶ୍ଚିମ ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ତେବେ ଏହି ରାସ୍ତାର ଅଧପନ୍ତରିଆ ନିର୍ମାଣ କାର୍ଯ୍ୟ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନି ହେଉଛି। ଗତ ଦୁଇ ବର୍ଷ ମଧ୍ୟରେ ୩୯୯ ଟି ଦୁର୍ଘଟଣା ଘଟିଛି। ସେଥିରେ ୧୯୬ ଜଣଙ୍କର ମୂଲ୍ୟବାନ ଜୀବନ ଯାଇଛି। ରାସ୍ତା କାମରେ ଶେଷ ହେବାରେ ବିଳମ୍ବ ହେତୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ତେଣୁ ପ୍ରକଳ୍ପର ଶୀଘ୍ର ସମାପ୍ତି ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ।

# ମହେଶ୍ୱର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

**ଜଗତସିଂହପୁର :** ଦିନକୁ ଦିନ ଜଙ୍ଗଲ ଜମି ସବୁକୁ ଉଚ୍ଛେଦ କରାଯାଇ ଗୃହ ନିର୍ମାଣ କରାଯିବା ଦ୍ୱାରା ଜଙ୍ଗଲ ପରିବେଶ ଏକପ୍ରକାର ଲୋପ ପାଇଯିବାକୁ ବସିଲାଣି। ସେଥିପାଇଁ ଜଙ୍ଗଲ ପରିବେଶକୁ ଲୋକାଭିମୁଖୀ କରିବାପାଇଁ ମିଳିତ ଜାତିସଂଘ ନିଷ୍ପତ୍ତି କ୍ରମେ ୨୦୧୩ ବର୍ଷ ଠାରୁ ମାର୍ଚ୍ଚ ୨୧ ତାରିଖକୁ ବିଶ୍ୱ ବନ ଦିବସ ଭାବେ ପାଳନ କରାଯାଉଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପାଳନ କରାଯାଉଥିବା ଏହି ଦିବସଟିକୁ ଜଗତସିଂହପୁର ବନାଞ୍ଚଳର ରେଞ୍ଜର ରବିନ୍ଦ୍ର କୁମାର ମହାନ୍ତିଙ୍କ ଉଦ୍ୟମ କ୍ରମେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ମହେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ମହେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂସୁ ଶେଖର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ବନଖଣ୍ଡ ଏସିଏଫ୍ ସୌମ୍ୟରଞ୍ଜନ ସାହୁ ଯୋଗଦେଇ ଗ୍ରାମାଞ୍ଚଳ ସ୍ଥାନରେ ଅବସ୍ଥିତ ଏହି କାର୍ଯ୍ୟକ୍ରମ ଟିର ଭୂୟଶୀ ପ୍ରଂଶସା କରି ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜ ବାରିଘର ମାନଙ୍କରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ସେନାପତି ଯୋଗଦେଇ ଜଙ୍ଗଲ ସୁରକ୍ଷା ଆମ ସମସ୍ତିଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ଅଟେ। ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା ଓ ଜଙ୍ଗଲ ଜମି ପରିବେଶକୁ ନଷ୍ଟ ନ କରିବାକୁ ଚେଷ୍ଟା କରିବା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଭାବେ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ ଯେ ଉଦ୍ଭିଦ ଆମମାନଙ୍କୁ ଖାଦ୍ୟ ଯୋଗାଇ ଥାଏ। ଏଣୁ ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ ଆମେ ସମସ୍ତେ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ୍ ବିଜୟ କୁମାର ସ୍ୱାଇଁ ପରିବେଶ ଉପରେ ନିଜର ବକ୍ତବ୍ୟ ରଖି ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ତୁମେ ପାଠ ପଢି ବଡ ଲୋକ ହେବାପାଇଁ ଯେପରି ଉଦ୍ୟମ କରୁଛ ଠିକ୍ ସେହିପରି ବୃକ୍ଷ ରାଜିର ଉନ୍ନତି ଦିଗରେ ଧ୍ୟାନ ଦେଲେ ବାୟୁ ମଣ୍ଡଳରେ ଆଉ ଅମ୍ଳଜାନର ଅଭାବ ରହିବ ନାହିଁ। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଇକୋ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ୨ ସଦସ୍ୟା ରିନାରାଣୀ ମଲ୍ଲିକ, ଗୁଆଳିପୁର ସରପଞ୍ଚ ମନୋଜିନୀ ସାହୁ ଓ ସମିତିସଭ୍ୟ କମଳାକାନ୍ତ ପରିଡା ପ୍ରମୁଖ ଯୋଗଦେଇ ବିଶ୍ୱ ବନଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବିଶ୍ୱ ବନ ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଖୁବ୍ ସୁନ୍ଦର ଭାବେ ପରିଚାଳନା କରୁଥିବା ଏନସିସି ତଥା କ୍ରୀଡା ଶିକ୍ଷକ ରାଜକିଶୋର ସାହୁ ପ୍ରଥମେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥି ମାନେ ବୃକ୍ଷରୋପଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶିକ୍ଷୟିତ୍ରୀ ମୋନାଲିସା ପାଢୀ, ଶିକ୍ଷୟିତ୍ରୀ ସୀମା କାନୁନ୍‌ଗୋ, ଅମିଶା ସ୍ୱାଇଁ, ଲିପା ଚୌଧୁରୀ, ଦବେଜାନି ମହାପାତ୍ର, ଭାରତୀ ନାୟକ, ଗୀତା ରାଉତ, ରାଜଲକ୍ଷ୍ମୀ ପାତ୍ର, ଶିକ୍ଷକ ଜ୍ଞାନରଞ୍ଜନ ଖଟୁଆ, ପରେଶ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।





# ଅସ୍ତରଙ୍ଗ ପଶୁ ଡାକ୍ତରଖାନାର ନିର୍ମାଣଧୀନ ନୂତନ ଗୃହକାର୍ଯ୍ୟ ନିମ୍ନମାନର ଅଭିଯୋଗ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ମୁଖ୍ୟାଳୟ ଥିବା ପଶୁ ଡ଼ାକ୍ତରଖାନାରେ ଗତ ଦେଢ ମାସ ତଳୁ ଓ ଏସ ଆଇସି ଏସ ବିଭାଗ ପକ୍ଷରୁ ୭୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେଉଥିବା ନୂତନ ଗୃହ ର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ବୋଲି ଅଭିଯୋଗ କରିଛନ୍ତି ଅସ୍ତରଙ୍ଗ ବ୍ୟବସାୟୀ ମହାସଂଘର ସଭାପତି ଦୁଷ୍ମନ୍ତ କୁମାର ପରିଡା, ଏବଂ ସମାଜ ସେବୀ ସତ୍ୟବ୍ରତ ଲେଙ୍କା। ତାଙ୍କର କହିବା ମୁତାବକ ଅସ୍ତରଙ୍ଗ ପଶୁ ଡାକ୍ତରଖାନାଟି ଦୀର୍ଘ ଦିନ ଧରି ଅବହେଳିତ ଅବସ୍ଥାରେ ରହିବା ସହିତ ଅଫିସ ଗୃହଟି ଅସୁରକ୍ଷିତ ହୋଇପଡିଥିଲା ତେଣୁ ସେଠାରେ ନୂତନ ଗୃହ ନିର୍ମାଣ ଆବଶ୍ୟକ ଥିଲା କିନ୍ତୁ ନୂତନ ଗୃହ ନିର୍ମାଣ ଆରମ୍ଭ ରେ ବ୍ୟାପକ ଦୁର୍ନୀତି ସାମନାକୁ ଆସିଛି। ଅଣକୁସଳି କାରିଗରଙ୍କ ଦ୍ୱାରା କାର୍ଯ୍ୟ କରିବା, ବିଭାଗୀୟ ଅଧିକାରୀ କାର୍ଯ୍ୟ ସମୟରେ ତଦାରଖ ନ କରି ଅନୁପସ୍ଥିତ ରହିବା କାରଣରୁ ଏହିପରି ନିମ୍ନ ମାନର କାମ ହେଉଛି କେଉଁଠି ପିଲାର ବେଶ ଜାଲି ଦାଢ଼ରେ ତ କେଉଁଠି ପିଲାର ବଙ୍କା କଣା ଭାବରେ ତିଆରି ହୋଇଛି। ସିମେଣ୍ଟ ବାଲି ଗୋଡି କଥା ନକହିବା ଭଲ ବୋଲି ଶ୍ରୀ ଲେଙ୍କା ଆଭିଯୋଗ କରିଛନ୍ତି। ଶ୍ରୀ ଲେଙ୍କା ଆହୁରି ମଧ୍ୟ କହିଛନ୍ତି ଯେ ନିମ୍ନମାନର କାର୍ଯ୍ୟ ସମ୍ପର୍କିତ ଅଭିଯୋଗ ପରେ ବିଭାଗର ଜନୈକ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ ଆଉ ଅଭିଯୋଗ କରନାହିଁ। ଏକାଠି ବସି ଆପୋଷ ସମାଧାନ କରି ତ୍ରୁଟି ସୁଧାରି କାର୍ଯ୍ୟ କରିବା। ତେଣୁ ତୁରନ୍ତ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏହି ଅଭିଯୋଗକୁ ଗୁରୁତର ସହିତ ନେଇ ଗୃହ ନିର୍ମାଣରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ଜୀବେ ନିଷ୍ଠୁରତା ନିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତି ଅଧ୍ୟକ୍ଷା ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ କହିଥିଲେ ଯେ ବୁଲା କୁକୁର, ଷଣ୍ଢ, ଗୋରୁଗାଈ ପ୍ରତି ନିଷ୍ଠୁରତା ପରିହାର ସହିତ ଗୋଶାଳା ପ୍ରତିଷ୍ଠା ଓ ବେଆଇନ ଗୋଚାଲାଣ ରୋକିବା ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ସ୍ଥାନୀୟ ତହସିଲଦାରଙ୍କ ପରାମର୍ଶ କ୍ରମେ ସରକାରୀ ଜମି ଚିହ୍ନଟ କରି ଗୋଶାଳା ପ୍ରତିଷ୍ଠା କରିବା ଓ ଖରାଦିନେ ପଶୁପକ୍ଷୀମାନଙ୍କୁ ପାଣି ଦେବାର ବ୍ୟବସ୍ଥା କରିବାପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିରକିଶୋର ପରିଡା ସ୍ୱାଗତ ଭାଷଣ ଦେବା ସହିତ ସଚେତନତା କାର୍ଯ୍ୟକ୍ରମ ଉପରେ ନିଜର ଅଭିମତ ରଖି ସମସ୍ତେ ବୁଲା କୁକୁର ଓ ଅସହାୟ ପ୍ରାଣୀମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ରଖିବାପାଇଁ ପରାମର୍ଶ ଦେଇଥିଲେ। ସେଥିପାଇଁ ସରକାରଙ୍କ ତରଫରୁ ଜୀବ ମଙ୍ଗଳ ସ୍ୱରୂପ କାର୍ଯ୍ୟକ୍ରମ ଆନିମଲ୍ ହେଲ୍‌ପଲାଇନ ଓ ବୁଲା କୁକୁରଙ୍କ ଜନ୍ମ ନିୟନ୍ତ୍ରଣ, ଅସ୍ତ୍ରପ୍ରଚାର କାର୍ଯ୍ୟକ୍ରମ ମ୍ୟୁନିସିପାଲିଟି ଅଞ୍ଚଳରେ ହୋଇଥିବା କଥା କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ କହିଥିଲେ ଯେ ଆମେ ଆମ ବାପା ମାଙ୍କର ଯେତିକି ସେବା କରୁଛେ ଠିକ୍ ସେହିପରି ପଶୁ ଜନ୍ତୁମାନଙ୍କର ସେବା କରିବା ବି ଆମର ଆବଶ୍ୟକ। ସେହିପରି ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା ଯୋଗଦେଇ ଗୋଚାଲାଣ ରୋକିବା ଲାଗି ଜନସଚେତନତା ସୃଷ୍ଟି କରିବାପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ କହିଥିଲେ ଯେ ମନୁଷ୍ୟ ଅପେକ୍ଷା ପ୍ରାଣୀଙ୍କ ଦରଦ ଅଧିକ। ତେଣୁ ମଣିଷମାନେ ଜୀବଙ୍କ ପ୍ରତି ଅମାନୁଶିକ ବ୍ୟବହାର ନକରିବା ପାଇଁ ଦୟାଶୀଳ ହେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିଭୁ ରଞ୍ଜନ ଦାସ ଜୀବେ ନିଷ୍ଠୁରତା ପରିହାର ନିମନ୍ତେ ପ୍ରାଣୀଙ୍କ ଅଧିନିୟମ ଅନୁଯାୟୀ ବିଭିନ୍ନ ଆଇନ ଉପରେ ସୂଚନା ଦେଇଥିଲେ। ଜୀବ ମଙ୍ଗଳର କାର୍ଯ୍ୟରତ ଡା.ମୌସୁମୀ ବର୍ଷା ଓ ବନାନୀ ମାଝି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଯଦୁନାଥ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ



**ଜଗତସିଂହପୁର :** ଯକ୍ଷ୍ମା ରୋଗ ବିଷୟରେ ଲୋକମାନଙ୍କୁ ଅବଗତ ବା ସଚେତନ କରିବାପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ରୂପେ ପାଳନ କରାଯାଇଥାଏ। ବର୍ଷକୁ ପ୍ରାୟ ୧୬ଲକ୍ଷ ବିଶ୍ୱରେ ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିଥାନ୍ତି। ଜିଲ୍ଲାରେ ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଜଗତସିଂହପୁର ଜିଲ୍ଲାକୁ ରାଜ୍ୟସ୍ତରରେ ପ୍ରଥମ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କ୍ଷେତ୍ରବାସୀ ଦାଶ, ଡିପିଏମ ଚକ୍ରଧର ଜେନା, ଡିଏମଆରସିଏଚ୍ ସୁକାନ୍ତ କୁମାର ପ୍ରଧାନ, ଏଡିପିଏଚସି ସଚଳା ମହାନ୍ତି ଓ ଯକ୍ଷ୍ମା ବିଭାଗର ଡିପିସି ବିପିନି ବିହାର ପାତ୍ର ପ୍ରମୁଖ ଯୋଗଦେଇ ଯକ୍ଷ୍ମା ବିଜେତା, ସେବିକା ଓ ଆଶାକର୍ମୀମାନଙ୍କୁ ନେଇ ଏକ ପଦଯାତ୍ରା ଏବଂ ଜିଲ୍ଲାସ୍ତରୀୟ ସଭା ଓ ସେଚତନତା କାର୍ଯ୍ୟକ୍ରମ କରିଥିଲେ। ଏପରିକି ଯକ୍ଷ୍ମା ବିଜେତା ମାନଙ୍କୁ ପୋଷାକ, ପରିଚୟପତ୍ର ଓ ବ୍ୟାଗ୍ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି ଦିବସଟିର ଅନ୍ୟ ଏକ ତାତ୍ପର୍ଯ୍ୟ ହେଉଛି ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ଓ ଚିକିତ୍ସିତ ହୋଇଥିବା ବ୍ୟକ୍ତି ବିଶେଷଙ୍କର ଜୀବନ କାହାଣୀ ସ୍ମୃତି ରକ୍ଷା ବା ତାଙ୍କୁ ମନେପକାଇବା ଏବଂ ବିଶ୍ୱରେ ଏହି ମାରାତ୍ମକ ରୋଗ ବିରୁଦ୍ଧରେ ଅବିରତ ଉଦ୍ୟମ ବା ଲଢେଇ ଜାରି ରଖିଥିବା ବ୍ୟକ୍ତି ବିଶେଷ ତଥା ଡାକ୍ତର, ସେବିକା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବାରେ କାର୍ଯ୍ୟରତ ବ୍ୟକ୍ତି ବିଶେଷ ଏବଂ ଗୋଷ୍ଠୀ ସ୍ତରରେ କାର୍ଯ୍ୟ କରୁଥିବା ଜନସାଧାରଣଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି। ଆମ ଦେଶରେ ଏହା ୧୯୯୭ ମସିହା ଠାରୁ ପାଳନ କରାଯାଉଅଛି। ଏହି ରୋଗଦ୍ୱାରା ବହୁ ଲୋକ ଆକ୍ରାନ୍ତ ହେଉଥିବା ବେଳେ ଏବେ ଏହି ରୋଗ ବ୍ୟାପିବାରେ ବନ୍ଧକ ଲଗାଯିବା ଦ୍ୱାରା ଜନସାଧାରଣ ସୁସ୍ଥରେ ରହୁଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ଉପସ୍ଥିତ ଥିବା କର୍ମଚାରୀଙ୍କୁ ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ଶୁଣାଣିରେ ମୋଟ ୭୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୨ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା ଅଭିଯୋଗ ଶୁଣାଣି ଶିବିରରେ ଶହ ଶହ ସଂଖ୍ୟାରେ ଅଭିଯୋଗ କାରିମାନେ ଉପସ୍ଥିତ ରହୁଥିବା ବେଳେ ଆଜିର ଏହି ଶୁଣାଣି ଶିବିରରେ ଜନସାଧାରଣଙ୍କ ଭିଡ ଦେଖିବାକୁ ମିଳିନଥିଲା। କିନ୍ତୁ ଆଜିର ଏହି ଶୁଣାଣି ଶିବିରରେ ପୋଲିସ ପକ୍ଷରୁ ବହୁ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହୋଇଥିଲେ। ଏହି କଥା ନେଇ ସେଠାରେ ଉପସ୍ଥିତ ଥିବା ସରକାରୀ କର୍ମଚାରୀଙ୍କୁ ପଚାରିବାରେ ସେ ସଠିକ୍ ଉତର ଦେଇନଥିଲେ। ତେଣୁ ବାହାରେ ଆଲୋଚନା ହେଉଥିଲା ଜନସାଧାରଣଙ୍କ ଶୁଣାଣି ହେଉଛି ନା ପୋଲିସ ମାନଙ୍କ ଶୁଣାଣି ହେଉଛି ତାହା ବି ସନ୍ଦେହ ଘେରରେ ଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ଆବାସ ଯୋଜନା ନିମନ୍ତେ ୨୬ଟି, ଜମିଜମା ସମ୍ପର୍କିତ ୧୨ଟି, ରାସନକାର୍ଡ ସମସ୍ୟା ସମ୍ପର୍କିତ ୯ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ୧ଟି, ଭତ୍ତା ସମସ୍ୟା ସମ୍ପର୍କିତ ୨ଟି, ପୋଲିସ ସମସ୍ୟା ସମ୍ପର୍କିତ ୨ଟି ଓ ଅନ୍ୟାନ୍ୟ ଅଭିଯୋଗ ୧୫ଟିର ଶୁଣାଣି କରାଯାଇଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ଜଗତସିଂହପୁର ଗୋଷ୍ଠୀ ଉନ୍ନୟନ ଅଧୀକାରୀ ସାଗର କୁମାର ନନ୍ଦ, ଜଗତସିଂହପୁର ତହସିଲଦାର ତାରେଣି ରଞ୍ଜନ ରାୟ, ଜିଲ୍ଲାସ୍ତରୀୟ କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗର୍ଜିଲେ ...

ସରକାର ଜାଣି ନିରବ ଦ୍ରଷ୍ଟା। ପୁର୍ବରୁ ୧୨ ହଜାରରୁ ୧୫ ହଜାର କ୍ୟାସେକ ଆସୁଥିଲା ହେଲେ ଏବେ ୪୮୫ କ୍ୟାସେକ ପାଣି ଆସୁଛି। ଏଭାପରେସନ୍ ଲସ୍ ହେଉଛି ୮୧୫ କ୍ୟୁସେକ। ଟ୍ରିବ୍ୟୁନାଲ ଗଠନକୁ ୭ ବର୍ଷ ହୋଇଗଲା। ୧.୨୫୨ ମିଲିୟନ ଏକର ପାଣି ଦିଆଯାଉ ବୋଲି ଦାବି ଥିଲା , ଟ୍ରିବ୍ୟୁନାଲ ନିଷ୍ପତ୍ତି ନେଲା ନାହିଁ। ଟ୍ରିବ୍ୟୁନାଲ ଇଣ୍ଟେରିମ ରିଲିଫ୍ ଦେଲେ ନାହିଁ କାହିଁକି ? ତାଙ୍କଠୁ ନ୍ୟାୟ ଅପେକ୍ଷା ନକରି ମୋ ମତରେ ଟ୍ରିବ୍ୟୁନାଲକୁ ବୟକଟ କରାଯାଉ। ବିଜୟ ମହାପାତ୍ର ଆହୁରି କହିଛନ୍ତି, ଛତିଶଗଡ଼ ସରକାର ଯଦି କିଛି ପାଣି ଛାଡ଼ିବେ, ତାହେଲେ କିଛି ସମାଧାନ ହେବ। ଛତିଶଗଡ଼ ମନମୁଖୀ ବ୍ୟାରେଜ ନିର୍ମାଣର ପ୍ରଥମ ପ୍ରଭାବ ଓଡ଼ିଶାରେ ଏବେ ପଡୁଛି। ଛତିଶଗଡ଼ ସରକାର ଏବଂ ଟ୍ରିବ୍ୟୁନାଲ ଦାୟୀ। ଅଣ ମୌସୁମୀ ସମୟରେ ସମସ୍ୟା ପାଇଁ ବିଭିନ୍ନ ପ୍ରକଳ୍ପ ସହ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରିପାରିଥାନ୍ତେ। ୭ ବର୍ଷ ଭିତରେ ସରକାର ଚାହିଁଥିଲେ ୨ରୁ ୩ଟି ବ୍ୟାରେଜ କରିପାରିଥାନ୍ତେ। ୪୦ ପ୍ରତିଶତ ଅଣମୌସୁମୀ ସମୟରେ ମ୍ୟାନେଜ କରାଯାଇ ପାରିଥାନ୍ତା । ରାଜ୍ୟ ସରକାର ସବୁ ଜାଣି କେମିତି ନୀରବ ରହିଲେ। ଏତେ ବଡ଼ ସମସ୍ୟାକୁ ସରକାର ଗୁରୁତର ସହ ନନେଇ କାହିଁ ଖାମଖିଆଲ ଭାବେ ନେଲେ । ବିଧାନସଭାରେ ସବୁ ଦିଗକୁ ନେଇ ସଦସ୍ୟମାନେ ଆଲୋଚନା କରନ୍ତୁ। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ୟାର ସମାଧାନ କରନ୍ତୁ। ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ୨୦୦୦ ମସିହାରୁ ଗୃହରେ ମହାନଦୀ ପ୍ରସଙ୍ଗରେ ଆଲୋଚନା ଚାଲିଛି। ଆଲୋଚନା ପାଇଁ ସେମାନେ ଆହ୍ୱାନ ଦେଲେ, କିନ୍ତୁ ଆମେ ଯେତେବେଳେ ପ୍ରସ୍ତାବ ଦେଲୁ ସେତେବେଳେ ସରକାର ପଛଘୁଞ୍ଚା ଦେଲେ। ୨୦୧୬-୧୭ରେ ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ କାହାର ସହଯୋଗ ନେବାକୁ ଚାହୁଁନି। ମୁଁ ଏକା କରିପାରିବି। ବର୍ତ୍ତମାନ କ'ଣ ବୋଲି କହିବେ ? ଗୃହରେ ଦୁଇ ଦୁଇଟି ଗୃହ କମିଟି ହେଲା। ଗୋଟିଏରେ ମୁଖ୍ୟମନ୍ତ୍ରୀ ଅଧକ୍ଷ ଥିବା ବେଳେ ଅନ୍ୟଟି ବାଚସ୍ପତି ରହିଥିଲେ। ଥରଟିଏ ବି ବୈଠକ ହେଲାନି। ବିରୋଧୀଙ୍କୁ ବିଶ୍ୱାସକୁ ନେଉ ନ ଥିବାରୁ ମହାନଦୀ ସମସ୍ୟାର ସମାଧାନ କରିପାରୁନାହାନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ଏହି ଘଟଣାରେ ବରିଷ୍ଠ ବିଜେଡି ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ପଡ଼ୋଶୀ ରାଜ୍ୟ ଯେଉଁମାନେ ଆରମ୍ଭରୁ ଅଛନ୍ତି, ସେମାନେ କିଛି ପରିମାଣରେ ବାଧକ ସାଜିଛନ୍ତି। ପ୍ରକୃତି ଆମକୁ ଯେତିକି ଦେଉଛି, ପଡ଼ୋଶୀଙ୍କ ସହ କଳି ନ କରି ତତ୍ପରନାସ୍ତି ଉଦ୍ୟମ କରାଯିବା ଉଚିତ୍।

### ଅନ୍ଧାରରେ ରାଜ୍ୟର ...

ଶ୍ରେଣୀ ଗୃହ ଅଭାବ ଓ ପ୍ରଥମ ପର୍ଯ୍ୟାୟରେ ରୂପାନ୍ତିକରଣ ହୋଇଥିବା ୫ଟି ସ୍କୁଲ ଗୁଡିକ ପେମେଣ୍ଟ ହୋଇନଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଓ ଶାସକ ଦଳର ବିଧାୟକ। କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ୫ଟି ସ୍କୁଲ ଗୁଡିକୁ ଦଳୀୟ ରଙ୍ଗରେ ରଙ୍ଗେଇ ଦେଉଛନ୍ତି ସରକାର। ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ ଓ ବିଜେଡି ବିଧାୟକ ନୃସିଂହ ସାହୁ, ସୁଧାଂଶୁ ପରିଡ଼ା ଏ ପ୍ରସଙ୍ଗ ଉଠାଇଥିଲେ। ଯାହାର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରଖି କହିଛନ୍ତି, ୫ଟି ସ୍କୁଲମାନଙ୍କର ରୂପାନ୍ତରିକରଣ ବାବଦ ପେମେଣ୍ଟ ପ୍ରସଙ୍ଗରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବ। ସେକେଣ୍ଡାରୀ ସ୍କୁଲରେ ଶିକ୍ଷକ ସମସ୍ୟା ନାହିଁ। ସରକାରଙ୍କ ପକ୍ଷରୁ ବିଗତ ବର୍ଷ ୧୧ ହଜାର ଶିକ୍ଷକ ନିଯୁକ୍ତି ସରିଛି। ୭ ହଜାର ଶିକ୍ଷକ ନିଯୁକ୍ତି ପାଇଁ ମାର୍ଚ୍ଚ ୧୦ରେ ପରୀକ୍ଷା ସରିଛି। ୬ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି ମୋଟ ୧୩ ହଜାର ନିଯୁକ୍ତି ଦିଆଯିବ। ସେହିପରି ଏଲିମେଣ୍ଟାରୀ ସ୍କୁଲରେ ୨୦ ହଜାର ଶିକ୍ଷକ ନିଯୁକ୍ତି ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଶିକ୍ଷକ ନିଯୁକ୍ତି କରାଯିବ। ଏଣିକି ରାଜ୍ୟରେ ଶିକ୍ଷକ ଅଭାବ ରହିବ ନାହିଁ। ସେହିପରି ୨୦୬୪ କିରାଣୀ ନିଯୁକ୍ତି ପାଇଁ ବି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଭିତରେ ୧୪ଶହ କିରାଣୀଙ୍କୁ ସିଧାସଳଖ ନିଯୁକ୍ତି ଦିଆଯିବ। ସେହିପରି ନିୟୁ ଏଡେଡ୍ ସ୍କୁଲ ନିମନ୍ତେ ୫୩ ହଜାର ଶିକ୍ଷକ ନିଯୁକ୍ତି ନିଆଯିବ। ସେଥି ମଧ୍ୟରୁ ୨୦୨୬ ଜଣ ଶିକ୍ଷକ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରଛାତ୍ରୀ ସଂଖ୍ୟା ସ୍କୁଲରେ ବଢୁଥିବାରୁ ଅନୁଧ୍ୟାନ କରି ସ୍କୁଲଗୁଡ଼ିକରରେ ଶ୍ରେଣୀ ଗୃହ ବୃଦ୍ଧି କରାଯାଉଛି। ମୋ ସ୍କୁଲ ଜରିଆରେ ୯୬୩, ସ୍କୁଲ ରୂପାନ୍ତର ଜରିଆରେ ୨୮୧୦ ଓ ସମଗ୍ର ଶିକ୍ଷା ଅଭିଯାନରେ ୨୦୦ ଶ୍ରେଣୀ ଗୃହ ବଢ଼ାଯାଇଛି। ରାଜ୍ୟରେ ମୋଟ ୫୦ ହଜାର ୨୫୩ ସ୍କୁଲ ଅଛି। ଏଥିରୁ ୮୦୨୪ ହାଇସ୍କୁଲ ଓ ୪୨ ହଜାର ୨୩୯ ପ୍ରାଥମିକ ସ୍କୁଲ ଅଛି। ୧୩୫୧ ରୂପାନ୍ତରୀତ ସ୍କୁଲରେ ୧୧୦୧ଟି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ସରିଛି। ୨୫୦ ସ୍କୁଲର କାମ ଚାଲିଛି। ହାଇସ୍କୁଲରେ ଅତିରିକ୍ତ ଶ୍ରେଣୀ ଗୃହ କରିବାକୁ ପଞ୍ଚାୟତିରାଜ ବିଭାଗ ଜରିଆରେ ୨୮୦ କୋଟି ଟଙ୍କା ଖର୍ଚ୍ଚ ବଜେଟରେ ବ୍ୟବସ୍ଥା ହୋଇଛି। ସେହିପରି ମୋ ସ୍କୁଲ ଜରିଆରେ ୮୦୫.୧୪ କୋଟି ଏବଂ ଗଣଶିକ୍ଷା ବିଭାଗ ୫୬୮ କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୦୭୫, ଦ୍ୱିତୀୟରେ ୩୪୬୧ ଓ ତୃତୀୟ ପର୍ଯ୍ୟାୟରେ ୨୩୩୬ ଉଚ୍ଚ ବିଦ୍ୟାଳୟ ରୂପାନ୍ତର ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ବାକି ହାଇସ୍କୁଲକୁ ରୂପାନ୍ତରିକରଣ କରାଯିବ। ସ୍କୁଲ ରୂପାନ୍ତିକରଣ ନିମନ୍ତେ ୨୦୨୩-୨୪ରେ ୧ ହଜାରେ କୋଟି ଟଙ୍କା ଖର୍ଚ୍ଚର ବଜେଟ ରହିଛି। ଏହି ସ୍କୁଲଗୁଡ଼ିକର ଯତ୍ନ ନେବା ପାଇଁ ଏସ୍‌ଏଚ୍‌କୁ ୧୦ ହଜାର ୪୧୨ କୋଟି ଟଙ୍କା ଦେବାକୁ ବଜେଟ ରହିଛି। ୧୦୨.୮୫ କୋଟି ଟଙ୍କା ଖର୍ଚ୍ଚର ସ୍ୱତନ୍ତ୍ର ବଜେଟ ମଧ୍ୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

### 'ବିଜୁ ଆତ୍ମନିଯୁକ୍ତି ...

ସରକାର କାହିଁକି ବନ୍ଦ କଲେ। ଏହି ଯୋଜନାରେ ୧୮ରୁ ୪୦ବର୍ଷ ବୟସର ଯୁବବର୍ଗଙ୍କୁ ନିଜସ୍ୱ କ୍ଷୁଦ୍ର ଉଦ୍ୟୋଗ ପାଇଁ ଆର୍ଥିକ ସବସିଡି ଦେବାର ବ୍ୟବସ୍ଥା ରହିଥିଲା। ଏହା ଦ୍ୱାରା ରାଜ୍ୟର ବହୁ ଯୁବବର୍ଗ ଉପକୃତ ହେବା ସହ କ୍ଷୁଦ୍ର ଉଦ୍ୟୋଗୀ ହେବାକୁ ପ୍ରୋତ୍ସାହିତ ହୋଇଥାନ୍ତେ। କିନ୍ତୁ ରାଜ୍ୟ ସରକାର ଚୁପଚାପ ଏହି ଯୋଜନାକୁ ବନ୍ଦ କରିଦେଇଛନ୍ତି। ଏପଟେ ମିଶନ ଶକ୍ତି ମହିଳାମାନଙ୍କୁ ଉଦ୍ୟୋଗୀ କରିବାର ସ୍ୱପ୍ନ ଦେଖାଇଛନ୍ତି। ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଦେଇ ସେମାନଙ୍କୁ ଉଦ୍ୟୋଗୀ କରିବାର ସ୍ୱପ୍ନ ଦେଖାଇଥିଲେ ମଧ୍ୟ ପ୍ରାୟ ଦେଢ଼ କୋଟି ଯୁବବର୍ଗଙ୍କୁ କାହିଁକି ହତାଶ କଲେ ଓ ବିଜୁବାବୁଙ୍କ ନାଁରେ ଏହି ଆତ୍ମନିଯୁକ୍ତି ଯୋଜନା ଆରମ୍ଭ ଓ ବନ୍ଦ କରିବା ପଛରେ କ'ଣ କାରଣ ରହିଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ଜିଲ୍ଲାପାଳ-ଏସ୍‌ପିଙ୍କୁ ...

ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଓ ପରେ ୨୦୨୦ ଜୁନ୍ ୭ତାରିଖରେ ମନ୍ତ୍ରିମଣ୍ଡଳ ଦ୍ୱାରା ରାଜ୍ୟ ସଙ୍ଗୀତର ମାନ୍ୟତା ଦିଆଯାଇଛି। ଏହି ଆଧାରରେ ୨୦୨୦ ଜୁନ୍ ୭ତାରିଖରେ ଓଡ଼ିଶା ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତି ଅନୁସାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଅନୁସରଣ କରି ପରିବେଷଣ କରିବା ଉଚିତ୍। କିନ୍ତୁ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହି ସଙ୍ଗୀତ ସଠିକ୍ ଭାବେ ପରିବେଷଣ ହେଉନାହିଁ ବୋଲି ଏହି ବିଭାଗର ଦୃଷ୍ଟିକୁ ଆସିଛି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ବିଜ୍ଞପ୍ତି ଅନୁସାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଜିଲ୍ଲାସ୍ତରର ସବୁ ଅନୁଷ୍ଠାନ, ବ୍ୟକ୍ତିବିଶେଷ ରାଜ୍ୟ ସଙ୍ଗୀତ ଗାୟନବେଳେ ଅନୁସରଣ ଓ ଅନୁପାନଳ କରିବା ପାଇଁ ବାଧ୍ୟତାମୂଳକ ହେବେ। ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ନିମନ୍ତେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ତଥା ଅଧିକାରୀ ଓ କର୍ମଚାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ ୧ରେ ଉତ୍କଳ ଦିବସ ପାଳନ ପୂର୍ବରୁ ରାଜ୍ୟ ସରକାରଙ୍କ ଏଭଳି ନିର୍ଦ୍ଦେଶନାମାକୁ ବିଭିନ୍ନ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି।

### ଜାପାନରୁ ଆସିବ ...

ନିବେଶକାରୀଙ୍କୁ ରାଜ୍ୟ ସରକାର ପ୍ଲସ ପ୍ଲାନ ସୁବିଧା ଯୋଗାଇ ଦେଉଥିବା କଥା ମଧ୍ୟ ଆଲୋଚନା ହେବ। ପୂର୍ବରୁ ୨୦୧୮ ମେକ ଇନ ଓଡ଼ିଶା କନକ୍ଲେଭରେ ଜାପାନର ପ୍ରତିନିଧିମାନେ ସାମିଲ ହୋଇ ଓଡ଼ିଶା ସହ ବାଣିଜ୍ୟ ସମ୍ପର୍କ ମଜଭୁତ କରିଛନ୍ତି। ତେଣୁ ନବୀନଙ୍କ ଜାପାନ ଗସ୍ତ ବଡ଼ ପୁଞ୍ଜି ଆଣିବ ବୋଲି ଶାସକ ଦଳ କହିଛି। ଅନ୍ୟପଟେ ୨୦୨୨ ଅଗଷ୍ଟ ମାସରେ ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ୩୦ଟି ଦେଶର ରାଷ୍ଟ୍ରଦୂତଙ୍କ ସହ ଦିଲ୍ଲୀରେ ଆଲୋଚନା କରିଥିଲେ। ଏହାସହ ରୋମ ଓ ଦୁବାଇ ଗସ୍ତ ପରେ ବି ବିଦେଶରୁ ପୁଞ୍ଜିର ସୁଅ ଛୁଟିଥିଲା। ଏବେ ପୁଣିଥରେ ମୁଖ୍ୟମନ୍ତ୍ରୀ ବିଦେଶରୁ ଅଧିକ ପୁଞ୍ଜି ଆଣିବା ପାଇଁ ଅଣ୍ଟା ଭିଡିଛନ୍ତି। ବିଦେଶରୁ ପୁଞ୍ଜି ଆଣିବାରେ ଦେଶର ଟପ ଥ୍ରୀ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରହିଛି। ସାରା ଦେଶରେ ପୁଞ୍ଜି ନିବେଶ ପାଇଁ ଓଡ଼ିଶା ବଡ଼ ସଫଳତା ମଧ୍ୟ ସାଉଁଟିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଜାପାନ ଗସ୍ତ ବେଶ ସଫଳ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଭାରତର ଖଣିଜ ସମ୍ପଦ କ୍ଷେତ୍ରରେ ଓଡ଼ିଶାର ସିଂହଭାଗ ରହିଛି। ଓଡ଼ିଶା ଏବେ ଶିଳ୍ପର ହବ୍ ପାଲଟିଛି। ପ୍ରାକୃତିକ ସମ୍ପଦରେ ଭାରତର ଟପ୍ ୧୧ଟି ଆଇଟିଆଇ ସଂସ୍ଥା ଓଡ଼ିଶାରେ ରହିଛି। ଏଡିବି ଓ ସିଙ୍ଗାପୁରର ଆଇଟିଇଏସ ଓ ଓଡ଼ିଶା ସରକାରଙ୍କ ସହଭାଗିତାରେ ଭୁବନେଶ୍ୱରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଓଡ଼ିଶାର ଦକ୍ଷ ମାନବ ସମ୍ବଳ ମଧ୍ୟ ପୁଞ୍ଜି ନିବେଶ ଲାଗି ସହାୟକ ହୋଇଛି। ଏବେ ଓଡ଼ିଶା ଓ ଜାପାନର ୫୨ଟି କମ୍ପାନୀ ବିଭିନ୍ନ ସେକ୍ଟରରେ କାରବାର କରୁଛନ୍ତି। ଆଗକୁ ଏହି ଧାରା ଅଧିକ ତ୍ୱରାନ୍ୱିତ ହେବ।

### ଲୋକପ୍ରିୟତା ...

କରିବା ଓ ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାଁରେ ମଧ୍ୟ ଜାଲ୍ ଲେଟର ପ୍ୟାଡ୍ କରି ଅର୍ଥ ଆଦାୟ କରିବା ଭଳି ସଙ୍ଗୀନ ଅଭିଯୋଗ ରହିଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ଏକାଧିକ ଠକେଇ ମାମଲାରେ ଜଡିତ ଜଣେ ବ୍ୟକ୍ତି କେଉଁଭଳି ଭାବେ ନିଜକୁ ସ୍ୱଚ୍ଛ କହି ଅନ୍ୟ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ତାହା ବିସ୍ମୟ ସୃଷ୍ଟି କରିଛି। ଅପରପକ୍ଷେ ଏତେସବୁ ଅଭିଯୋଗ ଆସିବା ସତ୍ତ୍ୱେ ବରିଷ୍ଠ ଟିଭି ସାମ୍ବାଦିକ ମନୋରଞ୍ଜନ ମିଶ୍ରଙ୍କର ଲୋକପ୍ରିୟତା ଆଦୌ ହ୍ରାସ ପାଇନାହିଁ। ବରଂ ଚର୍ଚ୍ଚା ଜୋର ଧରିବାରୁ ମନୋରଞ୍ଜନ ଲାଭରେ ଅଛନ୍ତି।

### ନବୀନ ଜଣେ ...

ସେ ସମୟରେ ମୁଁ ନବୀନ ନିବାସ ଆସିଥିଲି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିମନ୍ତ୍ରଣରେ ନବୀନ ନିବାସ ଆସିଥିଲି। ନବୀନଙ୍କ ଆତିଥେୟତାରେ ମୁଁ ଖୁସି। ଏହା ଏକ ସୌଜନ୍ୟତାମୂଳକ ସାକ୍ଷାତକାର ଥିଲା। ଏଥିରେ କୌଣସି ରାଜନୈତିକ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇ ନ ଥିଲା ବୋଲି କହିଥିଲେ ମମତା। ଏହା ସହିତ ସେ ପୁରୀରେ ବଙ୍ଗୀୟ ତୀର୍ଥଯାତ୍ରୀଙ୍କ ପାଇଁ ରାଜ୍ୟ ସରକାର ଦେଇଥିବା ୨ ଏକର ଜମି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁରୀରେ ରାଜ୍ୟ ସରକାର ଯେଉଁଭଳି ଭାବେ ତାଙ୍କୁ ଆତିଥେୟତା ଦେଇଥିଲେ ସେଥିପାଇଁ ମଧ୍ୟ ସେ ପ୍ରଶାସନିକ ଅଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଓଡ଼ିଶା ଓ ପଶ୍ଚିମବଙ୍ଗ ପଡୋଶୀ ରାଜ୍ୟ। ଏଠାରେ ବାତ୍ୟା ଆସିଲେ ସେହି ବାତ୍ୟା ପଶ୍ଚିମବଙ୍ଗକୁ ମଧ୍ୟ ଯାଏ। ଏମିତିରେ ଆମ ମଧ୍ୟରେ ସହଯୋଗ ଜରୁରୀ ବୋଲି ସେ କହିଥିଲେ। ଆଇରନ୍ ଓରକୁ ନେଇ ପଶ୍ଚିମବଙ୍ଗ-ଓଡ଼ିଶା ଇଣ୍ଡଷ୍ଟ୍ରିଆଲ କରିଡର ପ୍ରତିଷ୍ଠା କଥା ମଧ୍ୟ କହିଛନ୍ତି ମମତା ବାନାର୍ଜୀ। ପଶ୍ଚିମବଙ୍ଗର ଦୀଘାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ହେଉଛି ଓ ସେଠାକୁ ଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି ମମତା ବାନାର୍ଜୀ। ନବୀନଙ୍କୁ ଜଣେ ଶକ୍ତିଶାଳୀ ରାଜନୈତିକ ନେତା ଭାବେ ବର୍ଣ୍ଣନା କରିଛନ୍ତି ମମତା। ୨୦୨୪ ସାଧାରଣ ନିର୍ବାଚନକୁ ନେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ମମତା ବାନାର୍ଜୀ କହିଥିଲେ ଯେ, ନିର୍ବାଚନକୁ ଆହୁରି ବର୍ଷେ ଅଛି। ଏବେଠାରୁ ଆଲୋଚନା କରିବାର କୌଣସି ଆବଶ୍ୟକତା ନାହିଁ।

### ଜୁନ୍ ୧୫ ସୁଦ୍ଧା ...

ଛତରା ବଜାର ଭେଣ୍ଡିଂ ଜୋନ୍ ଆଦି ବୁଲି ଏସବୁ ସ୍ଥାନରେ ଉନ୍ନତି କରଣ କାର୍ଯ୍ୟ ବୁଲି ଦେଖିବା ସହିତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, ସିଏମସି କମିଶନର ନିଖିଲ ପବନ କଲ୍ୟାଣ, କଟକ ଡିସିପି ପିନାକ ମିଶ୍ର ଓ ସିଡିଏ ଅଧକ୍ଷ ଅନିଲ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଅକ୍ଷୟ କୁମାର ରାଉତ

# ଜଙ୍ଗଲ ସୁରକ୍ଷା–ଜୀବନ ରକ୍ଷା





ଇଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଚଂଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ରିତୁ ଲୀଳାରେ ପ୍ରକୃତିର ଜୟଗାନ। ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ। ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି, କଳକାରଖାନା ମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ, ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ। ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ। ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି। ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞ୍ୟାନ ଲାଭ କରିଥିଲେ। ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ। ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି। ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜାକୁ ଆହୁରୀ ଋଦ୍ଧି ମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ। ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି। ଇନ୍ଦ୍ର ଦେବତାଙ୍କର ଖାଣ୍ଡବବନ, ରାବଣର ଅଶୋକ ବାଟିକା, ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ। ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ। ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର।

ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା। ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା। ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ। କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି। ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ବୃକ୍ଷଲତା ମାନଙ୍କର ଉଚ୍ଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି। ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି। ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା

*ପାରାଦ୍ୱୀପ ଗଡ଼ , କୁଜଙ୍ଗ,ଜଗତସିଂହପୁର,*
*ଦୂରଭାଷ : ୯୯୩୭୬୯୧୪୭୫*







## ବିଏସ୍‌କେୱାଇରେ ଅନୁବନ୍ଧିତ ଘରୋଇ ହସ୍ପିଟାଲ ସଂଖ୍ୟା ୬୨୬କୁ ବୃଦ୍ଧି

**ଭୁବନେଶ୍ୱର :** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ)ରେ ରାଜ୍ୟ ତଥା ରାଜ୍ୟ ବାହାରର ୬୨୬ଟି ସୁପର ସ୍ପେଶାଲିଟି ଘରୋଇ ହସ୍ପିଟାଲ ଅନୁବନ୍ଧିତ ହୋଇଛନ୍ତି। ଆଗାମୀ ବର୍ଷଗୁଡ଼ିକରେ ହସ୍ପିଟାଲମାନଙ୍କୁ ଅନୁବନ୍ଧିତ ବା ତାଲିକାରୁ ବାଦ୍ ଦିଆଯିବା ବେଳେ ସଂଗୃହୀତ ଲୋକମତ, ସଂପୃକ୍ତ ହସ୍ପିଟାଲରେ ଉପଲବ୍ଧ ରୋଗୀ-କୈନ୍ଦ୍ରିକ ସୁବିଧା, ଆଧୁନିକ ଚିକିତ୍ସା ଉପକରଣ, ହସ୍ପିଟାଲର ନିଜସ୍ୱ ଅଭିଜ୍ଞ ଡାକ୍ତର ଆଦି ବିଷୟକୁ ଗୁରୁତ୍ୱ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସୋସାଇଟି ସଭାଗୃହଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ଡି. ବୃନ୍ଦା ଯୋଜନା କାର୍ଯ୍ୟାନ୍ୱୟନର ସଂପର୍କରେ ଆଲୋଚନା କରିଥିଲେ। ଇତିମଧ୍ୟରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଯୋଜନାର କ୍ଷେତ୍ରସ୍ତରୀୟ ରୂପାୟନ ବିଷୟରେ ସମୀକ୍ଷା କରିଛନ୍ତି। ଅନୁବନ୍ଧିତ ହସ୍ପିଟାଲଗୁଡିକର ଅଧିକାରୀ ଜିଲ୍ଲା ସଂଯୋଜକ ଓ ସ୍ୱାସ୍ଥ୍ୟମିତ୍ର ଆଦି ତୃଣମୂଳସ୍ତରୀୟ ଅଧିକାରୀମାନଙ୍କ ନିମନ୍ତେ ନିୟମିତ ତାଲିମ ଶିବିର ଆୟୋଜନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କୁ ଆବଶ୍ୟକୀୟ ଭିତ୍ତିଭୂମି, କମ୍ପ୍ୟୁଟର, ଇଣ୍ଟରନେଟ୍ ସୁବିଧା ଆଦି ଯୋଗାଇ ଦିଆଯିବ। 'ମୋ ସରକାର' ମାଧ୍ୟମରେ ସଂଗ୍ରହ ହେଉଥିବା ଲୋକମତ, ୧୦୪ କଲ୍ ସେଣ୍ଟର, ଅଭିଯୋଗ ଶୁଣାଣି, ଇ-ଅଭିଯୋଗ ଓ ଗଣମାଧ୍ୟମ ଆଦି ସୂତ୍ରରୁ ବର୍ତ୍ତମାନ ସୁଦ୍ଧା ମିଳିଥିବା ଅଭିଯୋଗ ଓ ମତାମତ ମଧ୍ୟରୁ ଶତକଡ଼ା ୯୫ ଭାଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ସେସବୁର ସମାଧାନ କରାଯାଇଛି। ଅନୁବନ୍ଧିତ ହସ୍ପିଟାଲମାନଙ୍କରେ ସୁଦୃଶ୍ୟ ଭାବେ ବିଏସ୍କେୱାଇ ବୋର୍ଡ ଲଗାଇବା, ଲୋକମାନଙ୍କ ପାଇଁ ସୁବିଧାଜନକ ସ୍ଥାନରେ କାଉଣ୍ଟର ଖୋଲିବା, ତ୍ୱରିତ ଆଡ୍‌ମିସନ, ଡିସଚାର୍ଜ ଓ ବିଲ୍ ପୈଠ ପାଇଁ ସଫ୍ଟୱେୟାର ନବୀକରଣ କରିବା, ଇଣ୍ଟରନେଟ ସ୍ପିଡ୍ ବଢ଼ାଇବା ଆଦି ବିଷୟରେ ସମୀକ୍ଷା ହୋଇଥିଲା।

## ପ୍ରତି ବ୍ଲକ୍‌ରେ ଜଳ ପରୀକ୍ଷାଗାର କାର୍ଯ୍ୟକ୍ଷମ ନେଇ ସରକାରଙ୍କ ଯୋଜନା ନାହିଁ

**ଭୁବନେଶ୍ୱର :** ଜଳର ତ୍ୱରିତ ମାନ ପରୀକ୍ଷା ଲାଗି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ରାଜ୍ୟସ୍ତରରେ ଗୋଟିଏ, ଜିଲ୍ଲାରେ ୩୦ଟି ଓ ଉପଖଣ୍ଡସ୍ତରରେ ୪୬ଟିକୁ ମିଶାଇ ସମୁଦାୟ ୭୭ଟି ଜଳ ପରୀକ୍ଷାଗାର ସ୍ଥାପନ କରାଯାଇଛି। ପ୍ରତ୍ୟେକ ପରୀକ୍ଷାଗାରରେ ବର୍ଷକୁ ୩ହଜାର ସଂଖ୍ୟକ ଜଳ ନମୁନା ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି। ତେବେ ପ୍ରତି ବ୍ଲକ୍ରେ ଜଳ ପରୀକ୍ଷାଗାର କାର୍ଯ୍ୟକ୍ଷମ କରିବାକୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ କେ ?ଣସି ଯୋଜନା ନ ଥିବା ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ। ବିଧାୟକ ସେ ?ମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଅମାତ କହିଛନ୍ତି ଯେ ଏସବୁ ପରୀକ୍ଷାଗାରରେ ଜଳର ୧୩ ପ୍ରକାର ରାସାୟନିକ ଓ ଜୀବାଣୁ ଜନିତ ପରୀକ୍ଷା କରାଯାଇ ଆବଶ୍ୟକ ପ୍ରତିଷେଧକ ପୂର୍ବ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ପରୀକ୍ଷା କରାଯାଉଥିବା ଜଳର ରିପୋର୍ଟ ଆସିବା ଲାଗି ୪-୭ଦିନ ସମୟ ଲାଗିଥାଏ। ଏହାବାଦ୍ ପ୍ରତ୍ୟେକ ଗ୍ରାମ ପଞ୍ଚାୟତସ୍ତରରେ ଫିଲ୍ଡ ଟେଷ୍ଟ କିଟ୍(ଏଫ୍ଟିକେ) ମାଧ୍ୟମରେ ତାଲିମପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ଜଳର ଗୁଣାବତ୍ତା ପରୀକ୍ଷା କରାଯାଉଛି। ଏହାସହ ପ୍ରତ୍ୟେକ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ପାଇଁ ଏକ ଜଳ ପରୀକ୍ଷାଗାର ସ୍ଥାପନ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଗ୍ରାମାଞ୍ଚଳରେ ପାନୀୟ ଜଳ ବିଶୋଧନ ପାଇଁ ଗତ ୫ବର୍ଷରେ ୪୦୬.୦୨ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ତାହା ଲକ୍ଷ କିମ୍ବା କୋଟିରେ ରହିଛି ତାହା ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।

### ଶ୍ୱେତପତ୍ର ଜାରି କରି ତଥ୍ୟ ପ୍ରକାଶ କଲେ ସରକାର

# ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଶାନ୍ତିପୂର୍ଣ୍ଣ

**ଭୁବନେଶ୍ୱର :** ରାଜ୍ୟରେ ଶାନ୍ତିପୂର୍ଣ୍ଣ ରହିଛି ଆଇନଶୃଙ୍ଖଳା ସ୍ଥିତି। ମାଓ ହିଂସା ହେଉ କି ସାଇବର ଅବା ଅର୍ଥନୈତିକ ଅପରାଧ। ମହିଳା ହିଂସା ହେଉ କି ନାବାଳିକା ଚାଲାଣ। ଏସବୁ ଅପରାଧକୁ ନିୟନ୍ତ୍ରଣ କରିବାରେ ଓଡ଼ିଶା ପୁଲିସ ସଫଳ ହୋଇଛି। ସବୁଠି ଓଡ଼ିଶା ପୁଲିସ ଦେଖାଇଛି ଦକ୍ଷତାର ପରିଚୟ। 'ମୋ ସରକାର' ବ୍ୟବସ୍ଥା ଆଣିଛି ଥାନା ଓ ପୁଲିସିଂ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ। ସୋମବାର ରାଜ୍ୟ ସରକାର ବିଧାନସଭାରେ ୨୦୨୨ ବର୍ଷ ପାଇଁ ଶ୍ୱେତପତ୍ର ଜାରି କରି ରାଜ୍ୟରେ ସଂଗଠିତ ଅପରାଧ ଓ ଆଇନଶୃଙ୍ଖଳା ସ୍ଥିତି ନେଇ ଏପରି ତଥ୍ୟ ରଖିଛନ୍ତି। ଶ୍ୱେତପତ୍ରରେ କୁହାଯାଇଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଭିମାନ ଅଞ୍ଚଳର ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଦିନେ ମାଓବାଦୀଙ୍କ ଗଡ଼ ଥିବା ମାଲକାନଗିରି ଆଜି ବିକାଶର ନକ୍ସା ଆଙ୍କୁଛି। 'ଅପରେସନ୍ ଘର୍ ୱାପ୍ସି' କାର୍ଯ୍ୟକ୍ରମ ଜରିଆରେ ୨୦୨୨ରେ ମୁଖ୍ୟସ୍ରୋତକୁ ଫେରିଛନ୍ତି ୩ ହଜାର ଦୁର୍ଦ୍ଧର୍ଷ ମାଓବାଦୀ। ସରକାରଙ୍କ ନକ୍ସଲ ନିୟନ୍ତ୍ରଣ ଯୋଜନା ଓ ଅପହଞ୍ଚ ଇଲାକାର ବିକାଶକୁ ଗୁରୁତ୍ୱ ଦିଆଯିବାରୁ ରାଜ୍ୟରେ ନକ୍ସଲ କାର୍ଯ୍ୟକଳାପ ଆଶାତୀତ ଭାବେ ହ୍ରାସ ପାଇଛି। ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ଏବେ ମାଓମୁକ୍ତ। ଏହାସହିତ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ଜିଲ୍ଲା ମାଓମୁକ୍ତ ହେଉଥିବା ଗୃହ ବିଭାଗର ଏହି ଶ୍ୱେତପତ୍ରରେ ଉଲ୍ଲେଖ କରାଯାଇଛି। ଶ୍ୱେତପତ୍ରରେ ଦର୍ଶାଯାଇଛି ଯେ ୨୦୨୨ରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଛି। ଗତବର୍ଷ ଏକାଧିକ ବିଧାନସଭା ଆସନ ପାଇଁ ଉପନିର୍ବାଚନ, ପଞ୍ଚାୟତ ଓ ପୌର ନିର୍ବାଚନ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ବିରୋଧୀ ଯେତେ ସମାଲୋଚନା କଲେ ବି ବାସ୍ତବ ସ୍ଥିତି କିନ୍ତୁ ଓଲଟା। ମହିଳା ହିଂସା ରୋକିବାକୁ ଦିଆଯାଇଛି ପ୍ରାଥମିକତା। ଗତବର୍ଷ ମହିଳା ହିଂସା ମାମଲାରେ କ୍ରାଇମବ୍ରାଞ୍ଚକୁ ମିଳିଛି ସଫଳତା। ୨୧୦ଟି ମାମଲାକୁ 'ରେଡ୍ ଫ୍ଲାଗ୍' ମାମଲା ଭାବେ ଦରଜ କରାଯାଇଛି। ସ୍ୱତନ୍ତ୍ର ପିପି ନିଯୁକ୍ତ କରାଯାଇ ଏସବୁ ମାମଲାର ତ୍ୱରିତ୍ ଫଇସଲା ହୋଇ ଦୋଷୀ କିପରି ଦଣ୍ଡ ପାଇବ ସେଥିପାଇଁ ପଦକ୍ଷେପ ନିଆଯାଇଛି। ଏହିସବୁ ମାମଲାରେ ଦୋଷୀ ସାବ୍ୟସ୍ତ ହାର ୩୭.୦୩ ପ୍ରତିଶତ ରହିଛି। ଅନୈତିକ କାର୍ଯ୍ୟରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ଚାଲାଣ ରୋକିବା ପାଇଁ ୩୭ଟି ସମନ୍ୱିତ ମାନବ ଚାଲାଣ ନିରୋଧୀ ୟୁନିଟ୍ ଗଠନ ହୋଇଛି। ରାଜ୍ୟରେ ସମସ୍ତ ପୁଲିସ ଜିଲ୍ଲାରେ ଏହି ୟୁନିଟ୍ କାର୍ଯ୍ୟକ୍ଷମ ରହିଛି। ନାବାଳିକାଙ୍କ ବିରୋଧରେ ଦୁଷ୍କର୍ମ ଅପରାଧ ରୋକିବା ପାଇଁ ପୁଲିସ ତରଫରୁ ଲୋକଙ୍କୁ ସଚେତନ କରିବାକୁ ଆରମ୍ଭ ହୋଇଛି 'ପରୀ ପାଇଁ କଥାଟିଏ'। ସେହିପରି ଅର୍ଥନୈତିକ ଅପରାଧ ବା ସାଇବର ଅପରାଧ ରୋକିବାରେ ଓଡ଼ିଶା ପୁଲିସକୁ ମିଳିଛି ବଡ଼ ସଫଳତା। ଗତବର୍ଷ କଟକ, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁର ସାଇବର ଥାନାରେ ଦରଜ ହୋଇଥିବା ୧୮ଟି ମାମଲାରେ ୨୯ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ମୋଟ ୨୬ ଲକ୍ଷ ନଗଦ ଟଙ୍କା ଆଦାୟ କରିଥିବା ବେଳେ ଅଭିଯୋଗକାରୀଙ୍କୁ ୧ କୋଟି ୮୩ ଲକ୍ଷ ୬୩ ହଜାର ୮୪୦ ଟଙ୍କା ଫେରସ୍ତ କରିଛି। ଏହାସହିତ ସାଇବର ଅପରାଧ ସହିତ ଜଡ଼ିତ ୧୯୮୩ଟି ମାମଲା ଦରଜ କରାଯାଇଛି। ଯେଉଁଥିରେ ୪୪୧ ଜଣ ଗିରଫ ହେବା ସହ ଅଭିଯୋଗକାରୀଙ୍କୁ ୯୭ ଲକ୍ଷ ୩୦ ହଜାର ୫୮୨ ଟଙ୍କା ଫେରସ୍ତ ମିଳିଛି। ଆର୍ଥିକ ସଂସ୍ଥା ଦ୍ୱାରା ବେଆଇନ୍ କାରବାର ରୋକିବା ଦିଗରେ କ୍ରାଇମ୍ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ସଫଳତା ମିଳିଛି। ଗତ ବର୍ଷ ୨୨ଟି ମାମଲାରେ ୬୭ ଜଣ ଗିରଫ କରିବା ସହ ସେମାନଙ୍କ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଶା ଓ ନିଷିଦ୍ଧ ମାଦକ ଦ୍ରବ୍ୟ ଚୋରାଚାଲାଣ ରୋକିବାରେ ମଧ୍ୟ ସରକାରଙ୍କୁ ମିଳିଛି ବଡ଼ ସଫଳତା। ସ୍ୱତନ୍ତ୍ର ଟାସ୍କ ଫୋର୍ସ ଦ୍ୱାରା ୭୫ଟି ଏନ୍‌ଡିପିଏସ୍ ମାମଲା ଦରଜ ହେବା ସହ ୧୩୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ୧୧୭୨ କ୍ୱିଣ୍ଟାଲ ୮୯ କିଲୋ ୧୫୦ ଗ୍ରାମ୍ ଗଞ୍ଜେଇ, ୫୦ କିଲୋ ୨୩୭ ଗ୍ରାମ୍ ବ୍ରାଉନ୍ସୁଗର ଜବତ ହୋଇଛି। ମୋଟ ୧୮୯୨ଟି ମାମଲା ଦରଜ ହୋଇଥିବାବେଳେ ନିଶାଦ୍ରବ୍ୟ ଚୋରାଚାଲାଣ କରିବା ଅପରାଧରେ ୨୬୦୩ ଜଣ ଗିରଫ ହୋଇଛନ୍ତି। ମୋଟ ୧ ଲକ୍ଷ ୭୮ ହଜାର ୧୯୦ଟି ଧର୍ତ୍ତବ୍ୟ ଅପରାଧରୁ ୧୩୭୯ଟି ହତ୍ୟା, ୬୨୬ଟି ଡକାୟତି, ୨ ହଜାର ୯୯୮ ଲୁଟ, ୧୪ ହଜାର ୮୯୩ ଚୋରି, ୫ ହଜାର ୩୫୨ ଠକେଇ, ୨ ହଜାର ୨୪୮ ଦଙ୍ଗାଭଳି ସ୍ଥିତି, ୩ ହଜାର ୧୮୪ ଦୁଷ୍କର୍ମ ଓ ୧୧ ହଜାର ୬୬୩ଟି ମୋଟର ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଥିବା ଏହି ଶ୍ୱେତପତ୍ରରେ ଦର୍ଶାଯାଇଛି।



## ଆୟୁର୍ବେଦର ଭୂସ୍ୱର୍ଗ ଗନ୍ଧମାର୍ଦ୍ଦନ

# ରାଜ୍ୟର ତୃତୀୟ ଜୈବବିବିଧତା ମାନ୍ୟତା



**ଭୁବନେଶ୍ୱର :** ରାଜ୍ୟର ତୃତୀୟ ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଗନ୍ଧମାର୍ଦ୍ଦନକୁ ରାଜ୍ୟ ସରକାର ଦେଇଛନ୍ତି ମାନ୍ୟତା। ସୋମବାର ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏଥିନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ୧୮,୯୬୩.୮୯୮ ହେକ୍ଟରରେ ପରିବ୍ୟାପ୍ତ ଏହି ପର୍ବତ ଆୟୁର୍ବେଦର ଭୂସ୍ୱର୍ଗ ଭାବେ ପରିଚିତ ଏବଂ ଏବେ ରାଜ୍ୟ ସରକାର ଏହାକୁ ଐତିହ୍ୟସ୍ଥଳୀ ଘୋଷଣା କରିଛନ୍ତି। ଏହି ପର୍ବତକୁ ଜୈବ ବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ମିଳିବା ଦ୍ୱାରା ବିଲୁପ୍ତପ୍ରାୟ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ପଦକ୍ଷେପ ସହଜ ହୋଇପାରିବ। ଏଥିରେ ସ୍ଥାନୀୟ ଲୋକଙ୍କୁ ବହୁଳ ଭାବେ ସମ୍ପୃକ୍ତ କରାଇ ଏହି କାର୍ଯ୍ୟ କରାଯିବ। ଦିନକୁ ଦିନ ପର୍ବତରୁ ବହୁ ଗଛ ଚୋରି ହେଉଥିବା ବେଳେ ଜୀବଜନ୍ତୁ ମଧ୍ୟ ଶିକାର ହେଉଛନ୍ତି। ମାତ୍ର ଜୈବବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ମିଳିବା ପରେ ଏହାର ପରିଚାଳନା ନିମନ୍ତେ ବିଭିନ୍ନ ସ୍ରୋତରୁ ଅର୍ଥାଗମ ସୁଗମ ହେବ। ଯାହା ପର୍ବତର ରକ୍ଷଣାବେକ୍ଷଣ କ୍ଷେତ୍ରରେ ସହାୟକ ହେବ ବୋଲି ଆଶା ରହିଛି। ଏହି ପର୍ବତକୁ ଜୈବବିବିଧତା ଐତିହ୍ୟସ୍ଥଳୀ ମାନ୍ୟତା ଦେବା ପାଇଁ ପ୍ରଥମେ ନନ୍ଦୁପଲା, ତେଲେନପାଲି, ବରତୁଣ୍ଡା, ମିଥପାଲି ଆଦିରେ ଥିବା ଜୈବବିବିଧତା ପରିଚାଳନା କମିଟି, ବଲାଙ୍ଗିର ଏବଂ ବରଗଡ଼ ଡିଏଫ୍ଓଙ୍କ ସମେତ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଜିଲ୍ଲା ବନ ମହାସଂଘ ଦାବି ଓ ସୁପାରିସ କରିଥିଲେ। ଏହି ସୁପାରିସ ଓ ଗ୍ରାମସଭାର ନିଷ୍ପତ୍ତି ଆଧାରରେ ଜୈବବିବିଧତା ବୋର୍ଡ ସେଠାରେ ସର୍ଭେ ଆରମ୍ଭ କରିଥିଲା। ସର୍ଭେ ପରେ ଏହି ପର୍ବତରେ ଥିବା 'ଫ୍ଲୋରା' ଓ 'ଫନା'ର ତଥ୍ୟ ସଂଗ୍ରହ ହୋଇଥିଲା। ଏଥିରେ ୧୦୫୫ ପ୍ରଜାତିର ବୃକ୍ଷଲତା ଓ ୫୦୦ ପ୍ରକାରର ପ୍ରାଣୀ ଥିବା ଜଣାପଡ଼ିଥିଲା। ୧୦୫୫ ପ୍ରଜାତିର ବୃକ୍ଷ ମଧ୍ୟରେ ୮୪୯ ପ୍ରକାର ଫୁଲ ଗଛର ସନ୍ଧାନ ମିଳିଥିବାବେଳେ ଏଥରେ ବୁଦା ଜାତୀୟ ଗଛ, ଗୁଳ୍ମ ଓ ବିଭିନ୍ନ ପ୍ରକାର ଲତା ସମେତ ପ୍ରାୟ ୩୦୦ ପ୍ରକାର ଔଷଧୀୟ ଗଛ ଥିବା ନେଇ ଜଣାପଡ଼ିଛି। ସେହିପରି ୪୩ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ, ୧୬୧ ପ୍ରକାର ପକ୍ଷୀ, ୪୪ ପ୍ରକାର ସରିସୃପ, ୧୧୮ ପ୍ରକାର ପ୍ରଜାପତି, ୮୩ ପ୍ରକାର ବୁଢ଼ିଆଣି ଓ ୧୮ ପ୍ରକାର ବିଲୁପ୍ତ ପ୍ରଜାତିର ପ୍ରାଣୀ ଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ଦାବି ଅନୁଯାୟୀ ଏହି ପର୍ବତରେ ପ୍ରାୟ ୫୦୦ ପ୍ରଜାତିର ଔଷଧୀୟ ଗୁଣଯୁକ୍ତ ଗଛ ଅଛି। ଏହାକୁ 'ଆୟୁର୍ବେଦର ସ୍ୱର୍ଗ' ଭାବେ ସ୍ଥାନୀୟ ଲୋକେ ଗ୍ରହଣ କରୁଥିବା ବେଳେ ଅନେକ ରୋଗର ମୁକ୍ତି ପାଇଁ ଏଠାରୁ ଔଷଧ ସଂଗ୍ରହ କରୁଥିବା କହିଛନ୍ତି। ବୈଦ/ହାକିମ/ଦିଶାରୀମାନେ ଏଠାରୁ ବିଭିନ୍ନ ଗଛ ଲତା ଆଣି ଲୋକଙ୍କ ଚିକିତ୍ସାରେ ଲଗାଉଛନ୍ତି। ମୁଖ୍ୟତଃ ସ୍ତ୍ରୀ ଓ ପ୍ରସୂତି ରୋଗ ଦୂର କରିବା ସହ ଅମ୍ଳ, ଗ୍ୟାଷ୍ଟ୍ରିକ, ଅଲସର, ପେଟ ରୋଗ, ମଧୁମେହ, ପାଇଲ୍ସ, ହାଡ଼ ଭଙ୍ଗା, ଜଣ୍ଡିସ, ବିଭିନ୍ନ ପ୍ରକାର ଜ୍ୱର ସହିତ ମା କ୍ଷୀର ବୃଦ୍ଧି କରିବା ପାଇଁ ଏଠାରେ ବୃକ୍ଷ ଲତା ଥିବା ଦାବି କରାଯାଇଛି। ଏଥିପାଇଁ ଏହି ପର୍ବତ ଜୈବବିବିଧତାର ଐତିହ୍ୟସ୍ଥଳୀ ମାନ୍ୟତା ପାଇବା ପରେ ଏଗୁଡ଼ିକ ସୁରକ୍ଷିତ ରହିବ ଓ ଆଗାମୀ ଦିନରେ ଗବେଷଣା ପାଇଁ ମଧ୍ୟ ସହାୟକ ହେବ। ଗତ ନଭେମ୍ବର ମାସରେ ମହେନ୍ଦ୍ରଗିରି ପର୍ବତକୁ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏହି ମାନ୍ୟତା ପ୍ରଦାନ କରିଥିବା ବେଳେ ପୂର୍ବରୁ ମଣ୍ଡାସାରୁ ପର୍ବତକୁ ମଧ୍ୟ ଏହି ଟ୍ୟାଗ ମିଳି ସାରିଛି।

# ବାଲୁଗାଁର ବାଲ୍ମିକୀ ତପନ ପଟ୍ଟନାୟକ



**ବାଲୁଗାଁ :** ବିଶିଷ୍ଟ ଗୀତିକାର, କବି, ଔପନ୍ୟାସିକ ଓ ନାଟ୍ୟକାର ତପନ ପଟ୍ଟନାୟକଙ୍କ ଦ୍ୱାଦଶାହ ତାଙ୍କ ବାଲୁଗାଁ ସ୍ଥିତ ନିଜ ବାସଭବନ ସାମନ୍ତରାପୁରର ଏକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ଯୋଗଦେଇ ବିଶିଷ୍ଟ କବି, ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ କହିଥିଲେ, ତପନ ପଟ୍ଟନାୟକ ସାହିତ୍ୟ ପାଇଁ ଜୀବନଟାକୁ ଉତ୍ସର୍ଗ କରିଦେଇ ଗଲେ। ତପନ ବାସ୍ତବରେ ବାଲୁଗାଁର ବାଲ୍ମିକୀ। ଏହି ସଭାରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ, କବି ଦେବେନ୍ଦ୍ର ନାଥ ମାନସିଂହ କହିଲେ, ତପନ ପଟ୍ଟନାୟକ ବାଲୁଗାଁ ମାଟିର ମଣି। ସେ ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରେ ପ୍ରକୃତି ଓ ପ୍ରେମର କବି। ବିଶିଷ୍ଟ କବି ଡ. ପ୍ରସନ୍ନ କୁମାର ମହାନ୍ତି ନିଜ ସ୍ମୃତିଚାରଣ କରି କହିଥିଲେ, କବି ତପନ ପଟ୍ଟନାୟକରୁ ତପନ ଭାଇ ହେବା ପାଇଁ ଗୋଟିଏ ଦିନ ଲାଗିଥିଲା। ଗୋଟିଏ ପରିବାର କେମିତି ସାହିତ୍ୟ, ସଂସ୍କୃତି ପାଇଁ ସମର୍ପିତ ତା'ର ନିଦର୍ଶନ ହେଉଛନ୍ତି ପଦ୍ମଚରଣ, ତପନ ଓ ଗିରିବାଳା। ଏହି ଅବସରରେ ବିଶିଷ୍ଟ କବି ଅଜିତ ଦାସ ମହାପାତ୍ର କହିଲେ, ତପନ ପଟ୍ଟନାୟକ ଅସାମାନ୍ୟ କବି ଥିଲେ। ପିଲାଟି ଦିନରୁ ସେ ତାଙ୍କର ପରିବାର ସହିତ ଜଡିତ ରହିଥିଲେ। ସେହିପରି କବି କମଳ ମହାନ୍ତି କହିଥିଲେ, ତପନ ଭାଇଙ୍କ ପରି ସମର୍ପିତ କାବ୍ୟ ବ୍ୟକ୍ତିତ୍ୱ ଅନ୍ୟତ୍ର ବିରଳ। ତାଙ୍କର ଚିଲିକାକୁ ନେଇ କବିତା ସଙ୍କଳନର ଅଧୁରା ସ୍ୱପ୍ନକୁ ସାର୍ଥକ କରିବା ପାଇଁ ନିଜେ ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ କବି ତପନ ପଟ୍ଟନାୟକ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ ସ୍ମରଣିକା 'ବାଲୁଗାଁ ବାଲ୍ମିକୀ' ଉନ୍ମୋଚନ କରାଯାଇଥିଲା। ପ୍ରାକ୍ତନ ମନ୍ତ୍ରୀ ଓ ସାହିତ୍ୟିକ ଦେବେନ୍ଦ୍ର ନାଥ ମାନସିଂହ, ପ୍ରାକ୍ତନ ସାଂସଦ ତଥା କବି ଡ. ପ୍ରସନ୍ନ କୁମାର ପାଟଶାଣୀ, ପ୍ରାକ୍ତନ ବିଧାୟକ ରଘୁନାଥ ସାହୁ, କବି ଅଜିତ ଦାସ ମହାପାତ୍ର, ଡ. ପ୍ରସନ୍ନ କୁମାର ମହାନ୍ତି, କବି କମଳ କୁମାର ମହାନ୍ତି, କବି ତଥା 'ଏକମାତ୍ର' ଖବରକାଗଜର ସମ୍ପାଦକ ତାରକ ମହାନ୍ତି, କବି ପୁରୁଷୋତ୍ତମ ମହାପାତ୍ର, ଅଞ୍ଜଳି ତ୍ରିପାଠୀ, ଡ. କଳ୍ପନା ଦାଶ, ଭିକାରୀ ଚରଣ ପ୍ରଧାନ, ବାଳମୁକୁନ୍ଦ ଦାସ, ବିଭୂତି ଭୂଷଣ ସାମନ୍ତରାୟ, ମୁରଲୀ ସାମନ୍ତସିଂହାର, ଅଧ୍ୟାପକ ଅମ୍ବିକା ପ୍ରସା ସାମନ୍ତରାୟ, ପ୍ରିୟଦର୍ଶୀନି ମହାରଣା, ଦିଗମ୍ବର ବିଶ୍ୱାଳ, ରବି ମାନସିଂହ, ରମେଶ ମହାପାତ୍ର, ନିରଞ୍ଜନ କର, ଗୋପାଳ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। କବି ତପନ ପଟ୍ଟନାୟକଙ୍କ ସାନଭଉଣୀ ଗିରିବାଳା ପଟ୍ଟନାୟକ ରାମଧୁନ ସହିତ ଭଜନ ଗାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ ସଂଯୋଜନା କରିଥିଲେ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା। ପରିଚାଳନାରେ ସହଯୋଗ କରିଥିଲେ ତପନ ପଟ୍ଟନାୟକଙ୍କ କନିଷ୍ଠ ଭ୍ରାତା ବିଜନ ପଟ୍ଟନାୟକ ଓ ପୁତ୍ର ସମ୍ବିତ ପଟ୍ଟନାୟକ।

## ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ

# ଧନେଶ୍ୱର ସଭାପତି, ତାପସ ସମ୍ପାଦକ



**ଭୁବନେଶ୍ୱର :** ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୱାନ୍ ବାର ୱାନ ଭୋଟ ନିୟମ ଅନୁଯାୟୀ ରାଜ୍ୟର ମୋଟ ୧୫୩ଟି ବାର୍ ଆସୋସିଏସନରେ ଗୋଟିଏ ଦିନରେ ଭୋଟ ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଧନେଶ୍ୱର ମହାନ୍ତି ବିଜୟ ମୁକୁଟ ପିନ୍ଧିଥିବା ବେଳେ ତାପସ କୁମାର ଦାସ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଅଞ୍ଜନ କୁମାର ସାମନ୍ତରାୟ, ଯୁଗ୍ମ ସମ୍ପାଦକ ସୁକାନ୍ତ କୁମାର ବେହେରା, ସହ ସମ୍ପାଦକ ପୁଲିନ ମାର୍ଥା ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ୧୦ଜଣ ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ପାଇଁ ମନୀଷ ନାୟକ ଓ କାର୍ଯ୍ୟକାରୀ କମିଟିକୁ ୨ଜଣ ମହିଳା ପ୍ରାର୍ଥିନୀ ଜ୍ୟୋତିର୍ମୟୀ ପଣ୍ଡା ଓ ପ୍ରୀତିଜ୍ୟୋସ୍ନା ନାଥ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମୁଦାୟ ୩ ହଜାର ୭ଶହ ୮ଜଣ ଓକିଲ ଭୋଟ୍ ଦେବା ପାଇଁ ତାଲିକା ପ୍ରକାଶ ପାଇଥିବା ବେଳେ ସେଥିମଧ୍ୟରୁ ୨ହଜାର ୭ଶହ ୭୮ଜଣ ଭୋଟ୍ ଦେଇଥିଲେ। ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହୋଇଥିଲା। ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ନବନିର୍ବାଚିତ ସମ୍ପାଦକ ପୂର୍ବରୁ ଥରେ ଏହି ପଦବୀରେ ରହିଥିଲେ। ଚଳିତବର୍ଷ ପୁଣି ୩୮୪ ଖଣ୍ଡ ଅଧିକ ଭୋଟ ପାଇଛନ୍ତି। ଉଲ୍ଲେଖଯୋଗ୍ୟ ତାପସଙ୍କ ବିପୁଳ ଭୋଟରେ ଜିତିବା ପଛରେ ପୂର୍ବତନ ବାର ସଭାପତି ଅଶୋକ କୁମାର ପାତ୍ର ଓ ପୂର୍ବତନ ଷ୍ଟେଟ ବାର କାଉନସିଲର ସଭ୍ୟ ଆତ୍ମପ୍ରକାଶ ମହାନ୍ତିଙ୍କ ବଳିଷ୍ଠ ନେତୃତ୍ୱ ରହିଛି।

## ବିଇଓଙ୍କ ବିରୋଧରେ ଧାରଣା ଦେବେ ଆରଟିଆଇ କର୍ମୀ

# ଅଭିଯୋଗର ତାଲିକା ଲମ୍ବୁଛି

**ଭଦ୍ରକ, (ବିକାଶ କୁମାର ଧଳ):** ଶିକ୍ଷା ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିଲା ବେଳେ ବନ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ମହୋଦୟା ଏହାକୁ ଖାତିର କରୁନାହାଁନ୍ତି । ପୂର୍ବ ବିଇଓ ଅଧିର ତରାଇଙ୍କ ଅପେକ୍ଷା ବର୍ତ୍ତମାନର ବିଇଓ ଅଧିକ ଦିର୍ନିତୀଗ୍ରସ୍ତ ହୋଇପଡ଼ିଛନ୍ତି । ଆଗରୁ ଶ୍ରୀ ତରାଇ ଥିଲାବେଳେ ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିଲା। ତେଣୁ ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ତାଙ୍କୁ ଏଠାରୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ଯେଉଁ ମହାଶୟା ବିଇଓ ଭାବେ ଯୋଗଦେଲେ ସିଏ ଯେ ଏତେ ଦୁର୍ନିତୀଗ୍ରସ୍ତ ହୋଇପଡ଼ିବେ କେହି ଆଶା କରିନଥିଲେ । କାରଣ ବର୍ତ୍ତମାନର ବିଇଓଙ୍କ କାର୍ଯ୍ୟଶୈଳୀ ଦେଖିଲେ ଯେ କେହି ସନ୍ଦେହ ପ୍ରକଟ କରିବେ । ତାଙ୍କ ସମୟରେ ବିଦ୍ୟାଳୟ ଖୋଲିବା ଓ ବନ୍ଦ ହେବା ସରକାରୀ ନିୟମ ଉଲଙ୍ଘନ କରୁଛି । ବିଇଓ କେତେବେଳେ ଅଫିସ୍‌ରେ ନ ରହି କେବଳ ଟୁର୍ କରିବା ଓ ବିଦ୍ୟାଳୟ ମାନଙ୍କରେ ଭୋଜିଭାତରେ ମାତୁଥିବା ଜଣାପଡ଼ିଛି । ଏ ନେଇ ବିଇଓଙ୍କୁ ପ୍ରଶ୍ନ କଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାଁନ୍ତି । ବରଂ ପ୍ରଶ୍ନକର୍ତ୍ତାଙ୍କୁ ତୁମେ କିଏ ବୋଲି ପ୍ରଶ୍ନ କରୁଛନ୍ତି । ଯାହା ଶୁଣାଯାଏ ପୂର୍ବ ବିଇଓ ଶ୍ରୀ ତରାଇ ଏବେ ଯେଉଁଠି କାର୍ଯ୍ୟ କରୁଛନ୍ତି, ଭଲ କରୁଛନ୍ତି । ହେଲେ ବନ୍ତ ବିଇଓଙ୍କ କାର୍ଯ୍ୟରେ ସମସ୍ତେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ବ୍ଲକ୍ ଶିକ୍ଷା ସମ୍ବନ୍ଧୀୟ କୌଣସି ତଥ୍ୟ ଆର.ଟି.ଆଇ ରେ ମାଗିଲେ ମିଳୁନି । ବିଇଓ ଆର.ଟି.ଆଇ କର୍ମୀଙ୍କ ଫୋନ୍ ଉଠାଉନାହାଁନ୍ତି । ଯେଉଁମାନେ କୌଣସି ତଥ୍ୟ ପାଇଁ ବିଇଓ ଅଫିସ୍ ଯାଉଛନ୍ତି । ସେଠାରେ ପିଇଓ କହୁଛନ୍ତି, ଏବେ ନୁହେଁ ପରେ ଆସ । ବିଇଓ ଅଫିସ୍‌ରେ ଚାଲୁଥିବା ଦୁର୍ନୀତିକୁ ନେଇ ଆଗାମୀ ଦିନରେ ଆର.ଟି.ଆଇ କର୍ମୀ ଧାରଣାରେ ବସିବେ ବୋଲି ସୂଚନା ମିଳୁଛି । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।

# ପହିଲାରୁ କେବଳ ହଲ୍‌ମାର୍କ ସୁନା



**ଭୁବନେଶ୍ୱର :** ସୁନା କିଣିବା ବେଳେ ଆଉ ମାନକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିବେନି ଗ୍ରାହକ। ରାଜ୍ୟର ସବୁ ଗହଣା ଦୋକାନରେ ବିକ୍ରି ହେବ ହଲମାର୍କ ଯୁକ୍ତ ସୁନା ଗହଣା। ଏପ୍ରିଲ ପହିଲାରୁ ସାରା ରାଜ୍ୟରେ ବାଧ୍ୟତାମୂଳକ ହେବାକୁ ଯାଉଛି ହଲମାର୍କିଂ ସୁନା ଗହଣା ବିକ୍ରି। ଫଳରେ ଏଣିକି କୌଣସି ଗହଣା ଦୋକାନରୁ କେହି ସୁନା କିଣିବା ବେଳେ ଶୁଦ୍ଧତା ନେଇ ଆଉ ଠକାମୀରେ ପଡ଼ିବାର ଆଶଙ୍କା ନାହିଁ। ପୂର୍ବରୁ ରାଜ୍ୟର ୯ଟି ଜିଲ୍ଲାରେ ହଲମାର୍କ ଗହଣା ବିକ୍ରିକୁ ବାଧ୍ୟତାମୂଳକ କରାଯାଇଥିଲା। କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଗ୍ରାହକ। ସେପଟେ ସୁନା ହଲମାର୍କିଂ ନେଇ ସରକାରଙ୍କ ନୂଆ ନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ଭୁବନେଶ୍ୱରରେ ଏକ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଗହଣା ବ୍ୟବସାୟୀଙ୍କୁ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଛି ଭାରତୀୟ ମାନକ ବ୍ୟୁରୋ ବିଆଇଏସ୍। ତେବେ ନଜର ପକାନ୍ତୁ କ'ଣ ଏହି ନୂଆ ହଲ୍‌ମାର୍କିଂ ବ୍ୟବସ୍ଥା? ବିଶେଷଜ୍ଞଙ୍କ ମତରେ, ନୂଆ ବ୍ୟବସ୍ଥାରେ ବିକ୍ରି ହେବାକୁ ଥିବା ପ୍ରତି ସୁନା ଗହଣାରେ ରହିବ ୩ଟି ମାର୍କ। ଗୋଟିଏ ବିଆଇଏସ୍ ଲୋଗୋ, ସୁନା ଗହଣା ଶୁଦ୍ଧତାର ଚିହ୍ନ ଓ ଏଚ୍‌ୟୁଆଇଡି। ଏଚ୍‌ୟୁଆଇଡିରେ ୬ଟି ନମ୍ବର ବିଶିଷ୍ଟ କୋଡ୍ ରହିବ। ଏହି କୋଡ୍ ମାଧ୍ୟମରେ ବିଆଇଏସ୍ କେୟାର ଆପ୍ ଜରିଆରେ ସୁନା ଗହଣାର ଶୁଦ୍ଧତା, ଏହାର ନିର୍ମାତା ଓ ହଲ୍ ମାର୍କିଂ କରିଥିବା ସଂସ୍ଥା ଓ ବିକ୍ରି କରିଥିବା ଗହଣା ପ୍ରତିଷ୍ଠାନ ସମ୍ପର୍କରେ ସବୁ ଜାଣିପାରିବେ ଗ୍ରାହକ।






# ଜୁନ୍ ମାସ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଜନଶୁଣାଣି

**ଜଗତସିଂହପୁର :** ଜିଲ୍ଲାପ୍ରଶାସନ ପକ୍ଷରୁ ଏପ୍ରିଲ୍ ମାସ ଠାରୁ ଜୁନ୍ ମାସ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର କେଉଁ କେଉଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ଖବର ପ୍ରକାଶ କରାଯାଇଛି। ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଏପ୍ରିଲ୍ ମାସ ୩ ତାରିଖ ଦିନ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ଏପ୍ରିଲ୍ ୧୦ତାରିଖ ଦିନ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ଏପ୍ରିଲ୍ ୧୭ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏପ୍ରିଲ୍ ୨୪ ତାରିଖ ଦିନ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ ବୋଲି ସମୟ ନିର୍ଦ୍ଧାରିତ କରାଯାଇଛି। ସେହିପରି ମେ ମାସ ୧ ତାରିଖ ଦିନ ବିରିଡି ବ୍ଲକ କାର୍ଯ୍ୟାଳୟ, ମେ ୮ତାରିଖ ଦିନ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ମେ ୧୫ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମେ ୨୨ତାରିଖ ଦିନ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଓ ମେ ମାସ ୨୯ତାରିଖ ଦିନ ଏରସାମ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସେହିପରି ଜୁନମାସ ୫ତାରିଖ ଦିନ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ଜୁନ ୧୨ତାରିଖ ଦିନ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ଜୁନ୍ ୧୯ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଜୁନ୍ ୨୬ତାରିଖ ଦିନ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ସବୁ ସ୍ଥାନମାନଙ୍କରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଉପ-ଜିଲ୍ଲାପାଳ, ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିବେ। ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇ ନିଜ ନିଜର ଆପତି ଅଭିଯୋଗ ବିଚାର ପାଇଁ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।






# ବଜ୍ରପାତରେ ୩ ବର୍ଷରେ ୮୮୧ ଜଣଙ୍କ ମୃତ୍ୟୁ



**ଭୁବନେଶ୍ୱର :** ରାଜ୍ୟରେ ଗତ ତିନି ବର୍ଷ ମଧ୍ୟରେ ବଜ୍ରପାତରେ ୮୮୧ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ୫୨ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏଥିନିମନ୍ତେ ଅନୁକମ୍ପାମୂଳକ ସହାୟତା ରାଶି ବାବଦରେ ୩୫ କୋଟି ୨୪ ଲକ୍ଷ ଟଙ୍କା ଦିଆଯାଇଛି ବୋଲି ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟ ସରକାର ୨୦୧୫ ଏପ୍ରିଲ୍ ପହିଲାରୁ ବଜ୍ରପାତକୁ ରାଜ୍ୟ ସ୍ୱତନ୍ତ୍ର ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବଜ୍ରପାତ ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ବଜ୍ରପାତର ଆଗୁଆ ସୂଚନା ଜାଣିବା ପାଇଁ ଓଏସଡମା ପକ୍ଷରୁ ଆନ୍ତର୍ଜାତୀୟ ସଂସ୍ଥା ଆର୍ଥ ନେଟୱାର୍କ ସହ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ରାଜ୍ୟର ୮ଟି ସ୍ଥାନ ଯଥା- କେନ୍ଦୁଝର, ବଲାଙ୍ଗୀର, ବ୍ରହ୍ମପୁର, ଜୟପୁର, ରାଉରକେଲା, ଭୁବନେଶ୍ୱର, କଟକ ଓ ପାଣିକୋଇଲିଠାରେ ଲାଇଟିନିଙ୍ଗ୍ ଡିଟେକସନ୍ ସେନ୍ସର ସ୍ଥାପନ କରାଯାଇଛି। ଏହାଛଡ଼ା ଆର୍ଥ ନେଟୱାର୍କ ଦ୍ୱାରା ସ୍ଥାପିତ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରେ ଥିବା ଡିଟେକସନ୍ ସେନ୍ସର ମାଧ୍ୟମରେ ରାଜ୍ୟରେ ବଜ୍ରପାତ ହେବା ସ୍ଥାନର ସୂଚନା ମିଳିପାରୁଛି ବୋଲି ମନ୍ତ୍ରୀ କହିଛନ୍ତି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**